ରାଖୀ ସାୱନ୍ତଙ୍କ ବିରୋଧରେ ୱାରେଣ୍ଟ

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

“ପବିତ୍ର ନବମୀ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ ‘ସଂଚାର’ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ

Vol. 34 | ISSUE 208 ଭାଗ ୩୪ | ସଂଖ୍ୟା ୨୦୮ | Monday 19 October 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୧୯ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଟାଇଗର ଶ୍ରଫ୍‌ଙ୍କୁ ଗୁଳିମାଡ଼

ମୁମ୍ବାଇ, ୧୮।୧୦: ମୁମ୍ବାଇର ଜୁହୁସ୍ଥିତ ପୃଷ୍ଠା ପାର୍କରେ ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ଉପରେ ଦୁର୍ବୃତ୍ତମାନେ ଅତି ନିକଟରୁ ଗୁଳିମାଡ଼ କରିଛନ୍ତି। ବାଇକ୍‌ରେ ଆସିଥିବା ତିନିଜଣ ଦୁର୍ବୃତ୍ତ ତାଙ୍କ ଉପରେ ଆକ୍ରମଣ କରିଥିବା ଜଣା ପଡ଼ିଛି। ପୂର୍ବରୁ ତାଙ୍କୁ ହତ୍ୟା ଧମକ ମିଳିଥିଲା। ଏହି ଆକ୍ରମଣ ପାଇଁ ଗ୍ୟାଙ୍ଗଷ୍ଟର ଅନିଲ ପଣ୍ଡିତ ଓ ହରମନ ସନ୍ଧୁ ନିଜକୁ ଦାୟୀ କରିଛନ୍ତି। ସୌଭାଗ୍ୟବଶତଃ ଟାଇଗର ସୁରକ୍ଷିତ ଥିବା ତାଙ୍କ ପିତା ତଥା ଅଭିନେତା ଜ୍ୟାକି ଶ୍ରାଫ୍‌ଙ୍କ ଟିମ୍ ଓ ପୁଲିସ ସ୍ପଷ୍ଟ କରିଛି।

ବିଜୟୀ ଛାତ୍ର ନେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ବିଜୟ ନୂଆ କର୍ତ୍ତବ୍ୟର ପ୍ରାରମ୍ଭ

- ଛାତ୍ର ନେତାମାନେ ସରକାର ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ସେତୁ
- ଅଗଣତାନ୍ତ୍ରିକ ଭାବେ ବନ୍ଦ ହୋଇଥିଲା ନିର୍ବାଚନ
- ଛାତ୍ରଛାତ୍ରୀଙ୍କ ହଷ୍ଟେଲ ସମସ୍ୟାର ହେବ ସମାଧାନ

ଭୁବନେଶ୍ୱର,୧୮।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନ ବିଜୟୀ ଛାତ୍ରଛାତ୍ରୀମାନେ ଭାବିବା ଉଚିତ ଯେ ଏହି ବିଜୟ କୌଣସି ଅହଙ୍କାରର ବିଷୟ ନୁହେଁ, ବରଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟର ପ୍ରାରମ୍ଭ ମାତ୍ର। ଜଣେ ନେତା ହେବାର ଅର୍ଥ କେବଳ ରାଜନୀତିରେ ସୀମିତ ରହିବା ନୁହେଁ; ସାଧାରଣ ଛାତ୍ରଛାତ୍ରୀଙ୍କ ଶିକ୍ଷା, ହଷ୍ଟେଲ ଓ କ୍ରୀଡ଼ା ଭଳି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା ସହ ସରକାରୀ ଜନକଲ୍ୟାଣ ଯୋଜନାର ଲାଭ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ସେତୁ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ଆଜି କଟକରେ ବିଜୟୀ ଛାତ୍ର ନେତାଙ୍କୁ ସମ୍ବୋଧନ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଛାତ୍ର ସଂସଦ ନିର୍ବାଚନକୁ ନେଇ ବିରୋଧୀ ବିଜେଡିକୁ ଟାର୍ଗେଟ କରି ସେ କହିଥିଲେ ଯେ ପୂର୍ବ ସରକାର ୨୦୧୭ରୁ ଦୀର୍ଘ ପ୍ରାୟ ଏକ ଦଶନ୍ଧି ଧରି ନିର୍ବାଚନ ବନ୍ଦ ରଖି କ୍ୟାମ୍ପସରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ଥଗିତ କରିଦେଇଥିଲେ। ବିଡ଼ମ୍ବନାର ବିଷୟ, ଛାତ୍ର ଆନ୍ଦୋଳନରୁ ରାଜନୀତି ଆରମ୍ଭ କରିଥିବା ତତ୍କାଳୀନ ଶାସକ ଦଳର ଶୀର୍ଷ ନେତୃବୃନ୍ଦ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ନିଜ ମୁଖିଆଙ୍କ ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ ନ କରି ନୀରବ ରହିଥିଲେ, କାରଣ ଛାତ୍ର ସମାଜ ଉପରେ ସେମାନଙ୍କର ଆସ୍ଥା ନଥିଲା। ପୃଷ୍ଠା-୬



ପାର୍ବଣରେ ପଡ଼ିଲା ରକ୍ତର ଛିଟା

- ବାଲିଯାତ୍ରା ପଡ଼ିଆରେ ନାବାଳକଙ୍କୁ ନିର୍ମମ ହତ୍ୟା
- ୧୦୦ ମିଟର ପର୍ଯ୍ୟନ୍ତ ପଡ଼ିଛି ରକ୍ତଛିଟା

କଟକ, ୧୮।୧୦ (ସଂଚାର ପ୍ୟୁରୋ) : କଟକ ବାଲିଯାତ୍ରା ତଳ ପଡିଆ ନଦୀ ପଠାରେ ଏକ ନିର୍ମମ ହତ୍ୟାକାଣ୍ଡ ଘଟିଛି। ଜନୈକ ନାବାଳକଙ୍କୁ ଛୁରାମାଡ଼ କରି ସଂଘବଦ୍ଧ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ତାଙ୍କୁ ନଦୀପଠାକୁ ଡାକିନେଇ ସଂଘବଦ୍ଧ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି। ନଦୀପଠାରୁ ୧୦୦ ମିଟର ପର୍ଯ୍ୟନ୍ତ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ଫୋରେନସିକ୍ ଟିମ୍ ପହଞ୍ଚି ଛାନଭିନ୍ କରିଛି। କଟକ ସ୍ପେଶାଲ ସ୍କ୍ୱାଡ୍ ଏସିପି ଓ କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି ଘଟଣାସ୍ଥଳରେ ସରଜମିନ ତଦନ୍ତ କରିଛନ୍ତି।

ତେବେ ହତ୍ୟାର ଶିକାର ନାବାଳକଙ୍କର ଏପର୍ଯ୍ୟନ୍ତ ପରିଚୟ ପାଇବାରେ ପୁଲିସ ବିଫଳ ହୋଇଛି। କିଏ, କାହିଁକି ଓ କେଉଁ ଉଦ୍ଦେଶ୍ୟ ରଖି ନାବାଳକକୁ ହତ୍ୟା କଲେ ? ନଦୀପଠାକୁ ଡାକି ନେଇ ହତ୍ୟା କରିବା ପଛରେ ରହସ୍ୟ କ'ଣ ? ତା'ର ରହସ୍ୟ କାଢ଼ିବା ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ରକ୍ତ ଛିଟାରୁ ଜଣାପଡିଛି ଯେ ହତ୍ୟାକାଣ୍ଡ ଆଜି ସକାଳୁ ଘଟିଛି।

ସମ୍ପ୍ରତି ପାର୍ବଣ ଋତୁ ଚାଲିଥିବା ବେଳେ କଟକରେ ଅପରାଧ ବୃଦ୍ଧି ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ନିକଟରେ କାଠଯୋଡ଼ି କୂଳରେ ଜନୈକା ଯୁବତୀଙ୍କୁ ହତ୍ୟା କରାଯାଇ ଫିଙ୍ଗାଯାଇଥିଲା। ସେହି ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଏବେ ଅଷ୍ଟମୀ ପୂଜାରେ ନାବାଳକଙ୍କୁ ହତ୍ୟା ଘଟଣା ସାମ୍ନାକୁ ଆସିଛି, ଯାହାକୁ ନେଇ କଟକବାସୀ ଏବେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।

ଛୁଟି ଘୋଷଣା

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ଅକ୍ଟୋବର ୧୯ରୁ ୨୧ ତାରିଖ 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୩ ତାରିଖ (ଶୁକ୍ରବାର) ପ୍ରକାଶ ପାଇବ।

ପ୍ରକାଶକ

ସ୍ୱଚ୍ଛ ଭାରତ

ଜୟଶ୍ରୀ ପଟ୍ଟନାୟକ

ସମାଜକୁ ସ୍ୱଚ୍ଛ ଓ ସୁନ୍ଦର କରିବାର ସରକାରୀ ଯୋଜନା କୁ ସତ୍ୟରେ ପରିଣତ କରିବା ପାଇଁ ଅଫିସରଠାରୁ ତଳିଆ କର୍ମଚାରୀ ସମସ୍ତେ ଲାଗି ପଡିଛନ୍ତି। ଏସବୁ ଦେଖି ଗାଁ ଗାଁ ସାହି ସାହି ରେ ଚାଲିଲା ପରିବେଶ କୁ ସ୍ୱଚ୍ଛ ରଖିବାର ଅଭିଯାନ। ରାମବାବୁଙ୍କ ଘର ଆଗରେ ସରକାରୀ ସ୍କୁଲର କ୍ୱାର୍ଟର। କ୍ୟାମ୍ପସ ର ଚାରିପଟ କାନ୍ଥରେ ରଙ୍ଗବ୍ରଶ ରେ ଲେଖା ହୋଇଗଲା " ଏଠାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ।" ଏବଂ ଇଂରାଜୀରେ " Do not throw garbage inside the boundary ." ରାମବାବୁ ଙ୍କ ଘର ସାମନାରେ ସରକାରୀ କଲୋନୀ ଟା। ଅଡୁଆରେ ପଡିଗଲେ ରାମବାବୁ। କାରଣ ତାଙ୍କ ଘରେ ଗୁହାଳ ର ଗାଈ ଗୋବର ଠାରୁ ଘରର ଯେତେକ ଅଳିଆ ଆବର୍ଜନା ପକାଇବା ନିମନ୍ତେ ଇଞ୍ଚେ ବି ଜାଗା ନ ଥିଲା। ପଞ୍ଚାୟତ ଭିତରେ ରହୁଥିବାରୁ ସଫେଇବାଲା କି ଡ଼ଷ୍ଟବିନ ର କିଛି ସାଧନ ବି ନ ଥିଲା। ମୁନିସିପାଲଟି ବଡ ବଡ ସହରରେ ସିନା ଅଳିଆ ଉଠେଇବାର ବ୍ୟବସ୍ଥା ଅଛି ମ୍ୟୁନିସିପାଲିଟିର ହେଲେ ଗାଁ, ପଞ୍ଚାୟତ ଏମାନଙ୍କର ସେ ସୁବିଧା କାହିଁ ? ତେଣୁ ରାମ ବାବୁ ଅଭ୍ୟାସଗତ ଭାବରେ ପାଖରେ ଥିବା ସରକାରୀ କଲୋନୀ ର ପରିସର ଭିତରେ ଅଳିଆ ପକାଉଥିଲେ। ଯେମିତି ଦେଖି ଦେଇଛନ୍ତି ନାଲି ଅକ୍ଷର ଲେଖା ସତର୍କ ସୂଚନା ର ଦୁଇ ଧାଡି ତାଙ୍କ ମୁଣ୍ଡକୁ ପୋକ କାଟିଲା। କଣ କରିବେ ବୋଲି।

ଶେଷକୁ ଅନନ୍ୟୋପାୟ ହୋଇ ବଡି ଭୋରରୁ ଶେଯରୁ ଉଠି ସାମନାରେ ଲେଖା ଯାଇଥିବା ସୂଚନାରୁ ନାଲିଆ ରଙ୍ଗ ମାରି ଲିଭେଇଦେଲେ ଦୁଇଟି ଶବ୍ଦ ଇଂରାଜୀରେ "Do Not" ଆଉ ଓଡ଼ିଆରେ "ନାହିଁ" । ଏଥର ରହିଲା ବାକିତକ ଲେଖା ସହି ସଲାମତ ରେ। ଧାଡି ଦୁଇଟି ହେଲା "Throw garbage inside the boundary" ଆଉ ଓଡ଼ିଆ ରେ

" ଏଠାରେ ଅଳିଆ ପକାନ୍ତୁ " ବାସ ଏବେ କାମ ଶେଷ। ଏକ ସ୍ୱଚ୍ଛ ଓ ନିର୍ମଳ ପରିବେଶ ତିଆରି କରିବାରେ ସେ ସମ୍ପୂର୍ଣ୍ଣ ସଫଳ ହୋଇଗଲେ। ଆଉ ଗାନ୍ଧୀଙ୍କର ସ୍ୱଚ୍ଛ ଭାରତ ଅଭିଯାନ ସ୍ୱପ୍ନ କୁ ସାର୍ଥକ କରିଦେଲେ। ତା ପରଦିନ ସରପଞ୍ଚ ଏ ନେଇ ସଭା ଟିଏ ଡକେଇଲେ। ସାହିର ଯେତିକି ପୁରୁଖା ଓ ଗଣ୍ୟ ମାନ୍ୟ ବ୍ୟକ୍ତି ସଭାରେ ଉପସ୍ଥିତ ରହି ମତାମତ ଦେଲେ। ଏଥର ପଡିଲା ରାମବାବୁଙ୍କ ପାଳି। ରାମବାବୁ ସାହି ର ଜଣେ ଆଗଧାଡ଼ି ର କୁଜିନେତା।

ଧୋବ ଧାଉଳିଆ ଧୋତି କୁ ପକେଟରେ ଟିକେ ଗୁଂଜି ଭାଷଣ ଦେବାକୁ ଆରମ୍ଭ କଲେ। ବନ୍ଧୁଗଣ ! ଆମେ ଆମର ଚାରି ପାଖର ପରିବେଶ କୁ ସଫା ରଖି ନିରୋଗ ରହିପାରିବା। ପରିବେଶ ସଫା ରଖି ସମାଜର ଉନ୍ନତି କରିପାରିବା। ଅନ୍ୟ ମାନଙ୍କୁ ସ୍ୱଚ୍ଛ ଓ ନିର୍ମଳ ପରିବେଶ ଗଠନ ପାଇଁ ସଚେତନ କରିପାରିବା। ଏହା ଦ୍ୱାରା ଗାନ୍ଧିଜୀ ଙ୍କର ସୁସ୍ଥ ଓ ସୁନ୍ଦର ଭାରତ ର ସ୍ୱପ୍ନ କୁ ସାକାର କରିପାରିବା। ସଭା ଭିତରୁ ପିଲାଟିଏ ଛିଡା ହୋଇ ଅଧା ଲୁଚି କହିଦେଲା - ଆପଣ ସିନା ଓଜସ୍ୱିନୀ ଭାଷଣ ଦେଇଦେଲେ ନିଜେ ଏସବୁ ପାଳନ କରୁଛନ୍ତି ତ ଆଜ୍ଞା ? ରାମବାବୁ ଚଷମା ଫାଙ୍କ ରୁ ଖୋଜୁଥିଲେ କିଏ କହିଲା ଏ କଥା ବୋଲି। ଟିକିଏ ଭାବିଲେ ସରକାରୀ କ୍ୱାର୍ଟର ର ବାଉଣ୍ଡାରୀ କାନ୍ଥ ରେସତର୍କ ସୂଚନା ଧାଡି ରୁ ଲିଭେଇଥିବା ଦୁଇଟି ଶବ୍ଦ "Do not , "ଆଉ "ନାହିଁ " କଥାଟା ପିଲାଟି ତାହେଲେ ଦେଖି ଦେଇଛି ବୋଧେ। ନ ହେଲେ ଏମିତି କୁହନ୍ତା କାହିଁକି ?

ଏଥର ରାମବାବୁ କୃତ୍ରିମ ହସ ଟିଏ ହସିଲେ। ଆଉ କଣ କହିବାକୁ ଯାଉଥିଲେ ପିଲାଟି ତାଙ୍କ ଅବଗୁଣକୁ ପଦାରେ ପକାଇଦେବାରୁ ଲଜ୍ଜିତ ହୋଇଗଲେ। ଏତିକି ଭାବୁ ଭାବୁ ହୋ ହଲ୍ଲା ଆଉ କରତାଳିରେ ଫାଟି ପଡୁଥିଲା ସଭା ସ୍ଥଳୀ।ତାଙ୍କ କାନରେ କିଏ ଯେମିତି କହୁଥିଲା ନିଜେ ଆଗ ପରିବେଶ କୁ କିପରି ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ହେବ ସେ କଥା ଶିକ୍ଷାକର ତାପରେ ଏକଥା ସମାଜକୁ ଶିଖେଇବା।ସଭା ଶେଷ ହେଲା ପରେ ବଗୁଲିଆ ଟୋକାଟା ହସି ହସି କହିଲା --ଅଜା ତୁମେ ନିଜେ ତ ଗୋବର, ଅଳିଆ ପକାଉଛ ସରକାରୀ କ୍ୱାଟର କ୍ୟାମ୍ପସ ରେ। ସେଦିନ ନିଜ ହାତରେ ଲିଭେଇଦେଲ ସତର୍କ ସୂଚନା ରୁ ଯାହା, ମୁଁ ଦେଖିଛି ସେ କଥା। ଏତିକି କହୁ କହୁ ରାମବାବୁ ତା ପାଟିକୁ ଚୁପ ଚୁପ କରି ଦେଉଥିଲେ। ଏସବୁ କଥା କହିଲେ ତାଙ୍କୁ ସଭାରେ ଲଜ୍ଜିତ ହେବାକୁ ପଡିବ ବୋଲି। ପକେଟରୁ ଦୁଇଟି ଚକୋଲେଟ କାଢ଼ି ପିଲାଟିକୁ ଖାଇବାକୁ ଦେଲେ ଏବଂ ଘରକୁ ଯା ବୋଲି କହିଲେ। ପିଲାଟି ନାଚି କୁଦି ଘର ଆଡ଼କୁ ଚାଲିଗଲା।

ଭୁବନେଶ୍ୱର



ମୋ ଗାଁ

ଡ଼. ଚନ୍ଦ୍ରକଳା ନାୟକ

ନୂଆଁଣିଆ ଚାଳଘରେ ଜନମ ମୋହର
ଏଇଠି ସକାଳ ଦେଖିଛି
ବିଲ ପାହାଡ ଝରଣା ଗାଧୁଆ
ମନେ ସଦା ମୋର ପଡୁଛି।
ସାଥୀଙ୍କ ମେଳରେ ପୋଖରୀ ତୁଠରେ
କେତେ କେତେ ଗୀତ ଗାଇଛି
ସେଥିପାଇଁ ବୋଧେ ମୋ ଗାଁ ଆଜି
ମନକୁ ସଦା ତ ଟାଣୁଛି।
ସନିଆ ମଉସା ସକାଳୁ ସକାଳୁ
ଲଙ୍ଗଳ ଧରି କି ଯାଉଛି
ଦୁଃଖ କଷ୍ଟ ସହି ଦମ୍ ଧରି କରି
ପୁଅକୁ ଶିକ୍ଷିତ କରିଛି।
ପୁଅଟା ଏବେ ତ ଚାକିରୀ କରିକି
ବଡ ହାକିମଟେ ହୋଇଛି
ଗାଁକୁ ଆସିଲେ ଫୁଟାଣି ଦେଖାଇ
ଖଣ୍ଡି ଇଂରାଜୀ ତ କହୁଛି।
ତଥାପି କାହିଁକି ମୋ ଗାଁ ଆଜି
ମନକୁ ଭାରି ତ ଟାଣୁଛି
ମୋ ଗାଁ ତୋରାଣୀ ବଢ଼ିଚୁରା ଶାଗ
ଗାଁ ପିଲାଙ୍କୁ ଆଜି ଗନ୍ଧାଉଛି
ତାଓମିନି ପିଜା ଫାଷ୍ଟଫୁଡ ସବୁ
ଆଖି ଆଗେ ନାଚି ଯାଉଛି।
ବୁଢାବାପଟା ବିଚରା ଚୁଲି ମୁଣ୍ଡଟାରେ
କର୍ମକୁ ଗଞ୍ଜଣା ଦେଉଛି
ପୁଅର ଚରିତ୍ର ବଦଳି ଯିବାରୁ
ଭାଗ୍ୟକୁ ସଦା ସେ ନିନ୍ଦୁଛି।
ମୋ ଗାଁ ମାଟି ମୋ ଦାଣ୍ଡଧୂଳି
ଟହ ଟହ ସଦା ବାସୁଛି
ବସନ୍ତ ଶରତ ଯେତେ ଋତୁ ସବୁ
ମନଖୋଲି ଏଠି ଖେଳିଛି।
ଶରତ ଆସିଲେ କାଶତଣ୍ଡୀ ଫୁଲେ
ବରଷା ଲହରୀ ଖେଳୁଛି
ମୋ ଗାଁ ଯେତେ ମୋ ଲାଗି ଦେଇଛି
ମୁଣ୍ଡ ସଦା ନଇଁ ଯାଉଛି।
ସହରୀ ଜୀବନ ଗାଁ ପାଖେ ଛୋଟ
ଏଠି ମାଟି ମାଆ ସବୁ ଦେଇଛି
ମୋ ଜୀବନ ଧନ୍ୟ ଏଇଠି ଜନମ
ଏବେ ବି ମୋ ଗାଁ ହସୁଛି।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର ,
ମୋବାଇଲ୍: ୯୪୩୭୯୫୭୭୧୭

ମେଢ଼ ଦେଖିଗଲେ ଅଜା ଆଈ

ଡ଼ଃ ଅନୁପମା ବିଶ୍ୱାଳ

ଖଦଡ଼ ଧୋତିରେ ସଜ ହୋଇ ଅଜା
ଠକ୍ ଠକ୍ ଧରି ବାଡ଼ି
ଆଈ ଚାଲିଲେଣି ତାଙ୍କରି ପଛରେ
ପିନ୍ଧି ନାଲି ଧଡି ଶାଢ଼ୀ।
ଦଶହରା ଦିନେ ବାହାରି ପଡିଲେ
ମେଢ଼ ଦେଖିବାକୁ ଦୁହେଁ
ପହଞ୍ଚି ଦେଖିଲେ ରଙ୍ଗବେରଙ୍ଗର
ତୋରଣ ଫାଟକ ମୁହେଁ।
ସୁନା ରୂପା ମେଢ଼େ ମାଆଙ୍କ ମୂରତି
ଦିଶୁଛି କି ମନୋହର
ଅସୁରକୁ ମାରି ମା ସିଂହବାହିନୀ
ତୁଟାନ୍ତି ସବୁରି ଡର।
ଯୋଡ଼ହସ୍ତ କରି ଅଜା ଆଈ ବସି
ମୁଣ୍ଡିଆ ମାରିଲେ ତଳେ
ଘର ସଭିଙ୍କର ମଙ୍ଗଳ ମନାସି
ଆଖି ଭିଜିଗଲା ଜଳେ।
ମେଢ଼ ଦେଖି ସାରି ମଉଜ ମନରେ
ବଜାରେ ବୁଲିଲେ ଯାଇ
ଜିଲାପି ମିଠେଇ ବରା ଆଳୁଚପ
କିଣିଲେ ବାଟରେ ଥାଇ।
ନାତି ନାତୁଣୀଙ୍କ ପାଇଁକି ଆଣିଲେ
କାଠର ଘୋଡ଼ା ,ବଇଁଶୀ
ଘରକୁ ଫେରିଲେ ଅଜା ଆଈ ଦୁହେଁ
ହୋଇଣ ବହୁତ ଖୁସି।

ସମ୍ବଲପୁର

ବିଜୟା ଭବାନୀ

ଜୟଶ୍ରୀ ପଟ୍ଟନାୟକ

ସକଳ ସୃଷ୍ଟିର ଆରାଧ୍ୟା ମା ତୁହି ଦୟାମୟୀ ବିଶ୍ୱ ଜନନୀ
ଶାରଦୀୟ ପୂଜା ଶେଫାଳି ବାସରେ ଆସ ମା ସିଂହବାହିନୀ
କାଶତଣ୍ଡୀ ହସେ ଆଲଟ ଚାମରେ ତୁମ ଶୁଭ ଆଗମନୀ ରେ
ଦୁଷ୍ଟ ନାଶି ସଦ୍ଧ ପାଳିବାର ପାଇଁ ଅବତରୁ ଧରା ଧାମ ରେ..।

ନବରାତ୍ରିରେ ତୋର ଆବିର୍ଭାବ ନଅ ରୂପୀ ଦେବୀ ରୂପରେ
ଭକ୍ତ କରୁଥାଏ ନିଷ୍ଠା ଉପାସନା ତାର ଇଚ୍ଛା ପୂରଣରେ
ପ୍ରଥମ ଦିବସେ ଶୈଳପୁତ୍ରୀ ମାଆ ଦ୍ୱିତୀୟରେ ବ୍ରହ୍ମଚାରିଣୀ
ତୃତୀୟ ଦିବସେ ଚନ୍ଦ୍ରଘଣ୍ଟା ନାମେ ଚତୁର୍ଥେ କୁଷ୍ମାଣ୍ଡା ଜନନୀ...।

ପଞ୍ଚମ ଦିବସେ ରୂପ ସ୍କନ୍ଦମାତା ଷଷ୍ଠ ରେ ତୁ କାତ୍ୟାୟନୀ
ସପ୍ତମ ଦିବସେ କାଳରାତ୍ରି ରୂପେ ଅଷ୍ଟମେମହାଗୌରୀ ରୂପିଣୀ
ନବମରେ ଅଟୁ ସିଦ୍ଧି ଦାତ୍ରୀ ମା ନଅ ରୂପେ ବିଶ୍ୱ ଜନନୀ
ଚଇତରେ ତୁହି ବାସନ୍ତୀ ଦୁର୍ଗା ଶରତେ ବିଜୟା ଭବାନୀ...।
ଘେନ ମା ପ୍ରଣତି କଲ୍ୟାଣୀ ଶିବାନୀ ଭବାନୀ ଗୋ ମହାଦେବୀ
ପ୍ରକୃତି ମଣ୍ଡିତା ସୌନ୍ଦର୍ଯ୍ୟ ଶାଳିନୀ କି ଉପମା ତୋତେ ଦେବି
ତୋ ଆଶିଷରେ ହସୁ ସାରା ସଂସାର କାମନା ଏତିକି ମାଆ
ଅଧର୍ମ ବିନାଶି ଧର୍ମ ସ୍ଥାପନାରେ ହୋଇଥାଅ ସଦା ସାହା...।

ମଧୁସୂଦନ ନଗର, ଜଟଣୀ, ଖୋର୍ଦ୍ଧା
ମୋବାଇଲ୍:୭୯୭୮୧୧୦୪୭୪

କାଳରାତ୍ରି

ଶୁଭେନ୍ଦୁ ମେହେର

ନିଶୀଥର ଘୋର ରୂପେ ଆବିର୍ଭୂତା କାଳରାତ୍ରି ନାଶିବାକୁ ପାପ,
ଚନ୍ଦ୍ରହାସ ଧାରୀ ମାଆ ହରୁଛ ଗୋ ବିଶ୍ୱବାସୀ ଜନଙ୍କ ସନ୍ତାପ ।
କରାଳ ବଦନା ଦେବୀ ଶତସୂର୍ଯ୍ୟ ସମ ପ୍ରଭା ଦେଖାଅ ଗୋ ମାଆ,
ବିଦ୍ୟୁତର ମାଳା ପ୍ରାୟ ଚମକଇ କଣ୍ଠେ ତୁମ ଅଲୌକିକ କାୟା ।

ଭୟଙ୍କରୀ ମୂର୍ତ୍ତି ମଧ୍ୟେ ବିକଶିତ ହୁଏ ତୁମ ଶାଶ୍ୱତ ମାଧୁରୀ,
ଭକ୍ତ ମନେ ଭରିଦିଅ କରୁଣାର ଅମୃତ ଗୋ ପ୍ରେମର ଲହରୀ ।
ଅଜ୍ଞାନ ଅନ୍ଧାର ନାଶି ଜାଳିଦିଅ ଦେବୀ ତୁମ ଜ୍ଞାନର ପ୍ରଦୀପ,
ସଂସାରର କଷ୍ଟରୁ ଗୋ ରକ୍ଷାକର ଦେଇ ତୁମ ଶ୍ରୀପଦ ସମୀପ ।

ଶୁଭଙ୍କରୀ ରୂପେ ମାଆ ସର୍ବଦା ଗୋ ତୁମେ କର ମଙ୍ଗଳ ବିଧାନ,
ତୁମରି ଆଶିଷ ବଳେ ଧନ୍ୟ ହୁଏ ଜୀବନର ପ୍ରତିଟି ସ୍ପନ୍ଦନ ।
କାଳରୂପୀ ସମୟର ନିୟନ୍ତା ଗୋ ତୁମେ ମାଆ ପରମ ଇଶ୍ୱରୀ,
ସମର୍ପିତ ଚିତ୍ତେ ଆଜି ବନ୍ଦନା କରୁଛି ମାତ ବିଶ୍ୱ ଚରାଚରୀ ।
ତବ ପାଦ ପଦ୍ମେ ମାଆ ଶରଣ ଗୋ ପାପ ତାପ ନାଶ ଜଗତର ,
ଅଲୌକିକ ଦିବ୍ୟ ଜ୍ୟୋତି ଭରିଦିଅ ଦୟା କ୍ଷମା ସବୁରି ଅନ୍ତର ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪

ଶାରଦୀୟ ନବରାତ୍ରି

ବାସନ୍ତୀ ଲତା ଜେନା

ଶାରଦୀୟ ପୂଜା ଶରତ ଋତୁରେ
ଶଙ୍ଖ ଧ୍ୱନି ପାର୍ବଣର
ଆକାଶରେ ଭାସେ ଧଳା ମେଘ ଖଣ୍ଡ
ପୂଜକ୍ତି ମତା ପୟର (ଘୋଷା)
ନିର୍ମଳ ଆକାଶେ ଜହ୍ନ ତାରା ହସେ
ମର୍ତ୍ୟ ଭୂମି ଖୁସି ଭରା
କାଶତଣ୍ଡି ନାଚେ ନଦୀ ପଠା ଧାରେ
ମାତାର ସ୍ୱାଗତେ ତୋରା
ଆଶ୍ୱିନ ଶୁକ୍ଳରେ ନବରାତ୍ରି ଆସେ
ନବ ରୂପ ଦୁର୍ଗାଙ୍କର
ଶାରଦୀୟ ପୂଜା..... ।୧।
ପ୍ରଥମ ଦିବସେ ଶୈଳ ପୁତ୍ରୀ ରୂପ
ଦ୍ୱିତୀୟେ ବ୍ରହ୍ମ ଚାରିଣୀ
ତୃତୀୟରେ ତୁମେ ହେଲ ଚନ୍ଦ୍ର ଘଣ୍ଟା
ଚତୁର୍ଥେ କୁଷ୍ମାଣ୍ଡା ପୁଣି
ପଞ୍ଚମରେ ତୁମେ ହେଲ ସ୍କନ୍ଦମାତା
ଷଷ୍ଠେ କାତ୍ୟାୟିନୀ ତୋର
ଶାରଦୀୟ ପୂଜା..... ।୨।
ସପ୍ତେ କାଳରାତ୍ରି ଉପାସନା ତୋର
ଅଷ୍ଟମରେ ମହାଗୌରୀ
ନବମରେ ତୁମେ ସିଦ୍ଧି ଦାତ୍ରୀ ହେଲ
ସ୍ନେହମୟୀ ଭୟଙ୍କରୀ
ଅସୁରୀୟ ଗୁଣ ନାଶ କରିବାକୁ
ଭିନ୍ନ ଭିନ୍ନ ରୂପ ତୋର
ଶାରଦୀୟ ପୂଜା..... ।୩।
ଚତୁର୍ଭୁଜା ତୁହି ଅଷ୍ଟଭୁଜା ତୁହି
ସହସ୍ର ଭୁଜା ତୋହର
ସିଂହ ବାହିନୀ ତୁ ମହିଷାମର୍ଦ୍ଦିନ୍
ସତ୍ୟ ଧର୍ମ ରକ୍ଷା କର
ପାପ ବିନାଶିନୀ ଅଭୟ ଦାୟିନୀ
କରୁଣାର ପାରାବାର
ଶାରଦୀୟ ପୂଜା..... ।୪।

ଗାନ୍ଧୀନଗର, ନବରଙ୍ଗପୁର

ଆସ ମାଆ ଦୁର୍ଗା ଜଗତଜନନୀ

ଡଃ ତାନଶ୍ରୀ ପାଣିଗ୍ରାହୀ

ଆସ ମାଆ ଦୁର୍ଗା ଦୁର୍ଗତିନାଶିନୀ
ଅଭିନନ୍ଦନ ମୋ ଘେନ
ଧୂପ, ଦୀପ, ପୁଷ୍ପ ନୈବେଦ୍ୟ ସମର୍ପି
ପୂଜିବୁ ତୁମ ଚରଣ...

ଶରତ ସାଥିରେ ମରତ ମାଟିକୁ
ଆସ ମା ବିଶ୍ୱଜନନୀ
ଚାମର ବିଆଇ କାଶତଣ୍ଡୀ ହସେ
ସରସୀରେ ଫୁଲକଇଁ...

ଧବଳ ଟଗର ଝରା ଶେଫାଳି ବି
ଆବାହନୀ ଗୀତ ଗାଇ
ଧାନକେଣ୍ଡା କ୍ଷେତେ ମଥାକୁ ନୁଆଁଇ
ତୁମକୁ ରହିଛି ଚାହିଁ...

ଶରତ ଆକାଶ ମନ୍ଦ ମନ୍ଦ ହସେ
ମେଘକୁ ଦେଇ ମେଲାଣି
ପ୍ରକୃତିର ରାଣୀ ନବ ପଲ୍ଲବିତ
ତୁମରି ଆସିବା ପାଇଁ...

ନିରୀହ ଜୀବନ ଶ୍ୱାସରୁଦ୍ଧ ଆଜି
ଉଦ୍ଧାର କର ହେ ଆସି ଆସି
ଏ ମାଟି ବକ୍ଷରେ ମହିଷା ବିନାଶେ
ଚଳାଅ ତୁମର ମସୀ...

ଆସ ମା ଭବାନୀ ହେ ବିଶ୍ୱ ଜନନୀ
ଧର୍ମ ସଂସ୍ଥାପନା କରି
ଅଭାବ କଷଣ ଦୁଃଖ ଯନ୍ତ୍ରଣା
ସବୁକୁ ଦିଅ ଲିଭାଇ...

ହେ ଦୁର୍ଗା ତୁମେ ମୃଣ୍ମୟୀ ରୂପରେ
ଦେଇ କୋମଳ ପରଶ
ମାଟି ମା ଅଙ୍ଗନେ ଭରିଦିଅ ଶାନ୍ତି
ଢାଳିଦିଅ ଶୁଭାଶିଷ ॥

ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫

ଓଡ଼ିଆ ସଂସ୍କୃତି ଓ ପରମ୍ପରା

କଟକର ଦୁର୍ଗା ପୂଜା ପ୍ରେମ ଏକତାର ପ୍ରତୀକ

ଡକ୍ଟର ଲକ୍ଷ୍ମଣ ସାହୁ

ମାଟି ବାଲୁଜାର ପ୍ରକୃତି ବହୁତ ବିବିଧ। ସେ ଯୁକ୍ତିରେ ଅନନ୍ୟ, ମତଭେଦରେ ସେ ଅଦ୍ଭୁତ। କେତେବେଳେ ସେ ତାଙ୍କର ଚରମ ଅସହିଷ୍ଣୁତାରେ ନିଜକୁ ପଛରେ ପକାଇ ଦିଅନ୍ତି। ରାଜନୀତିରୁ ଧର୍ମ, ସାହିତ୍ୟରୁ ସଂସ୍କୃତି, ଖାଦ୍ୟପେୟ ଫୁଟବଲ୍ ଏମିତି ଯେକୌଣସି ବିଷୟରେ ଓଡ଼ିଆଙ୍କ ବ୍ୟକ୍ତିଗତ ମତାମତର ଅଭାବ ନାହିଁ। ଅନେକ ସମୟରେ, ମତର ଦ୍ୱନ୍ଦ୍ୱ ଏପରି ସ୍ତରକୁ ପହଞ୍ଚିଥାଏ ଯେ ସତ୍ୟ ପ୍ରତିଷ୍ଠା କରିବା ଅପେକ୍ଷା ନିଜସ୍ୱ ମତ ପ୍ରତିଷ୍ଠା କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ତଥାପି, ଏହା ଆଶ୍ଚର୍ଯ୍ୟଜନକ ଯେ କିପରି ଏହି ସର୍ବଦା ବିବାଦୀୟ ଜାତି ବର୍ଷର ଏକ ବିଶେଷ ସମୟରେ ହଠାତ୍ ଏକତ୍ରିତ ହୋଇଯାଏ କଟକ ସହର। ପଡ଼ୋଶୀ ଚା ଦୋକାନରେ ଯୁକ୍ତି, ରାଜନୈତିକ ଦଳ ମଧ୍ୟରେ ବିବାଦ, ସାମାଜିକ ସ୍ଥିତିରେ ପାର୍ଥକ୍ୟ କିମ୍ବା ବ୍ୟକ୍ତିଗତ ଗର୍ବ ଆଦି ସବୁକିଛି ପ୍ରେମର ପର୍ବ, ଦୁର୍ଗା ପୂଜା ପାଇଁ କଟକିଆମାନେ ପଛରେ ଛାଡ଼ି ଦିଅନ୍ତି। ଏଠାରେ, ଧନୀ ଓ ଗରିବ, ଶିକ୍ଷିତ ଓ ଅଶିକ୍ଷିତ, ଶକ୍ତିଶାଳୀ ଓ ଶକ୍ତିହୀନ, ସମସ୍ତେ କୌଣସି ପ୍ରକାରେ ସମାନ ସାଂସ୍କୃତିକ ଭାବନା ସହିତ ମୁହାଁମୁହିଁ ହୁଅନ୍ତି। ଜାତି ଓ ଧର୍ମର ସଂକୀର୍ଣ୍ଣ ପଥକୁ ବିସ୍ତାର କରି, କଟକିଆଙ୍କ ଭିଡ଼ରେ ପ୍ରେମର ଇଚ୍ଛା ଉଭା ହୁଏ। କଟକରେ ଦୀର୍ଘ ୩୦ ବର୍ଷ ଅବସ୍ଥାନ ଭିତରେ ଏହା ଦେଖିଛି। ଅନୁଭବ କରିଛି - ମୁଁ ଦେବତାମାନଙ୍କ ମଧ୍ୟରେ ମୋର ଆତ୍ମୀୟମାନଙ୍କୁ ଜାଣେ, ମୋ ଗାଁରେ ଜେଜି ମା' ଆକାଶରେ ଦୀପ ଜାଳିଥାଏ, ମୁଁ ଏବେ କଟକର ମୃଣ୍ମୟୀ ଦେବୀଙ୍କ ମଣ୍ଡପ ଭିତରେ ଝାଟିମାଟି କୁଡ଼ିଆରେ ରହୁଥିବା ଜେଜେମାଙ୍କୁ ଦେଖିଛି।

ତେଣୁ ଦୁର୍ଗାପୂଜା କେବଳ ଓଡ଼ିଆମାନଙ୍କ ପାଇଁ ଏକ ଧାର୍ମିକ ରୀତି ନୁହେଁ; ଏହା ଆମ ସାଂସ୍କୃତିକ ଜାତିର ଏକ ଗଭୀର ପରିଚୟ। ଦେବୀ ଦୁର୍ଗାଙ୍କ ପୂଜା ଚାରିପାଖରେ, କଟକିଆମାନେ କେବଳ ନୁହନ୍ତି, ଏହା ସକଳ ଓଡ଼ିଆମାନେ ସେମାନଙ୍କ ଇତିହାସ, ପରମ୍ପରା, ଭାବନା, ସ୍ମୃତି ଓ ସାମୂହିକ ଅସ୍ତିତ୍ୱକୁ ପୁନଃଆବିଷ୍କାର କରନ୍ତି। ଶରତ ଋତୁରେ ଯାଦୁକରୀ ପ୍ରକୃତିର ମୋହ ଉଜ୍ଜ୍ୱଳୀୟ ମାନଙ୍କ ଶରୀର ଓ ମନରେ ଅସୀମ ପୁଲକ ଆଣିଥାଏ। ଫଳସ୍ୱରୂପ ସମସ୍ତେ ସେମାନଙ୍କର ଦୈନନ୍ଦିନ ଉତ୍ଥାନ-ପତନରେ ସାମିଲ ହୋଇ ଏକ ଉଦାର ମନର ମଧୁରତାରେ ରଙ୍ଗୀନ ହୋଇଯାଆନ୍ତି।

ସର୍ବୋପରି ଦୁର୍ଗାପୂଜା ଓଡ଼ିଆ ମାନଙ୍କ ମାନସିକତାରେ ଏପରି ଏକ ଭାବନାକୁ ଜନ୍ମ ଦିଏ, ଯାହା ସହିତ ବ୍ୟକ୍ତି ଅନାୟାସରେ ଗାଁ ଗଣ୍ଡା ସହରରେ ଏକ ସାମୂହିକ ପରିଚୟରେ ମିଶିଯାଏ। ଏଠାରେ, ବ୍ୟକ୍ତି ଆଉ ଏକ ବିଚ୍ଛିନ୍ନ ବ୍ୟକ୍ତି ନୁହେଁ; ସେ ବୃହତ୍ତର ଓଡ଼ିଆ ସମାଜର ଅଂଶ ହୋଇଯାଏ। ଏହି ସାମୂହିକ ଭାବନା ଦୁର୍ଗାପୂଜାକୁ ଏକ ଜାତିର ସାଂସ୍କୃତିକ ଆତ୍ମ-ପ୍ରକାଶନର ଏକ ପ୍ରମୁଖ ମାଧ୍ୟମ କରିଛି। ଦୁର୍ଗାପୂଜାର ଏହି ସାର୍ବଭୌମତ୍ୱରେ ଏକ ଆକର୍ଷଣୀୟ ସାମାଜିକ ସତ୍ୟ ଲୁଚି ରହିଛି। ଯେଉଁ ସମାଜରେ ଆର୍ଥିକ ଅସମାନତା ସ୍ପଷ୍ଟ ଭାବରେ ଦେଖାଯାଉଛି, ଯେଉଁଠାରେ କେତେକଙ୍କର ପ୍ରାସାଦପୂର୍ଣ୍ଣ କୋଠା ଅଛି ଓ ଅନ୍ୟମାନଙ୍କର ମୁଣ୍ଡ ରଖିବା ପାଇଁ ସ୍ଥାନ ନାହିଁ, ସେହି ସମାଜରେ ହିଁ ଲୋକମାନେ ଦୁର୍ଗା ମଣ୍ଡପ ସାମ୍ନାରେ ଆସି ମଙ୍ଗଳ ପାଇଁ ଏକ ସାଧାରଣ ଇଚ୍ଛାରେ ଯୋଗ ଦିଅନ୍ତି।

ଜଣଙ୍କୁ ଅଜେୟ କରିପାରେ। ଦେବୀ ଦୁର୍ଗାଙ୍କ ପୌରାଣିକ କାହାଣୀରେ ଏକତାର ଏକ ଗଭୀର ପ୍ରତୀକାତ୍ମକ ମହତ୍ତ୍ୱ ରହିଛି। ମହିଷାସୁର ବିରୁଦ୍ଧରେ ଯୁଦ୍ଧରେ, ଦେବୀ ବିଭିନ୍ନ ଦେବତାଙ୍କ ଆୟୁଧ ସହିତ ବିଭିନ୍ନ ଦେବତାଙ୍କ ମିଳିତ ଶକ୍ତିକୁ ପ୍ରକାଶ କରନ୍ତି। ପାରମ୍ପରିକ ପୌରାଣିକ କାହାଣୀରେ, ଦେବୀ ଦୁର୍ଗା ହେଉଛନ୍ତି ସେହି ମହାନ ଶକ୍ତିର ପ୍ରତିମୂର୍ତ୍ତି ଯାହାକୁ ଦେବତାମାନଙ୍କର ସମ୍ପୃକ୍ତ ଶକ୍ତି ମିଳିତ ଭାବରେ ସୃଷ୍ଟି କରନ୍

ଦୁର୍ଗାପୂଜା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଆଇଜି

କଟକ,୧୮।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାଞ୍ଚଳ ପୁଲିସ ଆଇଜି ଡଃ ସତ୍ୟଜିତ ନାଏକ ଆଜି ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ଅଧୀନସ୍ଥ ସମସ୍ତ ଜିଲ୍ଲାର ଏସ୍‌ପିଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୈଠକ କରି ଦୁର୍ଗାପୂଜାର ସୁରକ୍ଷା ବ୍ୟବସ୍ଥା, ପୁଲିସ ଫୋର୍ସ ମୁତୟନ ଓ ଜନସାଧାରଣଙ୍କ ନିରାପତ୍ତା ସମ୍ପର୍କିତ ପଦକ୍ଷେପର ସମୀକ୍ଷା କରିଛନ୍ତି। କେନ୍ଦ୍ରାଞ୍ଚଳ ଅଧୀନ ବିଭିନ୍ନ ଜିଲ୍ଲାର ୧,୨୪୩ଟି ପୂଜା ମଣ୍ଡପରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବା ବେଳେ ମା' ଶାରଳା, ମା' ଚର୍ଚ୍ଚିକା, ମା' ଭଟ୍ଟାରିକା ଓ ମା' ସିର୍ଲୋଙ୍କ ପରି ପ୍ରମୁଖ ଶକ୍ତିପୀଠରେ ମଧ୍ୟ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୩୬ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ହୋମ୍‌ଗାର୍ଡଙ୍କୁ ମୁତୟନ କରାଯାଇଛି। ବୈଠକରେ ପୂଜା ମଣ୍ଡପ ଓ ରାବଣପୋଡ଼ି ସ୍ଥଳରେ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରବେଶ ଓ ପ୍ରସ୍ଥାନ ପଥର ସଠିକ୍ ପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ, ପୂଜା ମଣ୍ଡପ ଓ ଆପ୍ରୋଚ୍ ରାସ୍ତାରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ଓ ପ୍ରମୁଖ ପୂଜା ମଣ୍ଡପରେ ସିସିଟିଭି ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ମୀନା ବଜାର ଓ ରାମ ଦୋଳିରେ ସୁରକ୍ଷା ବ୍ୟବସ୍ଥାକୁ ସ୍ୱତନ୍ତ୍ର ଭାବେ ତଦାରଖ କରିବାକୁ ଆଇଜି ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଜିଲ୍ଲାର ଏସ୍‌ପିଙ୍କୁ ସତର୍କ ରହିବା ସହ ଅନ୍ୟ ସରକାରୀ ବିଭାଗ ଓ ସଂପୃକ୍ତ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା କରି ସୁରକ୍ଷା ବ୍ୟବସ୍ଥାର ନିୟମିତ ତଦାରଖ କରିବାକୁ କୁହାଯାଇଛି। ମୂର୍ତ୍ତି ବିସର୍ଜନ ଶେଷ ହେବା ପର୍ଯ୍ୟନ୍ତ ପ୍ରତି ଦୁଇ ଘଣ୍ଟାରେ ସ୍ଥିତି ସମ୍ପର୍କିତ ରିପୋର୍ଟ (ଏସ୍‌ଆଇଟିଆରଇପି) ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସମଗ୍ର କେନ୍ଦ୍ରାଞ୍ଚଳରେ ଦୁର୍ଗାପୂଜାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ପୁଲିସ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

ନୂଆ ରାଜ୍ୟପାଳ ଭାବେ ଶପଥ ନେଲେ ବ୍ରଜମୋହନ

ଶପଥ ପାଠ କରାଇଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୧୮।୧୦ (ସଂଚାର ବ୍ୟୁରୋ): ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଆଜି ଶପଥ ଗ୍ରହଣ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଲୋକଭବନର ନବନିର୍ମିତ ଅଭିଷେକ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ଶପଥ ଗ୍ରହଣ ସମାରୋହରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନୂଆ ରାଜ୍ୟପାଳଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ପରିଷଦର ସଦସ୍ୟ, ସାଂସଦ, ବିଧାୟକ ଓ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗଦେଇଛନ୍ତି। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଓ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ବି ଏଥିରେ ଯୋଗ ଦେଇଛନ୍ତି।

ଶପଥ ଗ୍ରହଣ ଉତ୍ସବରେ ପ୍ରାୟ ୬୦୦ ଅତିଥି ଯୋଗ ଦେଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ସାମିଲ ହେବାକୁ ଝାଡ଼ଖଣ୍ଡରୁ ୩୦୦ ଅତିଥି ଆସିଥିଲେ। ସେମାନେ ରାଜ୍ୟ ଅତିଥି ଭବନ, ସର୍କିଟ୍ ହାଉସ୍, ଓଟିଡିସି ପାନ୍ଥନିବାସ ଓ କିଛି ଘରୋଇ ହୋଟେଲରେ ରହିଥିଲେ। ପୂର୍ବାହ୍ନ ୧୧ଟା ବେଳେ ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହୋଇଥିଲା। ଗତକାଲି ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ଗତକାଲି ନବନିଯୁକ୍ତ ରାଜ୍ୟପାଳ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ମହାପ୍ରଭୁଙ୍କ ଦର୍ଶନ ପରେ ବ୍ରଜମୋହନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ନେବା ଗର୍ବ ଓ ଗୌରବର କଥା। ଶପଥ ଗ୍ରହଣ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର ଇଚ୍ଛା ଥିଲା। ମହାପ୍ରଭୁଙ୍କ ଅପାର କରୁଣା ଓ ଆଶୀର୍ବାଦରେ ଅତି ସୁନ୍ଦର ଦର୍ଶନ ହେଲା। ଅନ୍ୟପଟେ ସୁରକ୍ଷା ଦୃଷ୍ଟିରୁ ଲୋକସେବା ଭବନ ଓ ରାଜଭବନ ଆଖପାଖ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ସାଢ଼େ ୫ ହଜାର ବୋତଲ କୋରେକ୍ସ ଜବତ: ୧୦ ଗିରଫ

ଖୋର୍ଦ୍ଧା,୧୮।୧୦(ସଂଚାର ବ୍ୟୁରୋ): ଖୋର୍ଦ୍ଧା ପୁଲିସକୁ ନିଶାମୁକ୍ତ କାର୍ଯ୍ୟକ୍ରମରେ ମିଳିଛି ବଡ଼ ସଫଳତା। କୋରେକ୍ସ ବ୍ୟବସାୟର ମୂଳ ପର୍ଯ୍ୟନ୍ତ ପହଞ୍ଚିବାରେ ସକ୍ଷମ ହୋଇଛି ଖୋର୍ଦ୍ଧା ପୁଲିସ। ପାଖାପାଖି ସାଢ଼େ ୫ ହଜାର ବୋତଲ କୋରେକ୍ସ ଜବତ କରିବା ସହ ୧୦ ଜଣଙ୍କୁ ଗିରଫ କରିଛି ପୁଲିସ୍। ଏହି ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ କୋରେକ୍ସ ବ୍ୟବସାୟର ମୁଖ୍ୟ ବିହାର ଅଞ୍ଚଳର ଗୋପୀନାଥ ଯାଦବ ବି ରହିଛି। ଏଥିସହ ସେମାନଙ୍କଠାରୁ ଦୁଇଟି କାର, ଦୁଇଟି ବାଇକ ଓ କୋରେକ୍ସ ବୋଝେଇ ଅଟୋ, ୧୧ଟି ମୋବାଇଲ, ନଗଦ ୩୦ ହଜାର ଟଙ୍କା ଜବତ କରିଛି ଖୋର୍ଦ୍ଧା ଶିଲ୍ପାଞ୍ଚଳ ଥାନା ପୁଲିସ। ୫ ହଜାର ୫୨୦ ବୋତଲରୁ ମୋଟ ୫୫୨ ଲିଟର କୋରେକ୍ସ ଜବତ ହୋଇଛି।ଏହି କୋରେକ୍ସ ବିହାରରୁ କଟକ ମାଲଗୋଦାମ ଓ ସେଠାରୁ ଖୋର୍ଦ୍ଧାକୁ ଆସୁଥିବା ବେଳେ ଶିଲ୍ପାଞ୍ଚଳ ପୁଲିସ ଚଢ଼ାଉ କରି ଜବତ କରିଛି। କୋରେକ୍ସ ବ୍ୟବସାୟର ବିହାର ଲିଙ୍କ ଥିବା ସ୍ପଷ୍ଟ ହୋଇଛି ବୋଲି ଖୋର୍ଦ୍ଧା ଏସପି କହିଛନ୍ତି।

ନୂଆ ରାଜ୍ୟପାଳଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୮।୧୦(ସଂଚାର ବ୍ୟୁରୋ): ନୂଆ ରାଜ୍ୟପାଳ ଭାବେ ଆଜି ବ୍ରଜମୋହନ ରାମ ଶପଥ ଗ୍ରହଣ କରିଥିବା ବେଳେ ତାଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ଶ୍ରୀ ପଟ୍ଟନାୟକ ନୂଆ ରାଜ୍ୟପାଳଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଛନ୍ତି। ନିଜ ପୋଷ୍ଟରେ ନବୀନ ଉଲ୍ଲେଖ କରିଛନ୍ତି ଯେ ନୂଆ ରାଜ୍ୟପାଳଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟାଳୟ ପ୍ରକୃତ ଗଣତାନ୍ତ୍ରିକ ଭାବନାରେ ସାମ୍ବିଧାନିକ ମୂଲ୍ୟବୋଧକୁ ପୁନଃ ସୁଦୃଢ଼ କରିବ। ନବୀନଙ୍କ ଏହି ଶୁଭେଚ୍ଛା ବାର୍ତ୍ତାରେ ସାମ୍ବିଧାନିକ ମର୍ଯ୍ୟାଦା, ଗଣତାନ୍ତ୍ରିକ ଆଦର୍ଶ ଓ ରାଜ୍ୟପାଳ ପଦର ଗୁରୁତ୍ୱକୁ ବିଶେଷ ସ୍ଥାନ ଦିଆଯାଇଛି। ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବେ ଶ୍ରୀ ରାମ ନୂଆ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ନବୀନଙ୍କ ଏହି ବାର୍ତ୍ତା ଗୁରୁତ୍ୱ ବହନ କରୁଛି। ବିଶେଷକରି ରାଜ୍ୟପାଳଙ୍କ କାର୍ଯ୍ୟାଳୟ ସମ୍ବିଧାନର ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ପରମ୍ପରାକୁ ସମ୍ମାନ ଦେଇ କାର୍ଯ୍ୟ କରୁ ବୋଲି ନବୀନ ନିଜ ପୋଷ୍ଟ ମାଧ୍ୟମରେ ଆଶା ବ୍ୟକ୍ତ କରିଛନ୍ତି।

ପାର୍ବଣରେ ବେଆଇନ ମଦ ବେପାରୀଙ୍କ ତ୍ରାହି ନାହିଁ

■ ଆରମ୍ଭ ହେଲା ସ୍ପେଶାଲ ଡ୍ରାଇଭ
■ ଅବକାରୀ ମନ୍ତ୍ରୀଙ୍କ କଡ଼ା ଚେତାବନୀ



ଭୁବନେଶ୍ୱର, ୧୮।୧୦ (ସଂଚାର ବ୍ୟୁରୋ): ଦୁର୍ଗାପୂଜା ଓ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ରାଜ୍ୟରେ ବେଆଇନ ମଦ କାରବାର ଉପରେ କଡ଼ା ନଜର ରଖିଛନ୍ତି ରାଜ୍ୟ ସରକାର। ବେଆଇନ ମଦ ବ୍ୟବସାୟକୁ ସମ୍ପୂର୍ଣ୍ଣ ଠପ୍ କରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ମନ୍ତ୍ରୀଙ୍କ ସୂଚନାନୁଯାୟୀ, ଗତ ୧୧ ତାରିଖରୁ ଦଶହରା ଅବସରରେ ଏକ ବିଶେଷ ଏନଫୋର୍ସମେଣ୍ଟ ଡ୍ରାଇଭ୍ ଆରମ୍ଭ କରାଯାଇଛି। ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ରାଜ୍ୟର ସମସ୍ତ ଜିଲ୍ଲା ଅବକାରୀ ଅଧିକାରୀମାନଙ୍କୁ ଏଥିପାଇଁ ନିର୍ଦ୍ଦିଷ୍ଟ ଟାର୍ଗେଟ ଦିଆଯାଇଛି। ସମସ୍ତ ଅଞ୍ଚଳରେ ଚଢ଼ାଉ ଜୋରଦାର କରି ବେଆଇନ ମଦ ବେପାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି।

ଯେଉଁ ସ୍ଥାନରେ ବେଆଇନ ମଦ କାରବାର ଚାଲିଛି ଓ ଏହାଦ୍ୱାରା ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେଉଛି, ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରିବା ସହ ବେଆଇନ ମଦ ଜବତ କରାଯିବ ଓ ସେମାନଙ୍କର ସମ୍ପୂର୍ଣ୍ଣ ନେଟୱାର୍କ ଓ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ବିଭାଗ ପ୍ରସ୍ତୁତ ରହିଛି।

ଅପରପକ୍ଷରେ, ନବରଙ୍ଗପୁର ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ମହିଳାମାନେ ବେଆଇନ ମଦ ବିରୋଧରେ ଚଳାଇଥିବା ଆନ୍ଦୋଳନକୁ ଅବକାରୀ ମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ସାମାଜିକ ସୁଧାର ପାଇଁ ମହିଳାମାନଙ୍କର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏସଏଚଜି ମହିଳାମାନେ ଏହି ମଦ ବିରୋଧୀ ଅଭିଯାନ ଜାରି ରଖନ୍ତୁ, ରାଜ୍ୟ ସରକାର ଓ ଅବକାରୀ ବିଭାଗ ପକ୍ଷରୁ ସେମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ।

ଆଖି ବୁଜିଲା ଗୁଳିବିଦ୍ଧ ଦନ୍ତା

ରେଢ଼ାଖୋଲ,୧୮।୧୦(ସଂଚାର ବ୍ୟୁରୋ): ଆଖି ବୁଜିଲା ଗୁଳିବିଦ୍ଧ ଦନ୍ତା। ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ରେଞ୍ଜର ଜଙ୍ଗଲରେ ଗୁଳିବିଦ୍ଧ ଦନ୍ତାହାତୀର ମୃତ୍ୟୁ ହୋଇଛି। ୮ ଦିନ ଧରି ଯନ୍ତ୍ରଣାରେ ଘୂରି ବୁଲୁଥିବା ବେଳେ ଆଜି ଏହି ଦନ୍ତାର ମୃତ୍ୟୁ ହୋଇଛି। ମୃତ ଦନ୍ତାର ଆଗ ବାମ ଗୋଡ଼ରେ ଗୁଳି ବାଜିଥିବାରୁ ସେ ଆହତାବସ୍ଥାରେ ଛୋଟେଇ ଛୋଟେଇ ଜଙ୍ଗଲରେ ଘୂରି ବୁଲୁଥିଲା। ଉକ୍ତ ଦନ୍ତାଟି ଶିକାରୀଙ୍କ ଗୁଳିରେ ଆହତ ହୋଇଥିବା ସନ୍ଦେହ କରାଯାଉଛି। ହାତୀଟିକୁ ଠାବ କରି ଚିକିତ୍ସା ଯୋଗାଇଦେବା ପାଇଁ ବନ ବିଭାଗର ଦୁଇଟି ଟିମ୍ ଡ୍ରୋନ୍ କ୍ୟାମେରା ସହାୟତାରେ ଖୋଜାଖୋଜି ଜାରି ରଖିଥିଲେ। କିନ୍ତୁ ଆଜି ଏହି ହାତୀର ମୃତଦେହ ମିଳିଥିଲା। ତେବେ ଦୀର୍ଘ ୮ ଦିନ ଧରି ଆହତାବସ୍ଥାରେ ରହିବା ପରେ ଦନ୍ତାହାତୀର ମୃତ୍ୟୁ ହେବା ଘଟଣା ଅନେକ ପ୍ରଶ୍ନବାଚୀ ସୃଷ ଟି କରିଛି।

■ ସୁଜାତାଙ୍କୁ ଟାର୍ଗେଟ କରି ଡିପ୍‌ଫେକ୍ ଭିଡିଓ ପ୍ରସାରଣକୁ ବିରୋଧ

କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡିର ଦାବି

ଭୁବନେଶ୍ୱର,୧୮।୧୦(ସଂଚାର ବ୍ୟୁରୋ): ବରିଷ୍ଠ ମହିଳା ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ଟାର୍ଗେଟ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପ୍ରସ୍ତୁତ କଥିତ ଡିପ୍‌ଫେକ୍ ଭିଡିଓ ଓ ସ୍ୱର ନକଲ କରାଯାଇଥିବା ବିଷୟବସ୍ତୁ ସୋସିଆଲ ମିଡିଆରେ ପ୍ରସାରଣକୁ ବିଜେଡି ତୀବ୍ର ନିନ୍ଦା କରିଛି। ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ କ୍ୟାପିଟାଲ୍ ଥାନାରେ ଏକ ଅଭିଯୋଗ ଦାଖଲ କରାଯାଇଛି। ଏଥିରେ ଏଫ୍‌ଆଇଆର୍ ରୁଜୁ କରିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ବିଜେଡି ପକ୍ଷରୁ ଅମ୍ରିତା ମିଶ୍ର ଏହି ଅଭିଯୋଗ ଦାଖଲ କରିଛନ୍ତି। ଏଥିରେ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍‌ରେ 'ଓଡିଆଙ୍କ ଛାଟ' ନାମକ ସୋସିଆଲ ମିଡିଆ ଆକାଉଣ୍ଟ ପରିଚାଳନା କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ୧୮ରେ ଏହି ଆକାଉଣ୍ଟଗୁଡ଼ିକରେ ଏଆଇ ଓ ସ୍ୱର ନକଲ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କେତେକ ମନଗଢ଼ା ବିଷୟବସ୍ତୁ ପ୍ରସାରଣ କରାଯାଇଛି। ଏଥିରେ ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଶ୍ରୀମତୀ କାର୍ତ୍ତିକେୟନ ଧମକ ଦେଉଥିବା ଭଳି ଏକ କଥିତ ଜାଲିଆତିପୂର୍ଣ୍ଣ ଚିତ୍ରଣ କରାଯାଇଥିବା ଅଭିଯୋଗ ହୋଇଛି। ବିଜେଡି ପକ୍ଷରୁ ଉକ୍ତ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ପରିଚାଳନା କରୁଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଚିହ୍ନଟ କରିବା, ଡିଜିଟାଲ୍ ପ୍ରମାଣଗୁଡ଼ିକୁ ସୁରକ୍ଷିତ ରଖିବା ଓ ସେଗୁଡ଼ିକର ଫରେନ୍ସିକ୍ ଯାଞ୍ଚ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏଥିସହ ଆଇନସମ୍ମତ ପ୍ରକ୍ରିୟାରେ ମେଟା ପ୍ଲାଟଫର୍ମରୁ ଆବଶ୍ୟକ ତଥ୍ୟ ସଂଗ୍ରହ ଓ ଏହି ଆପତ୍ତିଜନକ ବିଷୟବସ୍ତୁର ପରବର୍ତ୍ତୀ ପ୍ରସାରଣ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପୁଲିସକୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ଅବସରରେ ସାଂସଦ ସୁଲତା ଦେଓ, ବିଜୁ ଛାତ୍ର ଜନତା ଦଳ ସଭାପତି ଈପ୍ସିତା ସାହୁ, ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି, ରକି ଦାସ, ମାନସୀ ସୁନ୍ଦରରାୟ ଉପସ୍ଥିତ ଥିଲେ।

■ ଗୁଗଲ ମ୍ୟାପ୍ କଲା ବାଟବଣା

ଭୁଲ୍ ରାସ୍ତାରେ ଯାଇ ଓଲଟିଲା ଏସ୍‌ୟୁଭି ; ୨ ମୃତ, ୫ ଆହତ

ସମ୍ବଲପୁର,୧୮।୧୦(ସଂଚାର ବ୍ୟୁରୋ): ଗୁଗଲ୍ ମ୍ୟାପ୍ ବ୍ୟବହାର କାଳ ହେଲା। ଭୁଲ୍ ରାସ୍ତାରେ ଯାଇ ଦୁର୍ଘଟଣାର ଶିକାର ହେଲା ଏସ୍‌ୟୁଭି (ନଂ.ସିଜି ୦୪ ପିଏଫ୍ ୮୯୯୯)। ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ମୃତକମାନେ ଛତିଶଗଡ଼ ରାୟପୁର ଅଞ୍ଚଳର ପାୟଲ ଦାସଗୁପ୍ତା (୪୧) ଓ ଶେଖର ମହାରାଜା (୪୦)। ସମ୍ବଲପୁର-କଟକ ୫୫ ନମ୍ବର ଜାତୀୟ ରାଜପଥର ଜାମଟାଲ ମହାକାଳ ମନ୍ଦିର ନିକଟରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି ଏହି ଭୟଙ୍କର ଦୁର୍ଘଟଣା। ରାୟପୁରର ଶେଖର ମହାରାଜା ଓ ସୁବ୍ରତ ଦାସଗୁପ୍ତାଙ୍କ ପରିବାରର ସବୁବର୍ଷ କୋଲକାତାର ପ୍ରସିଦ୍ଧ ଦୁର୍ଗାପୂଜା ଦେଖିବାକୁ ଯାଇଥାଆନ୍ତି। ଗତ ଶୁକ୍ରବାର ପରିବାରର ୭ ଜଣ ସଦସ୍ୟ ଏକ ସ୍କର୍ପିଓରେ କୋଲକାତା ଯାଉଥିଲେ। ଗନ୍ତବ୍ୟସ୍ଥଳରେ ସୁବିଧାରେ ପହଞ୍ଚିବା ପାଇଁ ସେମାନେ ଗୁଗୁଲ ମ୍ୟାପ୍‌ର ସହାୟତା ନେଇଥିଲେ। ସମ୍ବଲପୁର ମାନେଶ୍ୱର ନିକଟ ଏକ ଢାବାରେ ଖାଇବା ପରେ ସେମାନେ ରାତି ୧୧ଟା ୧୫ରେ ସେଠାରୁ ବାହରିଥିଲେ। କିନ୍ତୁ ସେମାନେ ସମ୍ବଲପୁର-ଦେବଗଡ଼ ରାସ୍ତା ବଦଳରେ ଭୁଲ ରାସ୍ତା ଧରିଥିଲେ। ମାନେଶ୍ୱରରୁ ଓଭରବ୍ରିଜ୍ ଚଢ଼ିବା ପରେ ଏହି ତ୍ରୁଟି ହୋଇଥିଲା। ସେଠାରୁ ମାତ୍ର ୧୦ କିମି ମଧ୍ୟରେ ସ୍କର୍ପିଓଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ି ଡିଭାଇଡର୍ ଭାଙ୍ଗି ବିପରୀତ ଦିଗର ରାସ୍ତା ପାର୍ ହୋଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ଶେଖର ଓ ପାୟଲଙ୍କର ମୃତ୍ୟୁ ହୋଇଯାଇଥିଲା।

■ ୬୬ ଲକ୍ଷ ଟଙ୍କାର ହେରଫେର ଅଭିଯୋଗ

ବରିଷ୍ଠ କିରାଣୀ ଓ ଦୁଇ ସହଯୋଗୀ ଗିରଫ

କଟକ,୧୮।୧୦(ସଂଚାର ବ୍ୟୁରୋ): ଢେଙ୍କାନାଳ ଡିଏଫ୍‌ଓ କାର୍ଯ୍ୟାଳୟରେ ଦୀର୍ଘ ୧୦ ବର୍ଷ ଧରି ଚାଲିଥିବା ଆର୍ଥିକ ଅନିୟମିତତାର ପର୍ଦ୍ଦାଫାସ। ପ୍ରାୟ ୬୬ ଲକ୍ଷ ଟଙ୍କାର ହେରଫେର ଅଭିଯୋଗରେ ବରିଷ୍ଠ କିରାଣୀ ଓ ତାଙ୍କର ଦୁଇ ସହଯୋଗୀ ଗିରଫ। ଡିଏଫ୍ ଓ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ସୁଜିତ କୁମାର ଜେନାଙ୍କ ସମେତ ତାଙ୍କର ଦୁଇ ସହଯୋଗୀ ସୌମ୍ୟରଞ୍ଜନ ବେହେରା ଓ ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ଗିରଫ କରିଛି ଭିଜିଲାନ୍ସ। ୨୦୧୬ରୁ ୨୦୨୬ ମଧ୍ୟରେ ହୋଇଥିବା ଆର୍ଥିକ କାରବାରର ଯାଞ୍ଚରୁ ସରକାରୀ ଅର୍ଥ ହଡ଼ପର ତଥ୍ୟ ସାମ୍ନାକୁ ଆସି

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ସୋମବାର ୧୯ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Monday 19 October 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ଭାରତ ପାଇଁ କୂଟନୈତିକ ସୁଯୋଗ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲିଣ୍ଡସେ ଓ. ଗ୍ରାହାମ ସାଙ୍କସନିଂ ରଷିଆ ଆଣ୍ଡ ଇରାନ ଆକ୍ଟ-୨୦୨୬ ଅଧୀନରେ ରୁଷ ତେଲ ଓ ଗ୍ୟାସ କ୍ରୟକାରୀ ଦେଶଗୁଡ଼ିକ ଉପରେ ଲାଗୁ ହେବାକୁ ଥିବା ଶତ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଓ ଅନ୍ୟ ପ୍ରତିବନ୍ଧକକୁ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ପ୍ରତ୍ୟାହାର କରିଛନ୍ତି। ଏହି ନିଷ୍ପତ୍ତି ଅକ୍ଟୋବର ୧୮ ତାରିଖରୁ ଲାଗୁ ହେବାକୁ ଥିବା ବ୍ୟବସ୍ଥାକୁ ତୁରନ୍ତ ସ୍ଥଗିତ କରିଛି। ଭାରତ ପାଇଁ ଏହା ଏକ ବଡ଼ ସକାରାତ୍ମକ ଖବର। ରୁଷ ବର୍ତ୍ତମାନ ଭାରତର ସର୍ବବୃହତ କ୍ରୁଡ଼ ତେଲ ଯୋଗାଣକାରୀ ଏବଂ ଏହି ଛାଡ଼ ଦେବା ଦ୍ୱାରା ଭାରତ ତା'ର ଶକ୍ତି ସୁରକ୍ଷା, ଅର୍ଥନୀତି ଓ ବାଣିଜ୍ୟ ସମ୍ପର୍କରେ ବହୁତ ଲାଭ ପାଇବ।

ପ୍ରଥମତଃ, ଶକ୍ତି ସୁରକ୍ଷାର ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ତା'ର ପ୍ରାୟ ୯୦ ଶତାଂଶ ତେଲ ଆମଦାନୀ କରେ। ରୁଷରୁ ପ୍ରାୟ ୧.୮ ରୁ ୧.୯ ନିୟୁତ ବ୍ୟାରେଲ ପ୍ରତିଦିନ କ୍ରୁଡ଼ ତେଲ ଆସୁଛି, ଯାହା ମୋଟ ଆମଦାନୀର ପ୍ରାୟ ୪୪ ଶତାଂଶ। ରୁଷ ତେଲ ବ୍ରେଣ୍ଟ ତୁଳନାରେ ବହୁତ ଶସ୍ତାରେ ମିଳେ। ଯଦି ଏହି ଟାରିଫ୍ ଲାଗୁ ହୋଇଥାନ୍ତା, ତେବେ ଭାରତୀୟ ରିଫାଇନରୀଗୁଡ଼ିକୁ ଅଧିକ ମହଙ୍gା ତେଲ କିଣିବାକୁ ପଡ଼ିଥାନ୍ତା। ଏହି ଛାଡ଼ ଦେବା ଦ୍ୱାରା ରିଫାଇନରୀମାନେ ବାଣିଜ୍ୟିକ ଭିତ୍ତିରେ ନିଷ୍ପତ୍ତି ନେଇପାରିବେ ଏବଂ ସସ୍ତା ତେଲର ସୁବିଧା ଜାରି ରଖିପାରିବେ। ଏହା ଜାତୀୟ ଶକ୍ତି ସୁରକ୍ଷାକୁ ଦୃଢ଼ କରେ।

ଦ୍ୱିତୀୟତଃ, ମୂଲ୍ୟସ୍ଫୀତି ନିୟନ୍ତ୍ରଣରେ ଏହା ସହାୟକ ହେବ। ବିଶ୍ୱ ତେଲ ମୂଲ୍ୟ ବର୍ତ୍ତମାନ ଉଚ୍ଚ ସ୍ତରରେ ରହିଛି। ଶସ୍ତା ରୁଷ ତେଲ ପାଇବା ଦ୍ୱାରା ଭାରତର ଆମଦାନୀ ବିଲ୍ କମିବ, ଯାହା ଡିଜେଲ, ପେଟ୍ରୋଲ ଓ ଅନ୍ୟ ଜୀବନଯାପନ ଖର୍ଚ୍ଚକୁ ନିୟନ୍ତ୍ରଣରେ ରଖିବ। ଏହା ମୂଲ୍ୟସ୍ଫୀତି ଉପରେ ଚାପ କମାଇ ସାଧାରଣ ନାଗରିକଙ୍କ ଜୀବନଯାପନକୁ ସହଜ କରିବ ଏବଂ ଅର୍ଥନୈତିକ ବୃଦ୍ଧିକୁ ସମର୍ଥନ କରିବ।

ତୃତୀୟତଃ, ଆମେରିକା ସହିତ ବାଣିଜ୍ୟ ସମ୍ପର୍କରେ ଏହା ତାତ୍ପର୍ଯ୍ୟପୂର୍ଣ୍ଣ ରିହାତି ଦେଇଛି। ଗ୍ରାହାମ ଆକ୍ଟ ଅନୁଯାୟୀ ଭାରତ ଭଳି ବଡ଼ କ୍ରେତା ଉପରେ ୧୦୦ ଶତାଂଶ ପର୍ଯ୍ୟନ୍ତ ଟାରିଫ୍ ଲାଗୁ ହୋଇପାରିଥାନ୍ତା, ଯାହା ଭାରତୀୟ ରପ୍ତାନିକୁ ବହୁତ କ୍ଷତି ପହଞ୍ଚାଇଥାନ୍ତା। ଆମେରିକା ଭାରତର ଏକ ବଡ଼ ବାଣିଜ୍ୟ ସାଥୀ। ଏହି ବିପଦ ଦୂର ହେବା ଦ୍ୱାରା ରପ୍ତାନିକାରୀମାନେ ନିଶ୍ଚିନ୍ତ ହୋଇଛନ୍ତି। ଏହା ଚାଲୁଥିବା ଦ୍ୱିପାକ୍ଷିକ ବାଣିଜ୍ୟ ବୁଝି ଆଲୋଚନାକୁ ମଧ୍ୟ ସହଜ କରିପାରେ।

ଚତୁର୍ଥତଃ, ରିଫାଇନିଂ ଶିଳ୍ପ ଓ ଦୀର୍ଘକାଳୀନ ଯୋଜନା ପାଇଁ ଲାଭ। ଭାରତୀୟ ରିଫାଇନରୀମାନେ ରୁସ ତେଲରୁ ଭଲ ମାର୍ଜିନ୍ ପାଆନ୍ତି। ଏହି ସୁବିଧା ଜାରି ରହିବ। ସାଥେ ସାଥେ ଭାରତ ରୁଷରୁ ଦୀର୍ଘକାଳୀନ ଏଲଏନଜି ଚୁକ୍ତି ବିଷୟରେ ଯୋଜନା କରୁଛି। ଏହି ଛାଡ଼ ଦେବା ଦ୍ୱାରା ସେହି ପରିକଳ୍ପନା ମଧ୍ୟ ସୁଗମ ହୋଇପାରେ। ତଥାପି ଏହା ସ୍ଥାୟୀ ନୁହେଁ। ଆମେରିକା ଯେକୌଣସି ସମୟରେ ପୁଣି ପ୍ରତିବନ୍ଧକ ଲଗାଇପାରେ। ତେଣୁ ଭାରତକୁ ନିଜର ଶକ୍ତି ଉତ୍ସ ବିବିଧୀକରଣ ଜାରି ରଖିବାକୁ ହେବ ଏବଂ କେବଳ ଏକ ଦେଶ ଉପରେ ନିର୍ଭରଶୀଳ ହେବା ଉଚିତ୍ ନୁହେଁ। ତଥାପି ବର୍ତ୍ତମାନ ପାଇଁ ଏହି ନିଷ୍ପତ୍ତି ଭାରତର କୌଶଳଗତ ସ୍ୱାୟତ୍ତତାକୁ ସମର୍ଥନ କରୁଛି। ଭାରତ ନିଜର ଜାତୀୟ ସ୍ୱାର୍ଥକୁ ସର୍ବୋଚ୍ଚ ରଖି ବିଶ୍ୱ ମଞ୍ଚରେ ସମତୁଳିତ ନୀତି ଅନୁସରଣ କରୁଛି।

ସାରାଂଶରେ, ଆମେରିକାର ଏହି ଛାଡ଼ ଦେବା ଭାରତ ପାଇଁ ଶକ୍ତି ସୁରକ୍ଷା, ମୂଲ୍ୟସ୍ଫୀତି ନିୟନ୍ତ୍ରଣ, ରପ୍ତାନି ସୁରକ୍ଷା ଓ ଅର୍ଥନୈତିକ ସ୍ଥିରତାର ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଲାଭ। ଏହା ଭାରତକୁ ସସ୍ତା ତେଲର ସୁବିଧା ଜାରି ରଖିବାକୁ ସୁଯୋଗ ଦେଇଛି ଏବଂ ଆମେରିକା ସହିତ ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିବାର ପଥ ପ୍ରଶସ୍ତ କରିଛି। ଭାରତ ଏହି ସୁଯୋଗକୁ ସଦୁପଯୋଗ କରି ନିଜର ଅର୍ଥନୀତିକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଏ।

ଓଡ଼ିଶାର ଛାତ୍ର ରାଜନୀତିରେ ନୂଆ ସମୀକରଣ

ସାଂଗଠନିକ ଉପସ୍ଥିତି ଓ ଯୁବ ନେତୃତ୍ୱର ପରୀକ୍ଷା

ଶୁଭ୍ରଜିତ୍ ଦାଶ

ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ଫେରିବା ସହ ରାଜ୍ୟର କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ଗୁଡ଼ିକ ପୁଣିଥରେ ରାଜନୈତିକ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଛାତ୍ରଛାତ୍ରୀଙ୍କ ଉତ୍ସାହ, ସଂଗଠନଗୁଡ଼ିକର ପ୍ରସ୍ତୁତି ଏବଂ ବିଭିନ୍ନ ଛାତ୍ର ସଂଗଠନର ପ୍ରତିଦ୍ୱନ୍ଦ୍ୱିତା ଏହି ନିର୍ବାଚନକୁ ଅଧିକ ଚର୍ଚ୍ଚିତ କରିଛି। ଅଧିକାଂଶ ଶିକ୍ଷାନୁଷ୍ଠାନରେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ବିଜୟୀ ପ୍ରାର୍ଥୀମାନେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ କେତେକ କ୍ୟାମ୍ପସ୍‌ରେ ବିଶୃଙ୍ଖଳା ଓ ଫଳାଫଳ ପ୍ରକାଶରେ ବିଳମ୍ବ ଭଳି ଘଟଣା ମଧ୍ୟ ସାମ୍ନାକୁ ଆସିଛି।

ଛାତ୍ର ସଂସଦ ନିର୍ବାଚନ କେବଳ ପଦପଦବୀ ହାସଲ କରିବାର ଏକ ମାଧ୍ୟମ ନୁହେଁ। ଏହା ଯୁବପିଢ଼ିଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟା, ନେତୃତ୍ୱ ଓ ସାମାଜିକ ଦାୟିତ୍ୱ ସହ ପରିଚିତ କରାଇବାର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ତେଣୁ ଦୀର୍ଘ ବ୍ୟବଧାନ ପରେ ଏହି ନିର୍ବାଚନ ଆୟୋଜନ ହେବା ଛାତ୍ର ରାଜନୀତି ପାଇଁ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି।

ନିର୍ବାଚନକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମତଭେଦ ମଧ୍ୟ ଦେଖିବାକୁ ମିଳିଛି। ଶାସକ ଦଳ ପକ୍ଷରୁ ଏହାକୁ ସରକାରଙ୍କ ପ୍ରତିଶ୍ରୁତି ପୂରଣର ଏକ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ବିରୋଧୀ ଦଳଗୁଡ଼ିକ ଏହାର ସମୟ ଓ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଘଟିଥିବା ବିଶୃଙ୍ଖଳା ଓ ଅନ୍ୟ କେତେକ ଶିକ୍ଷାନୁଷ୍ଠାନରେ ଫଳାଫଳ ପ୍ରକାଶରେ ବିଳମ୍ବ ନିର୍ବାଚନ ପରିଚାଳନାକୁ ନେଇ ଆଲୋଚନା ସୃଷ ି କରିଛି। ଏପରି ସ୍ଥିତିରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା, ନିରପେକ୍ଷତା ଓ ଶୃଙ୍ଖଳା ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ।

ଚଳିତ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ପ୍ରଦର୍ଶନ ବିଶେଷ ଭାବେ ଚର୍ଚ୍ଚାକୁ ଆସିଛି। ଏହା ସହିତ ବିଜୁ ଛାତ୍ର ଜନତା ଦଳ ଓ ଛାତ୍ର କଂଗ୍ରେସ ମଧ୍ୟ ବିଭିନ୍ନ କ୍ୟାମ୍ପସ୍‌ରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ଏହି ଫଳାଫଳକୁ କେବଳ ଜିତିଥିବା ଆସନର ସଂଖ୍ୟାରେ ମାପିବା ପରିବର୍ତ୍ତେ, ଛାତ୍ରଛାତ୍ରୀଙ୍କ ସହ ସଂଗଠନଗୁଡ଼ିକର ଦୀର୍ଘକାଳୀନ ସମ୍ପର୍କ ଓ କ୍ୟାମ୍ପସ୍‌ରେ ସେମାନଙ୍କ କାର୍ଯ୍ୟକୁ ମଧ୍ୟ ବିଚାର କରିବା ଆବଶ୍ୟକ।

ଛାତ୍ର ରାଜନୀତିରେ ଏକ କଥା ସବୁବେଳେ ଗୁରୁତ୍ୱପୂର୍ଣ୍ଣ— ନିର୍ବାଚନ ସମୟରେ ଦେଖାଯିବା ଅପେକ୍ଷା ବର୍ଷସାରା ଛାତ୍ରଛାତ୍ରୀଙ୍କ ସହ ରହିବା ଅଧିକ ମହତ୍ତ୍ୱ ରଖେ। ହଷ୍ଟେଲ୍ ସମସ୍ୟା, ଶିକ୍ଷାର ଗୁଣବତ୍ତା, ପରୀକ୍ଷା ପରିଚାଳନା, ନିଯୁକ୍ତିଭିତ୍ତିକ ଶିକ୍ଷା ଓ ଛାତ୍ରୀଙ୍କ ସୁରକ୍ଷା ଭଳି ପ୍ରସଙ୍ଗରେ କେଉଁ ସଂଗଠନ କେତେ ସକ୍ରିୟ, ତାହା ଛାତ୍ରଛାତ୍ରୀଙ୍କ ମତକୁ ପ୍ରଭାବିତ କରିପାରେ। ଏହି ଦୃଷ୍ଟିରୁ ଚଳିତ ନିର୍ବାଚନ ସଂଗଠନଗୁଡ଼ିକର କ୍ୟାମ୍ପସ୍‌ଭିତ୍ତିକ କାର୍ଯ୍ୟକଳାପ ଓ ସାଂଗଠନିକ ଦକ୍ଷତାକୁ ମୂଲ୍ୟାୟନ କରିବାର ଏକ ସୁଯୋଗ ଦେଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନର ଫଳାଫଳ ରାଜ୍ୟର ଛାତ୍ର ରାଜନୀତିକୁ ନେଇ ନୂଆ ଚର୍ଚ୍ଚା ସୃଷ୍ଟି କରିଛି। ଏହି କ୍ୟାମ୍ପସ୍‌ଗୁଡ଼ିକରେ ଛାତ୍ରନେତାମାନଙ୍କ ବିଜୟ ପଛରେ ସଂଗଠନର ପ୍ରସ୍ତୁତି, ବ୍ୟକ୍ତିଗତ ସମ୍ପର୍କ, ଛାତ୍ରଛାତ୍ରୀଙ୍କ ସମସ୍ୟା ପ୍ରତି ଧ୍ୟାନ ଏବଂ ନିରନ୍ତର କାର୍ଯ୍ୟର ଭୂମିକା ରହିଥାଇପାରେ। ତେବେ ଏହାର ସଠିକ୍ ମୂଲ୍ୟାୟନ ପାଇଁ ପ୍ରତ୍ୟେକ କ୍ୟାମ୍ପସ୍‌ର ସ୍ଥାନୀୟ ପରିସ୍ଥିତି ଓ ନିର୍ବାଚନୀ ତଥ୍ୟକୁ ମଧ୍ୟ ଦେଖିବା ଆବଶ୍ୟକ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ଏବିଭିପିର ଐତିହାସିକ ଉପସ୍ଥିତିକୁ ନେଇ ମଧ୍ୟ ଆଲୋଚନା ହେଉଛି। ୧୯୮୨ ମସିହାରେ ବିଜୟ ନାୟକ, ୧୯୮୪ ମସିହାରେ ଆଲୋକ ଜେନା ଏବଂ ୧୯୮୭ ମସିହାରେ ପ୍ରତାପ ନାୟକ ଏହି ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବେ ବିଜୟୀ ହୋଇଥିବା କଥା ଉଲ୍ଲେଖ କରାଯାଏ। ଏହି ଐତିହାସିକ ପୃଷ୍ଠଭୂମି ଛାତ୍ର ସଂଗଠନଗୁଡ଼ିକ ପାଇଁ ନିଜର ପରମ୍ପରା ଓ ସାଂଗଠନିକ ଧାରାକୁ ବୁଝିବାର ଏକ ଆଧାର। ତେବେ ଅତୀତର ସଫଳତା ସହ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ଆଶା ଓ ଆବଶ୍ୟକତାକୁ ଯୋଡ଼ିବା ହିଁ ଯେକୌଣସି ସଂଗଠନ ପାଇଁ ପ୍ରକୃତ ଆହ୍ୱାନ।

ଅନ୍ୟପଟେ, ଛାତ୍ର ସଂସଦ ନିର୍ବାଚନରେ ବାହ୍ୟ ରାଜନୈତିକ ହସ୍ତକ୍ଷେପକୁ ନେଇ ମଧ୍ୟ ଆଲୋଚନା ଉଠିଛି। ରାଜନୈତିକ ଦଳ ଓ ଛାତ୍ର ସଂଗଠନ ମଧ୍ୟରେ ବିଚାରଧାରାଗତ ସମ୍ପର୍କ ଥାଇପାରେ, କିନ୍ତୁ କ୍ୟାମ୍ପସ୍‌ର ନିଜସ୍ୱ ପରିବେଶ ଓ ଛାତ୍ରନେତୃତ୍ୱର ସ୍ୱାଧୀନତାକୁ ସମ୍ମାନ ଦେବା ଜରୁରୀ। ଛାତ୍ର ସଂଗଠନଗୁଡ଼ିକ ନିଜର ନୀତି, ଚିନ୍ତାଧାରା ଓ କାର୍ଯ୍ୟପଦ୍ଧତି ଆଧାରରେ କାମ କରିବା ସହ ଛାତ୍ରଛାତ୍ରୀଙ୍କ ପ୍ରତି ଉତ୍ତରଦାୟୀ ରହିବା ଆବଶ୍ୟକ।

କୌଣସି ରାଜନୈତିକ ନେତାଙ୍କ ମତାମତ କିମ୍ବା ହସ୍ତକ୍ଷେପକୁ ନେଇ ବିବାଦ ଦେଖାଦେଲେ, ତାହାକୁ ବ୍ୟକ୍ତିଗତ ଆରୋପ-ପ୍ରତ୍ୟାରୋପରେ ସୀମିତ ନରଖି ତଥ୍ୟ ଆଧାରରେ ଆଲୋଚନା କରିବା ଉଚିତ। ଛାତ୍ର ରାଜନୀତିର ମୂଳ ଉଦ୍ଦେଶ୍ୟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ଶୃଙ୍ଖଳା, ଯୁକ୍ତିପୂର୍ଣ୍ଣ ଆଲୋଚନା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ବିକାଶ। ତେଣୁ ମତଭେଦ ଥିଲେ ମଧ୍ୟ ପରସ୍ପର ପ୍ରତି ସମ୍ମାନ ଓ ସାଂଗଠନିକ ମର୍ଯ୍ୟାଦା ରକ୍ଷା କରିବା ଆବଶ୍ୟକ।

ଏବିଭିପି ପକ୍ଷରୁ ଉପସ୍ଥାପିତ ନିର୍ବାଚନୀ ତଥ୍ୟ ଅନୁଯାୟୀ, ବିଭିନ୍ନ କ୍ୟାମ୍ପସ୍‌ରେ ଏହାର ପ୍ରାର୍ଥୀମାନେ ଅନେକ ପଦବୀରେ ବିଜୟୀ ହୋଇଛନ୍ତି। ସେହିପରି ବିଜୁ ଛାତ୍ର ଜନତା ଦଳ ମଧ୍ୟ ନିଜର ବିଜୟକୁ ନେଇ ଦାବି ଉପସ୍ଥାପନ କରିଛି। ଏହି ସଂଖ୍ୟାଗୁଡ଼ିକୁ ସଂଗଠନମାନଙ୍କ ଦାବି ଭାବେ ଦେଖିବା ସହ ଅଧିକୃତ ଫଳାଫଳ ଓ ଶିକ୍ଷାନୁଷ୍ଠାନ ଅନୁଯାୟୀ ତଥ୍ୟର ଯାଞ୍ଚ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନର ପ୍ରକୃତ ଚିତ୍ର ବୁଝିବା ପାଇଁ ଦଳୀୟ ଦାବି ଅପେକ୍ଷା ପ୍ରମାଣିତ ତଥ୍ୟକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ।

ଶେଷରେ କହିବାକୁ ଗଲେ, ଛାତ୍ର ସଂସଦ ନିର୍ବାଚନର ସଫଳତା କେବଳ ବିଜୟୀ ପ୍ରାର୍ଥୀ କିମ୍ବା ସଂଗଠନର ଆସନ ସଂଖ୍ୟାରେ ସୀମିତ ନୁହେଁ। ନିର୍ବାଚନ ପରେ ଛାତ୍ରଛାତ୍ରୀଙ୍କ ସମସ୍ୟା କେତେ ଦୂର ସମାଧାନ ହେଉଛି, ଶିକ୍ଷାନୁଷ୍ଠାନର ପରିବେଶ କେତେ ଉନ୍ନତ ହେଉଛି ଏବଂ ଛାତ୍ରନେତାମାନେ ନିଜ ପ୍ରତିଶ୍ରୁତି କେତେ ପାଳନ କରୁଛନ୍ତି, ତାହା ହିଁ ସେମାନଙ୍କ ନେତୃତ୍ୱର ପ୍ରକୃତ ମାପକାଠି।

ଆଠ ବର୍ଷ ପରେ ଫେରିଥିବା ଏହି ଗଣତାନ୍ତ୍ରିକ ପ୍ରକ୍ରିୟା ଛାତ୍ରଛାତ୍ରୀଙ୍କୁ ନିଜ ମତ ପ୍ରକାଶ କରିବା ଓ ନିଜ ପ୍ରତିନିଧି ବାଛିବାର ସୁଯୋଗ ଦେଇଛି। ଏହି ସୁଯୋଗକୁ ଦଳୀୟ ପ୍ରତିଯୋଗିତାରେ ସୀମିତ ନରଖି ଶିକ୍ଷା, ଶୃଙ୍ଖଳା, ଛାତ୍ର ଅଧିକାର ଓ ଯୁବ ନେତୃତ୍ୱର ବିକାଶ ପାଇଁ ବ୍ୟବହାର କରିବା ହିଁ ସମୟର ଆବଶ୍ୟକତା। କାରଣ କ୍ୟାମ୍ପସ୍‌ରେ ଆଜି ଗଢ଼ିଉଠୁଥିବା ନେତୃତ୍ୱ ହିଁ ଆସନ୍ତାକାଲିର ସମାଜ ଓ ଗଣତନ୍ତ୍ରକୁ ଦିଗଦର୍ଶନ ଦେବ।

ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସହ ପ୍ରମୁଖ
ରିସର୍ଚ୍ଚ ସ୍କୋଲାର, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଓଡ଼ିଶା

ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍‌ସୁ...

ପୁଷ୍ପମିତ୍ର ମହାପାତ୍ର

'ମା'-ଶବ୍ଦରେ ଭରିରହିଛି ଅମୃତର ଉସ୍ନାସ। ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ। ମା' ବାରମ୍ବାର ଆବିର୍ଭୁତା ହୁଅନ୍ତି ସନ୍ତାନର ଅକୁଳ ପ୍ରାର୍ଥନାରେ। ମା'ର ଇଚ୍ଛା ସଦା ପୂର୍ଣ୍ଣହୁଏ। ସେ ଶକ୍ତିସ୍ୱରୂପିଣୀ। ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା। ଏ ଶରୀର ମଧ୍ୟ ଶକ୍ତି ବିନା ଜଡ଼। ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ। ଶକ୍ତି, ଜଡ଼ରେ ଚୈତନ୍ୟସତ୍ତା ଆଣେ। ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ। ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ। କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭାଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା'ଙ୍କ ଭୂମିକା ଅତୁଳନୀୟ। ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର। ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍। ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ। ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ। 'ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି। ଯୋ ମେ ପ୍ରତିବଲୋ ଲୋକେ ସମେ ଭର୍ତ୍ତା ଭବିଷ୍ୟତି।' ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ। ଏଭଳି ସର୍ତ୍ତଶୁଣି ମହିଷାସୁର ପରିହାସ କରିଥିଲା। ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗକରିବାକୁ ସ୍ୱପ୍ନଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା। ପରେ ପରେ ପ୍ରେରଣକଲା ରକ୍ତବୀଜକୁ। ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ। ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟିହୋଇଯାଉଥିଲା। ଦେବୀ ତାକୁ ମଧ୍ୟ ବିନାଶ କଲେ। ଶେଷରେ ମହିଷାସୁରକୁ ମଧ୍ୟ ବିନାଶକଲେ। ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧ୍ୟରେ ଏକ ସମ୍ପ୍ରତି ସମାଜୋପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ। 'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍‌ସୁ...' ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ। ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ।

ଏହି ଅନୁସାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀର ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ ଦୁର୍ଗାପୂଜା କରାଯାଇଥାଏ। ଏହା ଷୋଡ଼ଶ ଦିବସ ବ୍ୟାପୀ ଦୁର୍ଗାପୂଜା। ଏହା ବ୍ୟତୀତ ନଅଦିନ, ପାଞ୍ଚଦିନ, ତିନିଦିନ, ଦୁଇ ଦିନ ଓ ଏକ ଦିନ ଦୁର୍ଗାପୂଜା ମଧ୍ୟ ହୋଇଥାଏ। ମାତ୍ର ଷୋଡ଼ଶ ଦିବସବ୍ୟାପୀ ଦୁର୍ଗାପୂଜା ସେ ସବୁ ମଧ୍ୟରେ ଶ୍ରେଷ୍ଠ। ଦେବୀପୀଠ ମାନଙ୍କରେ ବିଧିମତେ ଦୁର୍ଗୋତ୍ସବ ପାଳିତ ହେବା ସହିତ, ଏହି ଅବଧି ମଧ୍ୟରେ ଦେବୀଙ୍କର ବିଭିନ୍ନ ବେଶ ସମ୍ପନ୍ନ ହୋଇଥାଏ। ଏହାର କିଛୁ ନିର୍ଦ୍ଧାରିତ ନିୟମ ନାହିଁ। ଏଣୁ ପରମ୍ପରା ଅନୁସାରେ ବା ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଦେବୀପୀଠରେ ଏହି ବେଶରେ ସଂଖ୍ୟା ଓ ପ୍ରକାର ଭିନ୍ନ ଭିନ୍ନ ହୋଇଥାଏ। ମୂଳାଷ୍ଟମୀରୁ ମହାଷ୍ଟମୀ - ଷୋହଳ ଦିନରେ ଷୋହଳ

ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଆଶଙ୍କା

ୱାଶିଂଟନ/ରିୟାଦ, ୧୮।୧୦: ୟେମେନର ଇରାନ-ସମର୍ଥିତ ହୁତି ବିଦ୍ରୋହୀଙ୍କ ଭୟଙ୍କର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କାରଣରୁ ସମଗ୍ର ମଧ୍ୟପ୍ରାଚ୍ୟରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ସାଉଦି ଆରବ ଉପରେ ହୁତି ବିଦ୍ରୋହୀଙ୍କ ବୃଦ୍ଧିପାଉଥିବା ଆକ୍ରମଣ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ହୁତିଙ୍କ ବିରୋଧରେ ଲଢ଼ିବା ପାଇଁ ସାଉଦି ଆରବ ଇସ୍ରାଏଲର ସାମରିକ ସହାୟତା ଗ୍ରହଣ କରିବା ଉଚିତ୍ ବୋଲି ଟ୍ରମ୍ପ ଖୋଲାଖୋଲି ପରାମର୍ଶ ଦେଇଛନ୍ତି।

ଜଜିଆରେ ଏକ ରାଲି ପୂର୍ବରୁ ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଟ୍ରମ୍ପ କହିଛନ୍ତି ଯେ, ଇସ୍ରାଏଲ ସାଉଦି ଆରବ ପାଇଁ ବେଶ୍ ସହାୟକ ପ୍ରମାଣିତ ହେବ। ଏହାସହ ୨୦୨୦ର ଐତିହାସିକ ଆବ୍ରାହମ ଚୁକ୍ତିନାମାରେ ସାଉଦି ଆରବ ସାମିଲ ହୋଇ ଇସ୍ରାଏଲ ସହ ସମ୍ପର୍କ ସ୍ୱାଭାବିକ କରିବା ଆବଶ୍ୟକ ବୋଲି ସେ ଦୋହରାଇଛନ୍ତି। ଅନ୍ୟପକ୍ଷରେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ ଦାବି କରିଛନ୍ତି ଯେ ମଧ୍ୟପ୍ରାଚ୍ୟର ବହୁ ରାଷ୍ଟ୍ର ଏବେ ଇସ୍ରାଏଲର ସାହାଯ୍ୟ ଲୋଡୁଛନ୍ତି। ତେବେ ରିୟାଦ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପାଲେଷ୍ଟାଇନ ରାଷ୍ଟ୍ର ଗଠନର ସ୍ପଷ୍ଟ ପଥ ବିନା ସମ୍ପର୍କ ସ୍ୱାଭାବିକ ହୋଇପାରିବ ନାହିଁ।

ଅନ୍ୟପଟେ, ସାଉଦି ଆରବରେ ହୁତିଙ୍କ ଆକ୍ରମଣ ଜୋରଦାର ହେବା ପରେ ସେଠାରେ ରହୁଥିବା ଲକ୍ଷ ଲକ୍ଷ ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି। ରିୟାଦସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସମସ୍ତ ଭାରତୀୟଙ୍କ ପାଇଁ ଜରୁରୀକାଳୀନ ସତର୍କତା ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସାଉଦି ନାଗରିକ ପ୍ରତିରକ୍ଷା ବିଭାଗର ନିୟମାନୁଯାୟୀ, ଆଲର୍ଟ ମିଳିବା କ୍ଷଣି ଭୟଭୀତ ନହୋଇ ତୁରନ୍ତ ଝରକାଠାରୁ ଦୂରରେ ଥିବା ସୁରକ୍ଷିତ କୋଠରିରେ ଆଶ୍ରୟ ନେବାକୁ କୁହାଯାଇଛି।

ଏହାସହିତ ବାହାରେ ଥିବା ଲୋକଙ୍କୁ ନିକଟସ୍ଥ କୋଠା ଭିତରକୁ ଯିବାକୁ ଏବଂ ଗାଡ଼ି ଚଲାଉଥିଲେ ତୁରନ୍ତ ରାସ୍ତାକଡ଼ରେ ଅଟକାଇ ପୋଲ କିମ୍ବା ଉଚ୍ଚ କୋଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆକାଶମାର୍ଗରୁ କ୍ଷେପଣାସ୍ତ୍ର ପ୍ରତିରୋଧ କିମ୍ବା ଡ୍ରୋନ୍ ଅବତରଣ ସ୍ଥାନର ଫଟୋ ଓ ଭିଡିଓ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ରାଖୀ ସାୱନ୍ତଙ୍କ ବିରୋଧରେ ୱାରେଣ୍ଟ ଜାରି

ନପୁଂସକ କହିବାରୁ ଜୀବନ ନେଇଥିଲେ ଯୁବକ

ଝାନ୍ସୀ, ୧୮।୧୦: ଉତ୍ତର ପ୍ରଦେଶର ଝାନ୍ସୀର ମହିଳାଙ୍କ ବିରୋଧରେ ଅପରାଧ ସେଲ୍ (ସିଏଡବ୍ଲୁ)କୋର୍ଟ ବଲିଉଡ୍ ଅଭିନେତ୍ରୀ ରାଖୀ ସାୱନ୍ତଙ୍କ ବିରୋଧରେ ଏକ ଜାମିନବିହୀନ ୱାରେଣ୍ଟ ଜାରି କରିଛନ୍ତି। ୧୬ ବର୍ଷ ପୂର୍ବେ 'ରାଖୀ କା ଇନସାଫ' ଶୋ'ରେ ଝାନ୍ସୀର ୨୪ ବର୍ଷ ବୟସ୍କ ଲକ୍ଷ୍ମଣ ଅହିରୱାରଙ୍କୁ ନପୁଂସକ ବୋଲି କହି ଅପମାନିତ କରିଥିବା ଅଭିଯୋଗରେ ତାଙ୍କୁ ଅଭିଯୁକ୍ତ କରାଯାଇଛି। ଏଭଳି କହିବା ଦ୍ୱାରା ଯୁବକ ଜଣକ ମାନସିକ ଆଘାତ ସହ୍ୟ ନକରିପାରି ନିଜ ଜୀବନ ନେଇଥିଲେ। ଯୁବକଙ୍କ ମାଆଙ୍କ ଅଭିଯୋଗ ଆଧାରରେ ଜୀବନ ନେବା ପାଇଁ ଉସୁକାଇବା ଏବଂ ଷଡ଼ଯନ୍ତ୍ର ସମେତ ବିଭିନ୍ନ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା। ବାରମ୍ବାର ସମନ ପରେ ରାଖୀ କୋର୍ଟରେ ହାଜର ହୋଇନଥିଲେ। କୋର୍ଟ ଏବେ ଜାମିନ ବିହୀନ ୱାରେଣ୍ଟ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧ ତାରିଖରେ ହେବ।

ଝାନ୍ସୀର ପ୍ରେମନଗର ଥାନା ଅଞ୍ଚଳ ଅନ୍ତର୍ଗତ ତୋରିଆ ମୋହଲ୍ଲାର ବାସିନ୍ଦା ଲକ୍ଷ୍ମଣ ଅହିରୱାର ଏକ ଗାଡ଼ିରେ ପନିପରିବା ବିକ୍ରୟ କରୁଥିଲେ। ସେ ୧୯ ଫେବ୍ରୁଆରି ୨୦୧୦ରେ ରାଜଗଡ଼ର ବାସିନ୍ଦା ଅନିତାଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ କୌଣସି ପ୍ରସଙ୍ଗକୁ ନେଇ ଦମ୍ପତିଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ଏହା ପରେ ଅନିତା ତାଙ୍କ ବାପାମାଆଙ୍କ ଘରେ ରହିବା ଆରମ୍ଭ କରିଥିଲେ। ଅନିତା ଅଭିଯୋଗ କରିଥିଲେ, ତାଙ୍କ ସ୍ୱାମୀଙ୍କ ଜଣେ ସମ୍ପର୍କୀୟଙ୍କ ଉଦ୍ଦେଶ୍ୟ ଖରାପ ଥିଲା।

ଯାତ୍ରୀବାହୀ ବସ୍ ଉପରେ ପଥରମାଡ଼, ବୃଦ୍ଧ ଗୁରୁତର

ଶ୍ରୀନଗର/ଚଣ୍ଡୀଗଡ़, ୧୮।୧୦: ଦିଲ୍ଲୀରୁ ଶ୍ରୀନଗର ଯାଉଥିବା ଏକ ସ୍ଲିପର୍ ବସ୍ ଉପରେ ହରିୟାଣାର କୁରୁକ୍ଷେତ୍ର ନିକଟରେ ଅସାମାଜିକ ଯୁବକଙ୍କ ଦ୍ୱାରା ଅଚାନକ ପଥର ଓ ଇଟା ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଜମ୍ମୁ-କାଶ୍ମୀର ନମ୍ବର ଥିବା ବସଟିର କାଚ ଭାଙ୍ଗିଯିବା ସହ ଜଣେ ବୃଦ୍ଧ କାଶ୍ମୀରୀ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ପରେ ଜମ୍ମୁ-କାଶ୍ମୀର ବାହାରେ ଯାତ୍ରା କରୁଥିବା କାଶ୍ମୀରୀ ନାଗରିକ, ବ୍ୟବସାୟୀ ଓ ଶ୍ରମିକଙ୍କ ସୁରକ୍ଷାକୁ ନେଇ ପୁଣିଥରେ ଗଭୀର ଚିନ୍ତାପ୍ରକଟ କରାଯାଇଛି। ସୂଚନା ଅନୁଯାୟୀ, 'ଷ୍ଟାର୍ ୱାର୍ଲ୍ଡ ଭେଞ୍ଚର୍ସ' କମ୍ପାନୀ ଦ୍ୱାରା ପରିଚାଳିତ ଏହି ବସଟିରେ ପ୍ରାୟ ୪୦ ଜଣ ଯାତ୍ରୀ ଥିଲେ। କୁରୁକ୍ଷେତ୍ରର ଏକ ଢାବା ନିକଟରେ ଅଜ୍ଞାତ ଦୁର୍ବୃତ୍ତମାନେ ବସ୍ ଡ୍ରାଇଭରଙ୍କୁ ଗାଳିଗୁଲଜ କରିବା ସହ ହଠାତ୍ ପଥର ମାଡ଼ କରିଥିବା ବସ୍ ମାଲିକ ସଂସ୍ଥା ପ୍ରକାଶ କରିଛି। ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହି ଘଟଣାକୁ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନୀ ଓ ହରିୟାଣା ପୁଲିସକୁ ଅନୁରୋଧ କରିଛନ୍ତି।

ଏଚ୍-୧ବି ଭିସା ପାଇଁ ବାର୍ଷିକ ୧.୩୨ କୋଟି ଟଙ୍କା ଦରମା ପ୍ରସ୍ତାବ!

ୱାଶିଂଟନ, ୧୮।୧୦: ଆମେରିକାରେ ଚାକିରି କରିବାକୁ ଆଶା ରଖିଥିବା ବିଦେଶୀ କର୍ମଚାରୀଙ୍କ ପାଇଁ ଏଚ୍-୧ବି ଭିସାକୁ ନେଇ ନୂଆ ଚିନ୍ତା ସୃଷ୍ଟି ହୋଇଛି। ଏହି ଭିସାରେ ନିଯୁକ୍ତି ପାଇଁ ସର୍ବନିମ୍ନ ଦରମା ସୀମା ବୃଦ୍ଧି କରିବାକୁ ଆମେରିକାରେ ଦୁଇଟି ବିଲ୍ ଆଗତ ହୋଇଛି। ପ୍ରସ୍ତାବିତ ବ୍ୟବସ୍ଥା ଅନୁଯାୟୀ, କେତେକ ନିଯୁକ୍ତି କ୍ଷେତ୍ରରେ ବାର୍ଷିକ ଦରମା ୧ ଲକ୍ଷ ୪୦ ହଜାର ଡଲାର, ଅର୍ଥାତ୍ ପ୍ରାୟ ୧.୩୨ କୋଟି ଟଙ୍କା ହୋଇପାରେ। ତେବେ ଏହା ଏକ ପ୍ରସ୍ତାବ ମାତ୍ର; ଏହାକୁ ବର୍ତ୍ତମାନର ଲାଗୁ ନିୟମ ବୋଲି ଧରିବା ଠିକ୍ ହେବ ନାହିଁ। ଆମେରିକାର ରିପବ୍ଲିକାନ୍ ସାଂସଦ ଗ୍ଲେନ୍ ଗ୍ରୋଥମ୍ୟାନ୍ ପ୍ରତିନିଧି ସଭାରେ 'ପ୍ରୋଟେକ୍ଟିଂ ଆମେରିକାନ୍ ୱାର୍କର୍ସ ଏଚ୍-୧ବି ମଡର୍ନାଇଜେସନ୍ ଆକ୍ଟ' ନାମକ ବିଲ୍ ଆଗତ କରିଛନ୍ତି। ସେହିପରି ସିନେଟର ଜନ୍ ହଷ୍ଟେଡ୍ ମଧ୍ୟ ସମାନ ଉଦ୍ଦେଶ୍ୟ ରଖି ଆଉ ଏକ ବିଲ୍ ଆଗତ କରିଛନ୍ତି। ଏହି ପ୍ରସ୍ତାବଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଆମେରିକୀୟ କର୍ମଚାରୀଙ୍କ ସ୍ୱାର୍ଥ ସୁରକ୍ଷା କରିବା ଏବଂ କମ୍ ଦରମାରେ ବିଦେଶୀ କର୍ମଚାରୀଙ୍କ ନିଯୁକ୍ତିକୁ ରୋକିବା। କଂଗ୍ରେସ ସଦସ୍ୟ ଗ୍ଲେନ୍ ଗ୍ରୋଥମ୍ୟାନଙ୍କ କହିବା ଅନୁଯାୟୀ, ପ୍ରାୟ ତିନି ଦଶନ୍ଧି ଧରି ଦରମା ସୀମାରେ ପରିବର୍ତ୍ତନ ହୋଇନାହିଁ। ଏହାର ସୁଯୋଗ ନେଇ କେତେକ କମ୍ପାନି ଆମେରିକୀୟ କର୍ମଚାରୀଙ୍କୁ ନିଯୁକ୍ତି ନଦେଇ କମ୍ ଦରମାରେ ଏଚ୍-୧ବି ଭିସାଧାରୀଙ୍କୁ ନିଯୁକ୍ତ କରୁଥିବା ସେ ଅଭିଯୋଗ କରିଛନ୍ତି।

ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୨ ଅଧିକାରୀ ମୃତ



ରିୟାଦ, ୧୮।୧୦: ସାଉଦି ଆରବର ଦକ୍ଷିଣ-ପଶ୍ଚିମ ନଜରାନ ଅଞ୍ଚଳରେ ଏକ ସାଉଦି ନ୍ୟାସନାଲ ଗାର୍ଡ ଗୁଇନ୍ଦା ସାମରିକ ହେଲିକପ୍ଟର ଏଏଚ-୬ଆଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ଉଭୟ ଅଧିକାରୀଙ୍କର ମୃତ୍ୟୁ ଘଟିଛି। ସାଉଦି ନେତୃତ୍ୱାଧୀନ ମିଳିତ ଦଳର ମୁଖପାତ୍ର ମେଜର ଜେନେରାଲ ତୁର୍କି ଅଲ-ମାଲିକୀ ଘଟଣାର ସତ୍ୟତା ପ୍ରମାଣିତ କରି କହିଛନ୍ତି ଯେ, ଏକ ଯାନ୍ତ୍ରିକ ତ୍ରୁଟି ହେଲିକପ୍ଟର ଦୁର୍ଘଟଣାର କାରଣ। ୟେମେନ ସୀମା ନିକଟରେ ସାଉଦି ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ହୁତି ବିଦ୍ରୋହୀଙ୍କ ସଂପୃକ୍ତି ଥିବା ନେଇ ପ୍ରଶ୍ନ ଉଠିଛି। କାରଣ ଏହି ଅଞ୍ଚଳକୁ ହୁତି ବିଦ୍ରୋହୀ ବାରମ୍ବାର ଟାର୍ଗେଟ କରିଥାନ୍ତି।

୩୩ ହଜାର ଭୋଲ୍ଟ ଟାୱାର ଉପରେ ଚଢ଼ିଲେ କିଶୋରୀ

ଲକ୍ଷ୍ନୌ, ୧୮।୧୦: ଉତ୍ତର ପ୍ରଦେଶର ମହାରାଜଗଞ୍ଜରେ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମନାକୁ ଆସିଛି। ରବିବାର ଜଣେ କିଶୋରୀ ଏକ ହାଇଟେନସନ୍ ପାୱାର ଟାୱାର ଉପରେ ଚଢ଼ି ଯାଇଥିଲେ। ଟାୱାର ଉପରେ ଚଢ଼ି କିଶୋରୀ ଜଣାକ ତାଙ୍କ ପ୍ରେମିକକୁ ଜେଲରୁ ମୁକ୍ତ କରିବାକୁ ଜିଦ୍ ଧରିଥିଲେ। ଚାରି ଘଣ୍ଟାର ହାଇଭୋଲଟେଜ୍ ଡ୍ରାମା ପରେ, ପୁଲିସ ବୁଝାସୁଝା କରିବା ପରେ ସେ ଟାୱାର ତଳକୁ ଆସିଥିଲେ। ଘଟଣାଟି ନିଚଲାଉଲ ଥାନା ଅଞ୍ଚଳର ଝାରୱାଲିଆ ଗାଁର। ପାଖ ଗାଁର ଜଣେ କିଶୋରୀ ଝିଅ ଚିତାଉଆନା ଗାଁର ଜଣେ ପୁଅକୁ ପ୍ରେମ କରୁଛି। କିଛି ଦିନ ପୂର୍ବରୁ ପୋଲିସ ପ୍ରେମ ମାମଲାରେ ଯୁବକଙ୍କ ବିରୋଧରେ ମାମଲା ରୁଜୁ କରି ଜେଲ ପଠାଇଥିଲା। ପ୍ରେମିକାକୁ ଜେଲରୁ ମୁକ୍ତ କରିବା ପାଇଁ ଜିଦ୍ ଧରି ଝିଅଟି ସକାଳେ ତାଙ୍କ ଗାଁ ପାଖ ଗାଁର ଚାଷ ଜମିରେ ଥିବା ୩୩ ହଜାର ଭୋଲ୍ଟ ଯୋଗାଣକାରୀ ବିଦ୍ୟୁତ୍ ଟାୱାରରେ ଚଢ଼ି ଯାଇଥିଲା। ଟାୱାରରେ ଚଢ଼ିବା ମାତ୍ରେ ସେଠାରେ ହଙ୍ଗାମା ହୋଇଥିଲା। ଗାଁ ଲୋକେ ଏ ବିଷୟରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲା, କିନ୍ତୁ ସେ ତାଙ୍କ ଜିଦରେ ଅଟଳ ରହିଥିଲେ।

ଭିଡିଓ ଦେଖୁଥିଲେ, ଚଢ଼ିଗଲା କାର

ବଳରାମପୁର, ୧୮।୧୦: ଉତ୍ତରପ୍ରଦେଶର ବଳରାମପୁର ଜିଲ୍ଲାରେ ଶନିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଚରଙ୍ଗହିଆ ବେଲହା ଗ୍ରାମ ବାହାରେ ଦୁର୍ଗା ମନ୍ଦିରରେ ଭିଡିଓ ଦେଖୁଥିବା ଗ୍ରାମବାସୀଙ୍କ ଉପରେ ଏକ ଦ୍ରୁତଗାମୀ କାର ଚଢ଼ିଯାଇଛି। ଏହି ଦୁର୍ଘଟଣାରେ ପାଟେଶ୍ୱରୀ ପ୍ରସାଦ ଓରଫ ମହାତା ପ୍ରସାଦ (୪୨), ମନୋଜ ସିଂହ (୫୧) ଏବଂ ଗଣେଶ ପାଣ୍ଡେ (୪୫)ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଚାରି ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବହରାଇଚକୁ ପଠାଯାଇଛି। ଅନ୍ୟ ଦୁଇଜଣଙ୍କୁ ଜିଲ୍ଲା ସ୍ଥାରକୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଗ୍ରାମପଞ୍ଚାୟତ ଚରଙ୍ଗହିଆ ବେଲହାରେ ଦୁର୍ଗା ମନ୍ଦିର ସମ୍ମୁଖରେ ଶନିବାର ରାତି ୧୧ଟାରେ ଏହି ଘଟଣା ଘଟିଥିଲା। ଆରତୀ ଶେଷ ହେବା ପରେ କିଛି ଲୋକ ଦୁର୍ଗା ମନ୍ଦିର ବାହାରେ ଏକ ଭିଡିଓ ଦେଖୁଥିଲେ। ଏହି ସମୟରେ ଗୌରା ଛକ ଆଡକୁ ଯାଉଥିବା କାରଟି ନିୟନ୍ତ୍ରଣ ହରାଇଥିଲା। ତମ୍ବୁର ଏକ ଅଂଶ ଭାଙ୍ଗି ସେଠାରେ ଉପସ୍ଥିତ ଲୋକଙ୍କ ଉପରେ ଚଢ଼ିଯାଇଥିଲା। ହଠାତ୍ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ଆତଙ୍କ ସୃଷ୍ଟି ହୋଇଥିଲା। ଦୁର୍ଘଟଣାରେ ସାତ ଜଣ ଆହତ ହୋଇଥିଲେ, ଯେଉଁଥିରେ ତିନି ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଚାରି ଜଣ ଗୁରୁତର ଆହତ ହୋଇଥିଲେ।

କେବଳ ଫ୍ରାନ୍ସ ନୁହେଁ, ଇଟାଲୀ ଓ ବେଲଜିୟମରେ ବି ହିଂସା

ପ୍ୟାରିସ, ୧୮।୧୦: ବର୍ଦ୍ଧିତ ଜୀବନଯାପନ ଖର୍ଚ୍ଚ, କମ ମଜୁରୀ, ମହଙ୍ଗା ଗୃହ ଏବଂ ସାର୍ବଜନୀନ ସେବାରେ କାଟଛାଣ୍ଟ ବିରୋଧରେ ପ୍ରତିବାଦ କରି ଲକ୍ଷ ଲକ୍ଷ ଲୋକ ବିଭିନ୍ନ ୟୁରୋପୀୟ ଦେଶରେ ରାସ୍ତାକୁ ଓହ୍ଲାଇଛନ୍ତି। ପ୍ରଭାବିତ ଦେଶମାନଙ୍କ ମଧ୍ୟରେ ଫ୍ରାନ୍ସରେ ବଡ଼ଧରଣର ପ୍ରଦର୍ଶନ ହୋଇଛି। ଅନେକ ସହରରେ ପ୍ରତିବାଦ ହିଂସାତ୍ମକ ରୂପ ନେଇଛି। ସେହିପରି ବେଲଜିୟମ, ଇଟାଲୀ ଏବଂ ପର୍ତ୍ତୁଗାଲ ଆଦି ୫ ୟୁରୋପୀୟ ଦେଶରେ ମଧ୍ୟ ବଢୁଥିବା ଆର୍ଥିକ ଚାପ ବିରୋଧରେ ପ୍ରଦର୍ଶନ ଦେଖିବାକୁ ମିଳିଛି। ସ୍ଥିତି ଧିରେଧିରେ ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ଫ୍ରାନ୍ସରେ ସେପ୍ଟେମ୍ବର ୧୮ ତାରିଖରୁ ଶ୍ରମିକ, ଛାତ୍ର ଏବଂ ୟେଲୋ ଭେଷ୍ଟ ଆନ୍ଦୋଳନର ସମର୍ଥକମାନେ ବ୍ୟାପକ ବିରୋଧ ପ୍ରଦର୍ଶନ କରୁଛନ୍ତି। କିନ୍ତୁ, ଏହା ଗତ କିଛି ଦିନ ମଧ୍ୟରେ ତୀବ୍ର ହୋଇଛି। ଫ୍ରାନ୍ସ ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସଂଖ୍ୟା ଅନୁଯାୟୀ, ସାରା ଦେଶରେ ୫, ୫୦, ୦୦୦ ରୁ ଅଧିକ ଲୋକ ପ୍ରଦର୍ଶନରେ ଅଂଶଗ୍ରହଣ କରିଛନ୍ତି। ପ୍ରତିବାଦ ଅନେକ ସ୍ଥାନରେ ହିଂସାତ୍ମକ ରୂପ ନେଇଥିଲା କାରଣ ମୁଖାପିନ୍ଧା ଗୋଷ୍ଠୀ ପୁଲିସ ସହିତ ସଂଘର୍ଷ କରିଥିଲେ, ଦୋକାନ ଲୁଟ୍ କରି ନିଆଁ ଲଗାଇ ଦେଇଥିଲେ। ସାର୍ବଜନୀନ କୋଠା, ସୁପରମାର୍କେଟ୍ ଏବଂ ବିଳାସପୂର୍ଣ୍ଣ ଦୋକାନଗୁଡ଼ିକୁ ମଧ୍ୟ ଟାର୍ଗେଟ କରାଯାଇଛି।

ବୃଦ୍ଧି ପାଉଥିବା ମୂଲ୍ୟବୃଦ୍ଧି, ପରିବାର ବଜେଟ୍ ଉପରେ ଚାପ ଏବଂ ସାର୍ବଜନୀନ ସେବା ଉପରେ ଚିନ୍ତା ପ୍ରଦର୍ଶନ ପଛରେ ମୁଖ୍ୟ କାରଣ। ଲୋକମାନେ ଖାଦ୍ୟ, ଇନ୍ଧନ ଏବଂ ଅନ୍ୟାନ୍ୟ ମୌଳିକ ଆବଶ୍ୟକତାର ମୂଲ୍ୟ ହ୍ରାସ ସହିତ ଅଧିକ ମଜୁରୀ ଏବଂ ପେନସନ ଦାବି କରୁଛନ୍ତି। ଏହା ସହିତ ଶିକ୍ଷକ ଅଭାବ, ସ୍କୁଲ ସୁବିଧା ଅଭାବ ଏବଂ ଶିକ୍ଷା ପାଇଁ ପାଣ୍ଠି ଅଭାବକୁ ନେଇ ଆରମ୍ଭ ହୋଇଥିବା ଛାତ୍ର ପ୍ରତିବାଦ ମଧ୍ୟ ଅଶାନ୍ତିକୁ ଆହୁରି ବୃଦ୍ଧି କରିଛି। ଫ୍ରାନ୍ସ ବ୍ୟତୀତ, ଅନ୍ୟ କେତେକ ୟୁରୋପୀୟ ଦେଶରେ ମଧ୍ୟ ବର୍ଦ୍ଧିତ ଜୀବନଯାପନ ମୂଲ୍ୟକୁ ନେଇ ପ୍ରତିବାଦ ଦେଖାଦେଇଛି। ବେଲଜିୟମରେ ଶିକ୍ଷା ଖର୍ଚ୍ଚ, ବଜେଟ୍ କାଟ ଏବଂ ବୃଦ୍ଧି ପାଉଥିବା ମୂଲ୍ୟ ଉପରେ ପ୍ରତିବାଦ ଏବଂ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଜାରି ରହିଛି। ବ୍ରସେଲ୍ସରେ ଭିଡ଼କୁ ଘଉଡ଼ାଇବା ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ଏବଂ ପାଣି ତୋପ ବ୍ୟବହାର କରିଛି।

ଖୁସିରେ ଘରୁ ବାହାରିଥିଲେ, ହେଲେ ଫେରିଲେନି

କୋଲକାତା, ୧୮।୧୦: ଦୁର୍ଗାପୂଜା ବୁଲିବା, ମାଆଙ୍କ ଦର୍ଶନ କରିବା ଆଉ ଏକାଠି ଖୁସିର ମୁହୂର୍ତ୍ତ ବିତାଇବା ପାଇଁ ଘରୁ ବାହାରିଥିଲେ ହଜାର ହଜାର ଶ୍ରଦ୍ଧାଳୁ। ହେଲେ କିଏ ଜାଣିଥିଲା, ଏହି ଯାତ୍ରା ତାଙ୍କ ଜୀବନର ସବୁଠାରୁ ଦୁଃଖଦ ସ୍ମୃତି ପାଲଟିଯିବ! ଆଖି ପିଛୁଳାକେ ବଦଳିଗଲା ଦୃଶ୍ୟ। ଚାରିଆଡ଼େ ଚିତ୍କାର, ଠେଲାପେଲା ଆଉ ଜୀବନ ବଞ୍ଚାଇବା ପାଇଁ ଆକୁଳ ଚେଷ୍ଟା। ଭିଡ଼ ଭିତରେ ହଜିଗଲା ଅନେକ ଜୀବନ। କୋଲକାତାର ଚୋରବାଗାନ ଦୁର୍ଗାପୂଜା ମଣ୍ଡପରେ ଘଟିଥିବା ଦଳାଚକଟା ଅନେକ ପରିବାରର ଖୁସି ଛଡ଼ାଇ ନେଇଛି। ଏହି ଭୟାବହ ଘଟଣାର ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଏବେ ସମସ୍ତଙ୍କ ହୃଦୟକୁ ଦୋହଲାଇ ଦେଇଛି।

ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କ ସହ ଚକଦାହରୁ କୋଲକାତା ଆସିଥିଲେ। ପତ୍ନୀଙ୍କ ଇଚ୍ଛା ଅନୁସାରେ ଚୋରବାଗାନ ପୂଜା ମଣ୍ଡପ ଅଭିମୁଖେ ଯାଇଥିଲେ। ଏହି ସମୟରେ ହଠାତ୍ ବର୍ଷା ଆରମ୍ଭ ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଲୋକେ ମଣ୍ଡପ ଭିତରକୁ ଧସେଇ ପଶିବାରୁ ସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ତାଙ୍କ କହିବା ଅନୁସାରେ, ଭିଡ଼ର ଚାପ ଏତେ ବଢ଼ିଯାଇଥିଲା ଯେ ନିଃଶ୍ୱାସ ନେବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା। ପଛପଟୁ ଠେଲାପେଲା ଆରମ୍ଭ ହେବାରୁ ସେ ତଳେ ପଡ଼ିଯାଇଥିଲେ ଏବଂ ପତ୍ନୀ ତାଙ୍କଠାରୁ ଅଲଗା ହୋଇଯାଇଥିଲେ। ଦଳାଚକଟା ପରେ ସେ ନିଜ ପତ୍ନୀଙ୍କୁ ଖୋଜିବା ଆରମ୍ଭ କରିଥିଲେ। ଚାରିଆଡ଼େ ଲୋକେ ଚିତ୍କାର କରୁଥିଲେ, କାନ୍ଦୁଥିଲେ ଏବଂ ନିଜ ପରିଜନଙ୍କୁ ଖୋଜୁଥିଲେ। ଶେଷରେ ସେ ପତ୍ନୀଙ୍କୁ ତଳେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସର ବ୍ୟବସ୍

କଟକରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତି





ମହିଳା ଟି-୨୦ ସିରିଜ୍

ଭାରତର ଅପରାଜେୟ ଅଗ୍ରଣୀ

ରାୟପୁର,୧୮।୧୦: ଚଳିତ ଭାରତ ଓ ଜିମ୍ବାୱେ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ଟି ଆଜି ଏଠାରେ ଖେଳାଯାଇଥିବା ବେଳେ ଏଥିରେ ଘରୋଇ ଦଳ କ୍ରମାଗତ ବିଜୟ ହାସଲ କରିଛି। ଏଥିସହ ଦଳ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅପରାଜେୟ ଅଗ୍ରଣୀ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୨୦ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୧୦୨ ରନ୍ କରିଥିଲା। ଜବାବରେ ଭାରତ ଗୋଟିଏ ୱିକେଟ୍ ହରାଇ ମାତ୍ର ୮.୫ ଓଭରରେ ୧୦୪ ରନ୍ କରି ସହଜ ବିଜୟ ହାସଲ କରିଥିଲା। ମାତ୍ର ୨୫ ବଲ୍ ଖେଳି ୬ଟି ଚୌକା ଓ ୪ଟି ଛକା ସହ ୫୫ ରନ୍ କରିଥିବା ଭାରତୀୟ ଓପନର ଶେଫାଳୀ ବର୍ମା ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜିମ୍ବାୱେ ପକ୍ଷରୁ ଚିପୋ-ମୁଗେରି-ତିରିପାନୋ ସର୍ବାଧିକ ୩୪ ରନ୍ କରିଥିଲେ। ଏହି ରନ୍ ସଂଗ୍ରହ ସକାଶେ ସେ ୩୨ଟି ବଲ୍ ଖେଳିଥିବା ବେଳେ ୫ଟି ଚୌକା ଲଗାଇଥିଲେ। ଏହାଛଡ଼ା ଅଧିନାୟିକା ଜୋସେଫାଇନ୍ ଏନ୍‌କୋମୋ ୨ଟି ଚୌକା ଜରିଆରେ ୨୭ ରନ୍‌ର ଯୋଗଦାନ ଦେଇଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ କେହି ଦୁଇ ଅଙ୍କରେ ବି ପହଞ୍ଚିପାରି ନଥିଲେ। ଭାରତ ପକ୍ଷରୁ ନିକି ପ୍ରସାଦ ୨ଟି ଏବଂ କ୍ରାନ୍ତି ଗୌଡ଼, ନନ୍ଦନୀ ଶର୍ମା, ଦୀପ୍ତି ଶର୍ମା ଓ ଶ୍ରୀ ଚରନୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ସେହିପରି ବ୍ୟାଟିଂରେ ଦଳ ପାଇଁ ନୂତନ ଅଧିନାୟିକା ସ୍ମୃତି ମନ୍ଧାନ ତାଙ୍କ ଯୋଡ଼ିଦାର ଶେଫାଳୀଙ୍କ ସହ ପ୍ରଥମ ୱିକେଟ୍‌ରେ ମାତ୍ର ୪୭ ବଲ୍‌ରେ ୯୬ ରନ୍‌ର ଭାଗୀଦାରୀ କରିଥିଲେ। ଏହି ଅବସରରେ ସେ ବ୍ୟକ୍ତିଗତ ଭାବେ ମାତ୍ର ୨୫ ବଲ୍ ଖେଳି ୪୭ ରନ୍‌ରେ ଅପରାଜିତ ଥିଲେ। ଏଥିରେ ୬ଟି ଚୌକା ଓ ବିଜୟସୂଚନ ଛକା ସହ ୨ଟି ଛକା ରହିଥିଲା। ଏହାଛଡ଼ା ଅନୁଷ୍କା ଶର୍ମା ୧ ରନ୍ କରି ଅପରାଜିତ ଥିଲେ। ଜିମ୍ବାୱେ ପକ୍ଷରୁ ଏକମାତ୍ର ୱିକେଟ୍‌ଟି ବିଲଭ୍‌ଡ ବିଜା ନେଇଥିଲେ। ସିରିଜ୍‌ର ତୃତୀୟ ତଥା ଚୂଡ଼ାନ୍ତ ଟି-୨୦ ଆସନ୍ତା ୨୦ରେ ଏଠାରେ ଖେଳାଯିବ।

କୋଲକାତା ଦୁର୍ଗାପୂଜା ବୁଲିଲେ ମନମୋହନ

କୋଲକାତା, ୧୮।୧୦ (ସଂଚାର ବ୍ୟୁରୋ): ଦୁଇଦିନିଆ କୋଲକାତା ଗସ୍ତରେ ଆସି ଓଡିଶା ବିଜେପି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ବିକାଶ ସଂକଳ୍ପ ଯାତ୍ରା ସହ ଦୁର୍ଗାପୂଜା ମଣ୍ଡପ ବୁଲିଛନ୍ତି। ପ୍ରବାସୀ ଓଡିଆମାନଙ୍କୁ ଶାରଦୀୟ ଶୁଭେଚ୍ଛା ଦେବା ସହ ସେମାନଙ୍କ ପରିବାର ବର୍ଗଙ୍କ ମଙ୍ଗଳ କାମନା କରିଛନ୍ତି। ସେ କହିଛନ୍ତି ଯେ, ଓଡିଶା ଓ ପଶ୍ଚିମବଙ୍ଗର ଡବଲ ଇଞ୍ଜିନ ସରକାର ଏବେ ଉନ୍ନୟନ କର୍ମଯଜ୍ଞରେ ବ୍ୟସ୍ତ। ଜନଗଣଙ୍କ ମୌଳିକ ସୁଖ ସୁବିଧା ପ୍ରତି ଧ୍ୟାନ ଦିଆହେବ। କୋଲକାତା ତାରାତାଳ ଦତ୍ତ ଷ୍ଟ୍ରିଟ ସ୍ଥିତ ୟଙ୍ଗ ବୟଜ କ୍ଲବ ପୂଜା ମଣ୍ଡପ ପରିଦର୍ଶନ କରି ଶନିବାର ସଂଧ୍ୟାରେ ଓଡିଶା ଫେରିଛନ୍ତି।

■ ଗ୍ୱାଲିୟରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

ଭକ୍ତଙ୍କ ଉପରେ ଚଢ଼ିଗଲା ଟ୍ରକ୍: ୧୩ ମୃତ, ୪୦ ଆହତ

ଗ୍ୱାଲିୟର, ୧୮।୧୦: ମଧ୍ୟପ୍ରଦେଶର ଗ୍ୱାଲିୟରସ୍ଥିତ ଶୀତଳା ମାତା ମନ୍ଦିର ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଶନିବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୦ ମିନିଟ୍ ସମୟରେ ନବରାତ୍ରି ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟକୁ ଧାନ ବୋଝେଇ ଏକ ଅନିୟନ୍ତ୍ରିତ ଟ୍ରକ୍ ପୁଲିସ ବ୍ୟାରିକେଡ୍ ଭାଙ୍ଗି ମାଡ଼ି ଯାଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ୧୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୪୦ ଜଣ ଆହତ ହୋଇଛନ୍ତି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଯାଦବ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଝାନ୍ସୀ ରୋଡ୍ ସିଏସ୍‌ପିଙ୍କ ସମେତ ତିନିଜଣ ଥାନା ପ୍ରଭାରୀ ଏବଂ ଆଠଜଣ ପୋଲିସ ଅଧିକାରୀ-କର୍ମଚାରୀଙ୍କୁ ସସପେଣ୍ଡ କରାଯାଇଛି। ଏହି ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କୁ ୫୦, ୦୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ, ଗୁରୁତର ଆହତଙ୍କୁ ୨ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବାକୁ ଘୋଷଣା କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଏହି ଦୁର୍ଘଟଣାରେ ଗଭୀର ସମବେଦନା ଜଣାଇଛନ୍ତି।

୪୨୦ ବର୍ଷର ପୁରୁଣା 'ପେଟକଟି ଦୁର୍ଗା'

କୋଲକାତା, ୧୮।୧୦(ସଂଚାର ବ୍ୟୁରୋ): ମୁର୍ଶିଦାବାଦର ରଘୁନାଥଗଞ୍ଜ ଅନ୍ତର୍ଗତ ଗଦାଇପୁର ଗ୍ରାମରେ ବାନାର୍ଜୀ ପରିବାର ପ୍ରାୟ ୪୨୦ ବର୍ଷ ଧରି 'ମା' ପେଟକଟି'ଙ୍କୁ ପୂଜା କରିଆସୁଛନ୍ତି। ଏହି ଦେବୀଙ୍କର କିଛି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି, ତାଙ୍କ ଗୋଡ଼ରେ ଶିକୁଳି ବନ୍ଧା ହୋଇଥାଏ। ତାଙ୍କ ପେଟର ଆକୃତି ମଧ୍ୟ ଭିନ୍ନ ଧରଣର ହୋଇଥାଏ। କିମ୍ବଦନ୍ତୀ ଅନୁଯାୟୀ, ଦେବୀ ଏକ ସମୟରେ ଏକ ଛୋଟ ଝିଅକୁ ଗିଳି ପକାଇଥିଲେ। କିନ୍ତୁ ପରେ ସେ ସ୍ୱପ୍ନରେ ଦେଖାଦେଇ ନିର୍ଦ୍ଦେଶ ଦେଇଥିଲେ ଯେ, ସେହି ଝିଅକୁ ବାହାର କରିବା ପାଇଁ ତାଙ୍କ ପେଟକୁ କାଟି ଦିଆଯାଉ। ଏହି ଘଟଣା ଯୋଗୁଁ ତାଙ୍କ ନାମ 'ପେଟକଟି' ରଖାଯାଇଛି। ସପ୍ତମୀ ତିଥିରେ ନଦୀରୁ ଏକ ପବିତ୍ର ଘଟ ଆଣିବା ସହିତ ପୂଜାବିଧି ଆରମ୍ଭ ହୁଏ। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ମଧ୍ୟରେ ଦଶମୀ ଦିନ ଗଙ୍ଗା ନଦୀରେ ପ୍ରତିମା ବିସର୍ଜନ ଏବଂ ଏକାଦଶୀ ଦିନ ଆୟୋଜିତ ହେଉଥିବା ନୌକା ଦୌଡ଼ ଅନ୍ତର୍ଭୁକ୍ତ।

ଦଳାଚକଟା ପରେ ଶ୍ରୀରାମପୁର ପୂଜା ବାତିଲ

କୋଲକାତା, ୧୮।୧୦ (ସଂଚାର ବ୍ୟୁରୋ): ଚୋରବାଗାନରେ ଘଟିଥିବା ଏକ ଦୁଃଖଦ ଘଟଣା ପରେ, ଶ୍ରୀରାମପୁରରେ ଏକ ଦୁର୍ଗା ପୂଜା ଆୟୋଜନକୁ ବନ୍ଦ କରିଦିଆଯାଇଛି। ପ୍ରତିମା ଦର୍ଶନ ସମୟରେ ଅନେକ ଲୋକଙ୍କ ଜୀବନ ହାନି ହେବା ପରେ ପ୍ରଶାସନ ଏହି ପଦକ୍ଷେପ ନେଇଛି। ହୁଗୁଳି ଜିଲ୍ଲାର ଶ୍ରୀରାମପୁର ସ୍ଥିତ 'ନେହେରୁ ନଗର ସାର୍ବଜନୀନ' କମିଟି ଦ୍ୱାରା ଆୟୋଜିତ ଦୁର୍ଗା ପୂଜାକୁ କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି। ୭୭ ବର୍ଷ ଧରି ଚାଲିଆସୁଥିବା ଏହି ପୂଜାରେ, କୈଳାସ ପର୍ବତରେ ଦେବୀ ଦୁର୍ଗାଙ୍କୁ ନେଇ ଏକ ବିଷୟବସ୍ତୁ (ଥିମ୍) ଉପସ୍ଥାପନ କରାଯାଇଥିଲା, ଯାହା ଫାଇବର ସାମଗ୍ରୀ ବ୍ୟବହାର କରି ନିର୍ମାଣ କରାଯାଇଥିଲା। ପ୍ରାୟ ୭୦ ଫୁଟ ଉଚ୍ଚ ବିଶିଷ୍ଟ ଏହି ପୂଜା ମଣ୍ଡପ ବହୁ ସଂଖ୍ୟାରେ ଦର୍ଶକଙ୍କୁ ଆକର୍ଷିତ କରୁଥିଲା। ଦର୍ଶକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି, ପ୍ରଶାସନ ପୂଜା କମିଟିକୁ ନିର୍ଦ୍ଦେଶ ଦେଇଛି ଯେ ସେମାନେ ଯେପରି ଆଉ କୌଣସି ବ୍ୟକ୍ତିଙ୍କୁ ମଣ୍ଡପ ଭିତରକୁ ପ୍ରବେଶ କରିବାକୁ ନ ଦିଅନ୍ତି।

ଚୋରବାଗାନରେ ଧାରା ୧୬୩ ଜାରି

କୋଲକାତା, ୧୮।୧୦ (ସଂଚାର ବ୍ୟୁରୋ): ଦୁର୍ଗାପୂଜା ଉତ୍ସବ ମଧ୍ୟରେ କୋଲକାତାରେ ୧୬୩ ଧାରା ଲାଗୁ କରାଯାଇଛି। କୋଲକାତା ପୁଲିସ ପକ୍ଷରୁ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହି ନିର୍ଦ୍ଦେଶ ୧୮ ଅକ୍ଟୋବର ରବିବାରରୁ ୨୦ ଅକ୍ଟୋବର ମଙ୍ଗଳବାର ପର୍ଯ୍ୟନ୍ତ ତିନି ଦିନ ପାଇଁ ବଳବତ୍ତର ରହିବ। ନିର୍ଦ୍ଦେଶନାମାରେ ବାଡ଼ି, ଘାତକ ଅସ୍ତ୍ରଶସ୍ତ୍ର କିମ୍ବା ଅନ୍ୟ କୌଣସି ବିପଦପୂର୍ଣ୍ଣ ଜିନିଷ ବହନ କରିବାକୁ ସ୍ପଷ୍ଟ ଭାବରେ ନିଷେଧ କରାଯାଇଛି। ଏହା ବ୍ୟତୀତ ସହରରେ ଶାନ୍ତି ଏବଂ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିପାରୁଥିବା କିମ୍ବା ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତି ସୃଷ ି କରୁଥିବା ଯେକୌଣସି କାର୍ଯ୍ୟକଳାପକୁ କଡ଼ାକଡ଼ି ନିଷେଧ କରାଯାଇଛି।

● କୋଲକାତା ଦଳାଚକଟା ପରେ ଚେତିଲା କମିଶନରେଟ୍ ପୁଲିସ

ପୂଜା ମଣ ୍ଡପରେ ଭିଡ଼ ନିୟନ୍ତ୍ରଣ ପାଇଁ କଡ଼ା ଚେତାବନୀ

ଭୁବନେଶ୍ୱର,୧୮।୧୦(ସଂଚାର ବ୍ୟୁରୋ): ପାର୍ବଣ ଋତୁରେ ରାଜଧାନୀରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ କମିଶନରେଟ୍ ପୁଲିସ ସମ୍ପୂର୍ଣ୍ଣ ଆଲର୍ଟ ମୋଡ୍‌କୁ ଆସିଛି। ଗତକାଲି କୋଲକାତାର ଏକ ପୂଜା ମଣ୍ଡପ ନିକଟରେ ଘଟିଥିବା ଭୟଙ୍କର ଦଳାଚକଟା ଘଟଣାରୁ ଶିକ୍ଷା ନେଇ ଟ୍ୱିନ୍ ସିଟି ପୁଲିସ ନିଜର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛି। ବିଶେଷକରି ପୂଜା ମଣ୍ଡପଗୁଡ଼ିକରେ ଯେଭଳି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବ, ସେଥିପାଇଁ ଭିଡ଼ ନିୟନ୍ତ୍ରଣ ଉପରେ ସର୍ବାଧିକ ପ୍ରାଥମିକତା ଦିଆଯାଉଛି।

ପୂଜା ମଣ୍ଡପଗୁଡ଼ିକର ପ୍ରବେଶ ଓ ପ୍ରସ୍ଥାନ ପଥରେ ଯେପରି ଅନାବଶ୍ୟକ ଭିଡ଼ ନ ଜମେ, ସେଥିପ୍ରତି ସତର୍କ ରହିବାକୁ ଭୁବନେଶ୍ୱର ଡିସିପି ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନଙ୍କୁ ଅନୁରୋଧ କରିଛନ୍ତି। ସୁରକ୍ଷା ବ୍ୟବସ୍ଥାର ପ୍ରତ୍ୟକ୍ଷ ସମୀକ୍ଷା ପାଇଁ ପୁଲିସ କମିଶନର (ସିପି), ଡିସିପି ଓ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ନିଜେ କ୍ଷେତ୍ର ପରିଦର୍ଶନରେ ବାହାରିଛନ୍ତି। ଆସନ୍ତାକାଲିଠାରୁ ଏହି ତଦାରଖ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରାଯିବ।

ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂହ ସମସ୍ତ ପୂଜା କମିଟି ସଦସ୍ୟଙ୍କୁ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ମଣ୍ଡପରେ ନିୟୋଜିତ ପୁଲିସ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି। ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ଅବହେଳା କିମ୍ବା ନିୟମ ଭଙ୍ଗ କଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କମିଶନର ଶ୍ରୀ ସିଂହ କଡ଼ା ଚେତାବନୀ ଦେଇଛନ୍ତି।

ପୂଜାପୀଠରେ ମା' ଦୁର୍ଗାଙ୍କ ଦର୍ଶନ କଲେ ସାଂସଦ

ମା' ଦୁର୍ଗା ଶକ୍ତି, ଭକ୍ତି ଓ ବିଶ୍ୱାସର ପ୍ରତୀକ: ଧର୍ମେନ୍ଦ୍ର

ଅନୁଗୋଳ/ଢେଙ୍କାନାଳ,୧୮।୧୦ (ସଂଚାର ବ୍ୟୁରୋ): ପବିତ୍ର ମହାଷ୍ଟମୀ ତଥା ଦୁର୍ଗାପୂଜାର ମଙ୍ଗଳମୟ ଅବସରରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ବିଭିନ୍ନ ପୂଜାପୀଠ ଓ ପୂଜା ମଣ୍ଡପ ପରିଦର୍ଶନ କରି ଜଗଜ୍ଜନନୀ ମା' ଦୁର୍ଗାଙ୍କ ଦିବ୍ୟ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଶ୍ରୀ ପ୍ରଧାନ ଆଜି ପ୍ରଥମେ ଢେଙ୍କାନାଳ ଜିଲ୍ଲା ଆମ୍ବିଠିସ୍ଥିତ ପ୍ରସିଦ୍ଧ ମା' ବନଦୁର୍ଗା ମନ୍ଦିରରେ ଉପସ୍ଥିତ ହୋଇ ଭକ୍ତିମୟ ପରିବେଶ ମଧ୍ୟରେ ମା'ଙ୍କ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ମତ ପ୍ରକାଶ କରି କହିଛନ୍ତି ଯେ ଜଗଜ୍ଜନନୀ ମା' ଦୁର୍ଗା ହେଉଛନ୍ତି ଅଧର୍ମ ଓ ନକାରାତ୍ମକତା ଉପରେ ସତ୍ୟ ଓ ଧର୍ମର ବିଜୟର ପ୍ରତୀକ। ମା' ସମସ୍ତ ଶକ୍ତି, କରୁଣା, ଆସ୍ଥା ଓ ବିଶ୍ୱାସର ନିରନ୍ତର ସ୍ରୋତ। ମା'ଙ୍କ କୃପାରୁ ହିଁ ମାନବ ସମାଜରେ ଉଦାରତା ଓ ସଦ୍ଭାବ ପ୍ରତିଷ୍ଠିତ ହୋଇଥାଏ। ଶ୍ରୀ ପ୍ରଧାନ ଅନୁଗୋଳ ଜିଲ୍ଲାର ଜରପଡ଼ାସ୍ଥିତ ବାର୍ଷିକ ଦୁର୍ଗାପୂଜା ଉତ୍ସବ, ବଇଞ୍ଚାସ୍ଥିତ ମଣ୍ଡପ, ଆଠମଲ୍ଲିକର ଡେବରାପାଲି ଓ ବାମୁରସ୍ଥିତ ବିଭିନ୍ନ ପୂଜାମଣ୍ଡପରେ ଦର୍ଶନ କରିଥିଲେ। ମା'ଙ୍କ ଅହେତୁକ କୃପା ସମାଜରେ ଶାନ୍ତି, ସମରସତା ଓ ଆଧ୍ୟାତ୍ମିକତାର ଏକ ନୂତନ ଚେତନା ଓ ସକାରାତ୍ମକ ପରିବେଶ ସୃଷ୍ଟି କରିଛି ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ଅବସରରେ ସାଂସଦ ଶ୍ରୀ ପ୍ରଧାନ ମା'ଙ୍କ ପାଖରେ ଜଗତର କଲ୍ୟାଣ କାମନା କରିଛନ୍ତି।

● କୋଟିଆରେ ଓଡ଼ିଶାର ରଣନୀତି ପ୍ରସ୍ତୁତ

ରାଜ୍ୟର ସ୍ୱାର୍ଥ ଓ ସମ୍ମାନ ପାଇଁ ସମସ୍ତେ ଏକାଠି ଲଢ଼ିବେ

ଭୁବନେଶ୍ୱର,୧୮।୧୦(ସଂଚାର ବ୍ୟୁରୋ): ଓଡ଼ିଶାର ସ୍ୱାର୍ଥ ଓ ଓଡ଼ିଶାର ସମ୍ମାନ କଥା ଯେତେବେଳେ ବି ଆସିବ, ସେତେବେଳେ ଦଳମତ ନିର୍ବିଶେଷରେ ଆମେ ସମସ୍ତେ ଏକ ହୋଇ ଲଢ଼େଇ କରିବୁ। ରାଜ୍ୟ ସରକାର ମଧ୍ୟ କାଉଣ୍ଟର ଯୋଜନା ପ୍ରସ୍ତୁତ କରିଛନ୍ତି। ଆନ୍ଧ୍ର ନିର୍ବାଚନ କରିବାକୁ ଯୋଜନା କରିଛନ୍ତି। ଓଡ଼ିଶା ଏହାକୁ ନେଇ କାଉଣ୍ଟର ଯୋଜନା ପ୍ରସ୍ତୁତ କରି ସାରିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଆମର ମୂଳ ଲକ୍ଷ୍ୟ ଓଡ଼ିଶାର ସ୍ୱାର୍ଥ ରକ୍ଷା କରିବାର ଅଛି। ଏହାକୁ ନେଇ ଯାହା ଆବଶ୍ୟକ ଓଡ଼ିଶା ସରକାର ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ଓ ସୀମାବର୍ତ୍ତୀ ଅଞ୍ଚଳର ସୀମାକୁ ସୁରକ୍ଷା କରିବା ପାଇଁ ଯାହା ଅବଶ୍ୟକ ତାହା କରାଯିବ। ରାଜ୍ୟ ସରକାର ଏହାକୁ ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ପୁରା ଘଟଣାକୁ ନିରୀକ୍ଷଣ କରୁଛନ୍ତି। କୋରାପୁଟ ଜିଲ୍ଲାପାଳ ମଧ୍ୟ ଏହାର ସବିଶେଷ ତଥ୍ୟ ସଂଗ୍ରହ କରୁଛନ୍ତି। କୋଟିଆ ବାସିନ୍ଦାଙ୍କ ସହ ସମ୍ପର୍କରେ ଅଛନ୍ତି ଜିଲ୍ଲାପାଳ। ଦଳମତ ନିର୍ବିଶେଷରେ କୋରାପୁଟ ଜିଲ୍ଲାର ସମସ୍ତ ବିଧାୟକ ମଧ୍ୟ ଏହି କାମରେ ନିଜକୁ ସାମିଲ କରିଛନ୍ତି।

ଆନ୍ଧ୍ର ପ୍ରଦେଶ ଭାବୁଛି ପଞ୍ଚାୟତ ନିର୍ବାଚନ କରି କୋଟିଆବାସୀଙ୍କ ସମର୍ଥନ ପାଇବ? କୋଟିଆବାସୀ କେବେ ସମର୍ଥନ କରିବେ ନାହିଁ। ଆନ୍ଧ୍ରର ଯୋଜନା ବିଫଳ ହେବ। ଆସନ୍ତା ୨୮ ତାରିଖରେ ହେବାକୁ ଥିବା ନିର୍ବାଚନରେ କୋଟିଆବାସୀଙ୍କୁ ସାମିଲ କରିବା ପାଇଁ ଆନ୍ଧ୍ର ଏଭଳି ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏଭଳି ପଦକ୍ଷେପ ନେବାକୁ ଚେଷ୍ଟା କରିଥିଲେ। ଏସବୁ ଭିତରେ ସୁପ୍ରିମକୋର୍ଟ ସ୍ଥିତାବସ୍ଥା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

କୋଟିଆବାସୀ ଏବେ ଅନୁଭବ କଲେଣି ପୂର୍ବରୁ ରାଜ୍ୟରେ ଥିବା ସରକାର ତାଙ୍କୁ ପଚାରୁନ ଥିଲେ। ତେବେ ବର୍ତ୍ତମାନ ରାଜ୍ୟରେ ଥିବା ବିଜେପି ସରକାର କୋଟିଆବାସୀଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦେଉଛନ୍ତି। ତାଙ୍କ ପାଖରେ ପହଞ୍ଚିପାରିଛି। ଏହାକୁ କୋଟିଆବାସୀ ମଧ୍ୟ ସ୍ୱୀକାର କରୁଛନ୍ତି। କୋଟିଆବାସୀ ମଧ୍ୟ ଅନୁଭବ କଲେଣି ଆନ୍ଧ୍ରପ୍ରଦେଶର ଆଉ ସାହାଯ୍ୟ ସହଯୋଗ ଦରକାର ନାହିଁ।

ଚୋରବାଗାନ ଦଳାଚକଟା, ଶୋକ ପ୍ରକାଶକଲେ ରାଷ୍ଟ୍ରପତି

କୋଲକାତା, ୧୮।୧୦(ସଂଚାର ବ୍ୟୁରୋ): ସପ୍ତମୀ ସନ୍ଧ୍ୟାର ଆନନ୍ଦ ମୁହୂର୍ତ୍ତକ ମଧ୍ୟରେ ଦୁଃଖରେ ପରିଣତ ହୋଇଗଲା। ଚୋରବାଗାନ ସାର୍ବଜନୀନ ଦୁର୍ଗା ପୂଜା ପେଣ୍ଡାଲରେ ଘଟିଥିବା ଦଳାଚକଟା ଘଟଣାରେ ଅନ୍ତତଃ ୧୯ ଜଣଙ୍କର ମୃତ୍ୟୁ ଘଟିଛି। ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ନିଜର 'ଏକ୍ସ' ହ୍ୟାଣ୍ଡେଲରେ ସେ ଲେଖିଛନ୍ତି, କୋଲକାତାର ଏକ ଦୁର୍ଗା ପୂଜା ପେଣ୍ଡାଲରେ ଅନ୍ତତଃ ୧୯ ଜଣଙ୍କର ମୃତ୍ୟୁ ଘଟିଛି। ଏହା ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା। ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ମୁଁ ସମବେଦନା ଜଣାଉଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିଜୟ ନୂଆ...

ସେ କହିଥିଲେ ଯେ ଆମେ ନିର୍ବାଚନ କରାଇବା ପାଇଁ ସଂକଳ୍ପ ନେବା ବେଳେ 'ଦେଶର ମାହୋଲ ଅନୁକୂଳ ନାହିଁ' କିମ୍ବା 'ଜେନ୍-ଜି ଅସନ୍ତୁଷ୍ଟ' ଭଳି ଭ୍ରାନ୍ତ ତଥ୍ୟ ଦେଇ ନିର୍ବାଚନ ଟାଳିବାକୁ ଚାପ ପକାଯାଇଥିଲା। କିନ୍ତୁ ଆମେ ପ୍ରତିଶ୍ରୁତି ରକ୍ଷା କଲୁ ଓ ସମଗ୍ର ରାଜ୍ୟରେ ଏହି ନିର୍ବାଚନକୁ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପାଦିତ କରି ଆମର ଛାତ୍ର ସମାଜ ପ୍ରମାଣ କରିଦେଲେ ଯେ କ୍ୟାମ୍ପସ ହିଂସା କେବଳ ପୂର୍ବ ଶାସନର କଳଙ୍କିତ ଇତିହାସ ଥିଲା। ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ସାରି ଆମ ଯୁବଶକ୍ତି ପୂର୍ବ ସରକାରଙ୍କୁ ମୁହଁତୋଡ଼ ଜବାବ ଦେଇଛି। ସର୍ବୋପରି ଦିଲ୍

ମା' ଦୁର୍ଗାଙ୍କ ଆରାଧନାରେ ଉତ୍ସବମୁଖର ରାଜନଗର



ରାଜନଗର, ୧୮।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକର ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ପୂଜା ମହାଆଡ଼ମ୍ବରରେ ପାଳନ କରାଯାଉଛି। ମା'ଙ୍କ ଆଗମନରେ ସମଗ୍ର ଅଞ୍ଚଳ ଭକ୍ତିମୟ ହୋଇଉଠିଛି। ଆଜି ମହାଷ୍ଟମୀ ଅବସରରେ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

ରାଜନଗରଠାରୁ ଆରମ୍ଭ କରି ତାଳତୁଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ପୂଜାକୁ ନେଇ ଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି। ପୂଜା ମଣ୍ଡପଗୁଡ଼ିକୁ ସୁନ୍ଦର ଭାବେ ସଜାଯାଇଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଏହି ପବିତ୍ର ଅବସରରେ ମା' ଦୁର୍ଗା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦିଅନ୍ତୁ ବୋଲି ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରୁଛନ୍ତି। ମା'ଙ୍କ ଆଶୀର୍ବାଦରେ ଏକ ସୁସ୍ଥ, ସୁନ୍ଦର ଓ ମଙ୍ଗଳମୟ ସମାଜ ଗଠନ ହେଉ ବୋଲି ସମସ୍ତଙ୍କ ଆଶା।

ଭୋକମୁକ୍ତ ଭାରତ ଅଭିଯାନକୁ ବେଦାନ୍ତର ସମର୍ଥନ

୫୪୦ରୁ ଅଧିକ କର୍ମଚାରୀଙ୍କ ଅଂଶଗ୍ରହଣ

ଭୁବନେଶ୍ୱର,୧୮।୧୦(ସଂଚାର ବ୍ୟୁରୋ): ଭାରତରେ ଭୋକମୁକ୍ତ ସମାଜ ଗଠନ ଓ ଶିଶୁଙ୍କ ପୁଷ୍ଟିହୀନତା ଦୂରୀକରଣ ଲକ୍ଷ୍ୟରେ ଆୟୋଜିତ ବେଦାନ୍ତ ଦିଲ୍ଲୀ ଅର୍ଦ୍ଧମାରାଥନ୍ (ଭିଡିଏର୍ଏମ୍) ୨୦୨୬ ପୂର୍ବରୁ ବେଦାନ୍ତ ଆଲୁମିନିୟମ ପକ୍ଷରୁ 'ରନ୍ ଫର୍ ଜିରୋ ହଙ୍ଗର'ର ଅଭିଯାନକୁ ବ୍ୟାପକ ସମର୍ଥନ ମିଳିଛି। ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ଏହି କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ରେ ଥିବା ବିଭିନ୍ନ କାର୍ଯ୍ୟକ୍ଷେତ୍ରରୁ ୫୪୦ରୁ ଅଧିକ କର୍ମଚାରୀ ଏହି ଅଭିଯାନରେ ଅଂଶଗ୍ରହଣ କରିଛନ୍ତି। ଝାରସୁଗୁଡ଼ା, ବାଲ୍‌କୋ, ଲାଞ୍ଜିଗଡ଼ ଓ ଖଣି କାର୍ଯ୍ୟକ୍ଷେତ୍ରର କର୍ମଚାରୀମାନେ ପଦଯାତ୍ରା, ଜୁମ୍ବା ଓ ଶାରୀରିକ ସୁସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଅଭିଯାନକୁ ଆଗକୁ ବଢ଼ାଇଛନ୍ତି। ଏହାଦ୍ୱାରା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତା ସହ ସମାଜରେ କୁପୋଷଣ ଦୂରୀକରଣ ପାଇଁ ସାମୂହିକ ଉଦ୍ୟମକୁ ଗୁରୁତ୍ୱ ଦିଆଯାଇଛି।

ଏହି ଅଭିଯାନର ମୂଳମନ୍ତ୍ର ହେଉଛି '୧ କିଲୋମିଟର=୧ ପୋଷଣ ପ୍ୟାକ୍=୧ ଜଣଙ୍କୁ ଖାଦ୍ୟ ସହାୟତା'। ଏହି ଧାରଣା ଅନୁଯାୟୀ, ଶାରୀରିକ ବ୍ୟାୟାମ

ଓ ଦୌଡ଼ ଭଳି କାର୍ଯ୍ୟକଳାପକୁ ଶିଶୁଙ୍କ ପୁଷ୍ଟିସାଧନ ସହ ଯୋଡ଼ାଯାଇଛି। ଅଭିଯାନରେ ଅତିକ୍ରାନ୍ତ ପ୍ରତ୍ୟେକ କିମି ଅନିଲ ଅଗ୍ରୱାଲ ଫାଉଣ୍ଡେସନ ମାଧ୍ୟମରେ ପୁଷ୍ଟି ସହାୟତା ଯୋଗାଇବାରେ ସହାୟକ ହେଉଛି। ଏହା ବ୍ୟକ୍ତିଗତ ପ୍ରୟାସକୁ ସାମୂହିକ ସାମାଜିକ ଅବଦାନରେ ପରିଣତ କରିବା ସହ ସୁସ୍ଥ ଓ ପୁଷ୍ଟିସମ୍ପନ୍ନ ଭାରତ ଗଠନ ଦିଗରେ ପଦକ୍ଷେପ ନେଇଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁ ଯେ ଉତ୍ପାଦନ କାର୍ଯ୍ୟକଳାପରେ ଆମର ଦାୟିତ୍ୱ ସୀମିତ ନୁହେଁ; ସମାଜରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା ମଧ୍ୟ ଆମର ଦାୟିତ୍ୱ। 'ରନ୍ ଫର୍ ଜିରୋ ହଙ୍ଗର ଅଭିଯାନ ଶାରୀରିକ ସୁସ୍ଥତା, ସମ୍ବେଦନଶୀଳତା ଓ ସାମୂହିକ ଦାୟିତ୍ୱବୋଧକୁ ଏକାଠି କରି ଶିଶୁ କୁପୋଷଣ ଭଳି ଦେଶର ଏକ ପ୍ରମୁଖ ଆହ୍ୱାନର ମୁକାବିଲା ପାଇଁ ଉଦ୍ୟମ କରୁଛି। ଆମର ବିଭିନ୍ନ କାର୍ଯ୍ୟକ୍ଷେତ୍ରର କର୍ମଚାରୀମାନେ ଏହି ଉଦ୍ଦେଶ୍ୟକୁ ଉତ୍ସାହର ସହ ଗ୍ରହଣ କରିଥିବା ଦେଖି ଆମେ ଆନନ୍ଦିତ। ସେମାନଙ୍କର ପ୍ରତ୍ୟେକ ପଦକ୍ଷେପ ସୁସ୍ଥ ସମାଜ ଗଠନ ଓ ଅଧିକ ସୁଦୃଢ଼ ତଥା ସମାବେଶୀ ଭାରତ ନିର୍ମାଣ ପାଇଁ ଆମର ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରୁଛି।

କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଏହି ଅଭିଯାନ ପ୍ରତି କର୍ମଚାରୀଙ୍କ ଉତ୍ସାହ ସ୍ପଷ୍ଟ ହୋଇଛି। ଝାରସୁଗୁଡ଼ାରେ ୧୨୦ ଜଣ କର୍ମଚାରୀ ପଦଯାତ୍ରାରେ ସାମିଲ ହେବା ସହ ଜୁମ୍ବା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବାଲ୍‌କୋରେ ୧୦୦ରୁ ଅଧିକ ଅଂଶଗ୍ରହଣକାରୀ ଏହି ଅଭିଯାନକୁ ସମର୍ଥନ କରିଥିଲେ। ଆହୁରି କମ୍ପାନୀର ଖଣି କାର୍ଯ୍ୟକ୍ଷେତ୍ରରେ ଜୁମ୍ବା ଓ ପଦଯାତ୍ରା ମାଧ୍ୟମରେ ୧୮୬ ଜଣ ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ଼ରେ ଆୟୋଜିତ କ୍ଷୁଦ୍ର ମାରାଥନ୍ ଭିତିକ ଶାରୀରିକ ସୁସ୍ଥତା କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଲୋକ ସାମିଲ ହୋଇଥିବା ବେଳେ ପଦଯାତ୍ରାରେ ୯୧ ଜଣ ଅଂଶଗ୍ରହଣ କରିଥିଲେ। ଏହି ସମସ୍ତ ପ୍ରୟାସ ବିଭିନ୍ନ ସ୍ଥାନ ଓ ବିଭାଗର କର୍ମଚାରୀଙ୍କୁ ଏକ ସାମାଜିକ ଉଦ୍ଦେଶ୍ୟରେ ଏକାଠି କରିଛି।

ପାଟକୁରା ଛାତ୍ର ସଂସଦ ନିର୍ବାଚନରେ ସ୍ୱାଭିମାନ ମଞ୍ଚର ସଫଳତା

ଛାତ୍ର ରାଜନୀତିରେ ବଦଳୁଛି ସମୀକରଣ, ଅରବିନ୍ଦଙ୍କ ଶିବିରରେ ଉତ୍ସାହ

କେନ୍ଦ୍ରାପଡ଼ା, ୧୮।୧୦ (ସଂଚାର ବ୍ୟୁରୋ): ପାଟକୁରା ଅଞ୍ଚଳରେ ଛାତ୍ର ସଂସଦ ନିର୍ବାଚନର ଫଳାଫଳକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ପାରମ୍ପରିକ ଦଳୀୟ ପ୍ରଭାବ ଓ ନେତାଙ୍କ ଲୋକପ୍ରିୟତାକୁ ପଛରେ ପକାଇ ସ୍ଥାନୀୟ ସଂଗଠନ ଏବଂ ପ୍ରାର୍ଥୀଙ୍କ ଲୋକସମ୍ପର୍କ କିପରି ବିଜୟର ମାର୍ଗ ପ୍ରଶସ୍ତ କରିପାରେ, ତାହା ଏହି ନିର୍ବାଚନରୁ ସ୍ପଷ୍ଟ ହୋଇଥିବା ମତ ପ୍ରକାଶ ପାଉଛି। ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମର୍ଥିତ ସ୍ୱାଭିମାନ ମଞ୍ଚର ଏକାଧିକ ପ୍ରାର୍ଥୀ ବିଜୟୀ ହେବା ପରେ ଛାତ୍ର ରାଜନୀତିରେ ନୂଆ ସମୀକରଣକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

ଅରବିନ୍ଦଙ୍କ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ରୋକିବା ପାଇଁ ବିଭିନ୍ନ ରାଜନୈତିକ ଶିବିର ପକ୍ଷରୁ ଉଦ୍ୟମ ହୋଇଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ନିର୍ବାଚନ ଫଳାଫଳ ସ୍ୱାଭିମାନ ମଞ୍ଚ ସପକ୍ଷରେ ଯାଇଛି। ବିଶେଷକରି, ପୂର୍ବରୁ ପରସ୍ପର ବିରୋଧରେ ରାଜନୈତିକ ଲଢ଼େଇ କରୁଥିବା କିଛି ଶକ୍ତି ଏହି ନିର୍ବାଚନରେ ଏକାଠି ହୋଇଥିବା ନେଇ ଆଲୋଚନା ହେଉଥିବାବେଳେ ସେମାନଙ୍କ ରଣନୀତି ଆଶାନୁରୂପ ସଫଳ ହୋଇନଥିବା କୁହାଯାଉଛି। ନିର୍ବାଚନ ସମୟରେ ଅରବିନ୍ଦ ମହାପାତ୍ରଙ୍କ ସକ୍ରିୟ ଉପସ୍ଥିତି ନଥିଲେ ମଧ୍ୟ ତାଙ୍କ ସମର୍ଥିତ ପ୍ରାର୍ଥୀଙ୍କ ସଫଳତା ସମର୍ଥକଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିଛି।

ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, ଛାତ୍ର ସଂସଦ ନିର୍ବାଚନରେ କେବଳ ବଡ଼ ନେତାଙ୍କ ନାମ କିମ୍ବା ଦଳୀୟ ପରିଚୟ ଯଥେଷ୍ଟ ହୋଇନଥାଏ। ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଗ୍ରହଣୀୟତା, ଛାତ୍ରଛାତ୍ରୀଙ୍କ ସହ ନିବିଡ଼ ସମ୍ପର୍କ, ସ୍ଥାନୀୟ ସମସ୍ୟା ପ୍ରତି ସମ୍ବେଦନଶୀଳତା ଏବଂ ସଂଗଠନର ଦକ୍ଷତା ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନିଭାଇଥାଏ। ପାଟକୁରାରେ ସ୍ୱାଭିମାନ ମଞ୍ଚର ସଫଳତାକୁ ଏହି ଦୃଷ୍ଟିକୋଣରୁ ଦେଖାଯାଉଛି।

ଅନ୍ୟପକ୍ଷରେ, ଓଡ଼ିଶା ରାଜନୀତିରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଶଙ୍ଖ ଚିହ୍ନର ରହିଥିବା ପରିଚୟ ସତ୍ତ୍ୱେ ପାଟକୁରାର ଛାତ୍ର ରାଜନୀତିରେ ତାହାର ପ୍ରଭାବ କେତେ ଦୂର କାର୍ଯ୍ୟକାରୀ ହୋଇପାରିଛି, ତାହା ଏବେ ବିତର୍କର ବିଷୟ। ଯୁବପିଢ଼ିଙ୍କ ଭୋଟଦାନ ମନୋଭାବରେ ପରିବର୍ତ୍ତନ ଆସୁଥିବା ଏହି ଫଳାଫଳରୁ ଅନୁମାନ କରାଯାଉଛି। ଛାତ୍ରଛାତ୍ରୀମାନେ ଦଳୀୟ ଆଭିମୁଖ୍ୟ ସହିତ ନିଜ କଲେଜର ସମସ୍ୟା, ଶିକ୍ଷାର ପରିବେଶ, ଭିତ୍ତିଭୂମିର ବିକାଶ ଓ ନେତୃତ୍ୱର କାର୍ଯ୍ୟଦକ୍ଷତାକୁ ମଧ୍ୟ ଗୁରୁତ୍ୱ ଦେଉଥିବା ମତ ପ୍ରକାଶ ପାଉଛି।

ଏହି ନିର୍ବାଚନରେ ଲୋକନାଥ ମହାବିଦ୍ୟାଳୟ, କୋରୁଆରୁ ସୋମନାଥ ପଣ୍ଡା, ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟରୁ ସ୍ୱାଗତିକା ପଟ୍ଟନାୟକ, ଡେରାବିଶ ମହାବିଦ୍ୟାଳୟରୁ ରଜନୀକାନ୍ତ ରାଉତ ଏବଂ କରିଲୋପାଟଣା ମହାବିଦ୍ୟାଳୟରୁ ମହାପ୍ରସାଦ ଦାସ ସଭାପତି ପଦରେ ବିଜୟୀ ହୋଇଛନ୍ତି। ଏମାନେ ସମସ୍ତେ ସ୍ୱାଭିମାନ ମଞ୍ଚ ସମର୍ଥିତ ପ୍ରାର୍ଥୀ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ, ଚାଦୋଳ ମହାବିଦ୍ୟାଳୟର ସଭାପତି ପଦ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ହାତକୁ ଯାଇଛି। ଏହା ଦର୍ଶାଉଛି ଯେ, ନିର୍ବାଚନରେ ସ୍ଥାନୀୟ ସମୀକରଣ ଓ ପ୍ରାର୍ଥୀଙ୍କ ଗ୍ରହଣୀୟତା ଅନୁଯାୟୀ ଭିନ୍ନ ଭିନ୍ନ ଫଳାଫଳ ସାମ୍ନାକୁ ଆସିଛି।

ସାମଗ୍ରିକ ଭାବେ ଦେଖିଲେ, ପାଟକୁରା ଅଞ୍ଚଳର ଛାତ୍ର ସଂସଦ ନିର୍ବାଚନ କେବଳ କିଛି ପଦବିରେ ବିଜୟ କିମ୍ବା ପରାଜୟର କାହାଣୀ ନୁହେଁ; ବରଂ ଏହା ଯୁବ ନେତୃତ୍ୱର ଗୁରୁତ୍ୱ, ସ୍ଥାନୀୟ ସଂଗଠନର ପ୍ରଭାବ ଏବଂ ଛାତ୍ରଛାତ୍ରୀଙ୍କ ବଦଳୁଥିବା ରାଜନୈତିକ ମନୋଭାବର ଏକ ସଙ୍କେତ। ସ୍ୱାଭିମାନ ମଞ୍ଚର ସଫଳତା ଅରବିନ୍ଦ ମହାପାତ୍ରଙ୍କ ସମର୍ଥକଙ୍କ ମନୋବଳ ବଢ଼ାଇଥିବାବେଳେ ଅନ୍ୟ ରାଜନୈତିକ ଶିବିର ପାଇଁ ନିଜ ରଣନୀତିର ପୁନର୍ବିଚାର କରିବାର ସୁଯୋଗ ଆଣିଛି। ଆଗାମୀ ଦିନରେ ଏହି ଫଳାଫଳ ପାଟକୁରାର ବ୍ୟାପକ ରାଜନୈତିକ ପରିସ୍ଥିତି ଉପରେ କେତେ ପ୍ରଭାବ ପକାଇବ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

କଲେଜ ଗଣ୍ଡଗୋଳ ମାମଲା

ତିନି ଦିନ ପରେ ଧାରଣା ଭାଙ୍ଗିଲା

ହିଞ୍ଜିଳିକାଟୁ, ୧୮।୧୦ (ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନର ଶପଥ ଗ୍ରହଣ ଉତ୍ସବ ଦିନ ବିସିଜେଡି ଓ ଏବିଭିପି ମଧ୍ୟରେ ଗଣ୍ଡଗୋଳ ଘଟଣାରେ ଥାନା ସମ୍ମୁଖରେ ଧାରଣା ତୃତୀୟ ଦିନରେ ପହଞ୍ଚିଥିଲା। ବିସିଜେଡି ସାଧାରଣ ସମ୍ପାଦକ ଶିବାନୀ ପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ ପରେ ବି ପରିସ୍ଥିତି ଶାନ୍ତ ପଡ଼ି ନ ଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ନିଜ ଜିଦରେ ଅଟଳ ଥିଲେ ବିଜେପି ନେତୃବୃନ୍ଦ।

ଅପରାହ୍ନ ସମୟରେ ଘଟଣାସ୍ଥଳରେ ଗଞ୍ଜାମ ଏସପି ଏସ. ହରିଶ ବିଶି ଓ ଅତିରିକ୍ତ ଏସପି ପ୍ରଶାନ୍ତ ଦାସ ପହଞ୍ଚି ଧାରଣାରେ ବସିଥିବା ବିଜେପି କର୍ମୀମାନଙ୍କୁ ବୁଝାସୁଝା କରି ଖୁବ ଶୀଘ୍ର ଗିରଫ ପାଇଁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଗିରଫ ନ ହେବା ଯାଏଁ ଧାରଣା ଜାରି ରହିବ ବୋଲି ନେତୃବୃନ୍ଦ ଜଣେଇଥିଲେ। ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର,ରାଜ୍ୟ ପରିଷଦ ସଭ୍ୟ ମାଧବ ଗୌଡ଼,ଜିଲ୍ଲା ଉପସଭାପତି ସନ୍ତୋଷ ପାଣିଗ୍ରାହୀ, ନଗର ସଭାପତି ସୁଧାଂଶୁ ଶେଖର ସାବତ,ଜିଲ୍ଲା ସମ୍ପାଦକ ନୀତେଶ ପଣ୍ଡା,ନଗର ଯୁବ ମୋର୍ଚ୍ଚା ସଭାପତି ବଳରାମ ପଣ୍ଡା, ପଞ୍ଚାନନ ଦାସ, ଅଭ୍ୟର୍ଥୀମାନେ ପାତ୍ରଙ୍କ ସମେତ ଅନ୍ୟ ବିଜେପି କର୍ମୀ ତିନି ଦିନ ହେଲା ଧାରଣାସ୍ଥଳରେ ଥିଲେ। ସେପଟେ ସମସ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଆରମ୍ଭ କରିଛି ଛାନଭିନ। ଦିନତମାମ ଆଜି ଖୋଜାଖୋଜି ପରେ ବି ଅଭିଯୁକ୍ତଙ୍କ ପତ୍ତା ମିଳୁନି।

ଅନ୍ୟପଟେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ସନ୍ଧ୍ୟାରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପହଞ୍ଚି ବିଜେପିର ଏକ ପ୍ରତିନିଧିମଣ୍ଡଳୀ ସହ ଘଟଣା ନେଇ ଆଲୋଚନା କରିଥିଲେ ।ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ଆହତ ନାରାୟଣଙ୍କୁ କଲେଜ ପରିସରରେ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଓ ପୋଲିସ ପ୍ରଶାସନର ପ୍ରତିଶ୍ରୁତି ପରେ ତିନି ଦିନର ଧାରଣା ହଟିଥିଲା। ଦଶହରା ଛୁଟି ପରେ କଲେଜ ଖୋଲିବାବେଳେ ଶୈକ୍ଷିକ ବାତାବରଣ ପୁଣି ଫେରାଇବା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ରହିବ ବୋଲି ହିଞ୍ଜିଳି ତହସିଲଦାର ତପନ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ଓଳାଭର ପଞ୍ଚାୟତରେ ଇତିହାସ

ଲଗାତାର ୮ ଥର ୱାର୍ଡ ସଭ୍ୟ ହୋଇ ରେକର୍ଡ କଲେ ପିତାମ୍ବର ନାଥ



ରାଜକନିକା, ୧୮।୧୦ (ସଂଚାର ବ୍ୟୁରୋ): ରାଜକନିକା ବ୍ଲକର ସବୁଠୁ ବଡ ପଞ୍ଚାୟତ ଓଳାଭର ପଞ୍ଚାୟତରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି ଜଣେ ୱାର୍ଡ ସଭ୍ୟ। ନାଁ ତାଙ୍କର ପିତାମ୍ବର ନାଥ। ସାଧାରଣତଃ ଥରେ କି ଦୁଇଥର ଜିତିବା କଷ୍ଟକର ହେଉଥିବା ବେଳେ ସେ ଲଗାତାର ୮ ଥର ୱାର୍ଡ ସଭ୍ୟ ଭାବେ ନିର୍ବାଚିତ ହୋଇ ଏକ ଅଭୂତପୂର୍ବ ରେକର୍ଡ ସୃଷ୍ଟି କରିଛନ୍ତି। ଯାହା କେବଳ ଓଳାଭର ନୁହେଁ, ସାରା

ବିନା ପ୍ରଚାରରେ ଜିତନ୍ତି ନିର୍ବାଚନ

କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଏକ ବିରଳ ଉଦାହରଣ। ପିତାମ୍ବର ନାଥ କୌଣସି ବଡ ନେତା ନୁହଁନ୍ତି, ସେ ହେଉଛନ୍ତି ମାଟିର ମଣିଷ। ପ୍ରାୟ ୪୦ ବର୍ଷ ଧରି ସେ ନିଜ ୱାର୍ଡର ଲୋକଙ୍କ ସେବା କରି ଆସୁଛନ୍ତି। ଗାଁ ର ରାସ୍ତା ହେଉ, ପାଣି ସମସ୍ୟା ହେଉ, କାହା ଘରେ ବାହା ବ୍ରତ ହେଉ କି ମରଣ-ହରଣ, ସବୁଠି ପିତାମ୍ବର ବାବୁ ଆଗରେ ଠିଆ ହୋଇଥିବେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, "ସେ ନିର୍ବାଚନ ବେଳେ ପ୍ରଚାର ବି କରନ୍ତି ନାହିଁ। ଲୋକେ ନିଜେ ତାଙ୍କୁ ଖୋଜି ଖୋଜି ଭୋଟ ଦିଅନ୍ତି। ଏହା ହେଉଛି ତାଙ୍କ ସଚ୍ଚୋଟତାର ବିଜୟ।" ଆଜିକାଲି ନେତା ଜିତିଲା ପରେ ଲୋକଙ୍କୁ ଭୁଲିଯାଏ, କିନ୍ତୁ ପିତାମ୍ବର ନାଥ ୮ ଥର ଜିତିଲା ପରେ ବି ସେହି ପୁରୁଣା ପିତାମ୍ବର ଅଛନ୍ତି। ଏଥିପାଇଁ ତାଙ୍କୁ କେହି ହରାଇ ପାରୁନାହାଁନ୍ତି," ବୋଲି ଜଣେ ଯୁବକ କହିଛନ୍ତି।ଆଠ ଥର ଜିତିବା ପଛରେ ଅଛି ଲୋକଙ୍କ ଅକୁଣ୍ଠ ବିଶ୍ୱାସ ଏବଂ ତାଙ୍କର ନିଷ୍ଠାପର ସେବା। ଏହି ସଫଳତା ନୂଆ ପିଢ଼ିର ନେତାମାନଙ୍କୁ ଶିଖାଉଛି ଯେ, କ୍ଷମତା ନୁହେଁ, ସେବା କଲେ ଲୋକେ ହୃଦୟରେ ରଖିବେ।

ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ କଲେ ଟିଟିଲାଗଡ଼ ବିଧାୟକ

ସଇଁତଳା, ୧୮।୧୦ (ସଂଚାର ବ୍ୟୁରୋ): ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଗାଁଠୁ ସହର ସବୁଠି ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ମା' ଦୁର୍ଗାଙ୍କ ଆଗମନରେ ବିଭିନ୍ନ ପୂଜାମଣ୍ଡପ ଚଳଚଞ୍ଚଳ ହୋଇଉଠିଥିବାବେଳେ ଭକ୍ତିମୟ ପରିବେଶ ମଧ୍ୟରେ ମା'ଙ୍କ ଆରାଧନା ଜାରି ରହିଛି। ଏହି ଅବସରରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସଇଁତଳା ବ୍ଲକର ବିଭିନ୍ନ ଗ୍ରାମରେ ଆୟୋଜିତ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଛନ୍ତି।

ବିଧାୟକ ପ୍ରଥମେ ବେଲଗାଁସ୍ଥିତ ନବରାତ୍ର ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରିଥିଲେ। ଏହାପରେ ଘୁନସର, ବରଗାଁ, ସଇଁତଳା, କରମତଲା, କନ୍ଦକେଲଗାଁ ଓ ଟିକ୍ରାପଡ଼ା ସମେତ ବ୍ଲକର ବିଭିନ୍ନ ଗ୍ରାମରେ ହୋଇଥିବା ପୂଜାମଣ୍ଡପକୁ ଯାଇ ମା' ଦୁର୍ଗାଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ସେ ମା'ଙ୍କ ନିକଟରେ ପ୍ରାର୍ଥନା କରିବା ସହ ସମସ୍ତଙ୍କ ମଙ୍ଗଳ ଓ ସମୃଦ୍ଧି କାମନା କରିଥିଲେ। ଏହି ସମୟରେ ବିଧାୟକ ଙ୍କ ପ୍ରତିନିଧି ବିମଳ ଶର୍ମା, ବେଲଗାଁ ଜୋନ ମଣ୍ଡଳ ସଭାପତି ବିରଞ୍ଚି ପୁଟେଲ, ପବିତ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ

ଜମି ବିବାଦରୁ ରକ୍ତପାତ ଯୋଜନା

ପଡ଼ୋଶୀ ପରିବାରକୁ ହତ୍ୟା ଉଦ୍ୟମ ଅଭିଯୋଗ, ଦୁଇ ଗିରଫ

ବନ୍ଧୁକ, ଗୁଳି ଓ କାତି ଜବତ

କେନ୍ଦ୍ରାପଡ଼ା, ୧୮।୧୦ (ସଂଚାର ବ୍ୟୁରୋ): ଜମିବାଡ଼ି ବିବାଦରୁ ତୀବ୍ର ହେଲା ଶତ୍ରୁତା। ପଡ଼ୋଶୀ ପରିବାରକୁ ଟାର୍ଗେଟ୍ କରି ହତ୍ୟା ଉଦ୍ୟମ ଯୋଜନା କରାଯାଇଥିବା ଅଭିଯୋଗ ଏବେ ସୁଜାନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଅଭିଯୋଗ ପାଇବା ପରେ ସଦର ଥାନା ପୁଲିସର ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଥିବା କୁହାଯାଉଛି। ଏହି ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗୋଟିଏ ବନ୍ଧୁକ, ଗୋଟିଏ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ମାଗାଜିନ୍ ଓ ଗୋଟିଏ ଧାରୁଆ କାତି ଜବତ କରିଛି।

ପୁଲିସ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ସୁଜାନଗର ଗ୍ରାମରେ ଦୁଇ ପଡ଼ୋଶୀ ପରିବାର ମଧ୍ୟରେ ଦୀର୍ଘଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ମୀର୍ଜା ତାୟାରଙ୍କ ବେଗମ୍ଙ୍କ ପରିବାର ସହ ମଞ୍ଜୁର ଖାଁ ଓ ରମଜାନ ଖାଁଙ୍କ ପରିବାରର ଏହି ବିବାଦ କ୍ରମେ ତିକ୍ତତାର ରୂପ ନେଇଥିଲା। ବିବାଦର ସମାଧାନ ପରିବର୍ତ୍ତେ ଉଭୟ ପକ୍ଷଙ୍କ ମଧ୍ୟରେ ଶତ୍ରୁତା ବଢ଼ି ଚାଲିଥିବା ଅଭିଯୋଗ ହୋଇଛି।

ସଟି salad

ଭକ୍ତଙ୍କୁ ପଡିଛି ଶନିଦଶା

ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କୁ ଏବେ ଏକ ପ୍ରକାର ଶନିଦଶା ପଡିଛି। ଖୋଦ୍ କଂଗ୍ରେସସିଆମାନେ ଏହାକୁ ନେଇ ଆଲୋଚନା କରୁଛନ୍ତି। ଶନି ଦଶା ସଂକ୍ରାନ୍ତରେ ଆମେ ଜଣେ କଂଗ୍ରେସୀ ଭକ୍ତଙ୍କୁ ପଚାରିବାରୁ ସିଏ କହିଲେ, ଭକ୍ତ ଦାୟିତ୍ୱ ନେବାପରେ ହୋଇଥିଲା ନୂଆପଡା ଉପନିର୍ବାଚନ। ଉପନିର୍ବାଚନରେ ଖାଲି କଂଗ୍ରେସ ପ୍ରାର୍ଥୀ ହାରିଲେନି, କଂଗ୍ରେସର ଅଧାରୁ ଅଧିକ ନେତା ଭକ୍ତଙ୍କ ବିରୋଧୀ ହୋଇଗଲେ। ତା ପରେ ହେଲା ରାଜ୍ୟସଭା ନିର୍ବାଚନ। ବିଜେଡି ସହିତ ହାତ ମିଳାଇଦେଲେ ଭକ୍ତ। ଭକ୍ତଙ୍କ ଏହି କାରବାରେ ତିନି ତିନି ଜଣ କଂଗ୍ରେସ ବିଧାୟକ କ୍ରସ ଭୋଟିଂ କରିଦେଲେ। ସେମାନେ ଦଳରୁ ଯିବାପରେ ବିଧାନସଭାରେ ଏବେ କଂଗ୍ରେସର ସଦସ୍ୟ ସଂଖ୍ୟା ୧୪ ରୁ ୧୧ ହୋଇଯାଇଛି। ଏହାପରେ ସଦ୍ୟ ସମାପ୍ତ ଛାତ୍ର ସଂସଦ ନିର୍ବାଚନରେ କଂଗ୍ରେସର ଅବସ୍ଥା ଆହୁରି ଶୋଚନୀୟ। ଯେତିକି ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି ସେତିକି କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଜିତିନାହାନ୍ତି। ଏବେ ଭକ୍ତ କ'ଣ କହିବେ ଜାଣିପାରୁ ନାହାନ୍ତି। ବିରୋଧିମାନେ ମଉକାରୁ ଫାଇଦା ଉଠାଇବା ଚକ୍କରରେ ରହିଛନ୍ତି। ସମୟ ଦେଖି ଦିଲ୍ଲୀ ଦଉଡ ଆରମ୍ଭ କରିବେ। ଏମିତି ଅବସ୍ଥା ଦେଖିଲା ପରେ ଆଗମୀ ପଞ୍ଚାୟତ ନିର୍ବାଚନରେ ଦଳ କ'ଣ କରିବ ସେହି ଚିନ୍ତାରେ ଏବେ କର୍ମୀ ପଡିଛନ୍ତି।

ଓଡିଶାରେ ଏବେ ମୋହନ ରାଜ୍

ଓଡିଶାରେ ଏବେ ମୋହନ୍ ରାଜ୍। ଏକଥା ଆମେ କହୁନାହୁଁ, ସରକାରୀଦଳର କର୍ମୀମାନେ କହି ବୁଲୁଛନ୍ତି। ଏ ସଂକ୍ରାନ୍ତରେ ଆମେ ଜଣେ କର୍ମୀଙ୍କୁ ପଚାରିବାରୁ ସିଏ ଆମକୁ ବିସ୍ତୃତଭାବେ ବୁଝାଇ ଦେଲେ। କହିଲେ, ରାଇଜର ମୁଖିଆ ହେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କରି ଦଳର ମୁଖିଆ ହେଉଛନ୍ତି ମନ ମୋହନ ସାମଲ। ଏବେ ରାଜ୍ୟର ଯେଉଁ ନୂଆ ସର୍ବୋଚ୍ଚ ମୁଖିଆ ନିଯୁକ୍ତ ହୋଇଛନ୍ତି ତାଙ୍କ ନାଁ ହେଉଛି ବ୍ରଜ ମୋହନ ରାମା। ଏହି ତିନି ମୁଖିଆଙ୍କ ନାଁରେ ଆଗପଛ ହୋଇ ମୋହନ ରହିଛି। ତେଣୁ ଓଡିଶାରେ ଏବେ ମୋହନ ରାଜ୍ କହିଲେ ଅତ୍ୟୁକ୍ତି ହେବନାହିଁ। ଏତିକିବେଳେ ଦଳର ଆଉ ଜଣେ କର୍ମୀ କହିଲେ, ଓଡିଶା ପାଇଁ ବୋଧହୁଏ ମୋହନ ଶବ୍ଦ ଟା ବେଶ୍ ଶୁଭ। ତାହାକୁ ନଜରରେ ରଖି କେନ୍ଦ୍ରୀୟ ନେତାମାନେ ନିଷ୍ପତ୍ତି ନେଉଛନ୍ତି। ଆଗକୁ ମନ୍ତ୍ରୀମଣ୍ଡଳ ଓ ନିଗମ ନିଯୁକ୍ତି ହେବାର ରହିଛି। ଏଥିପାଇଁ ମୋହନ ନାମଧାରୀ କିଛି ଆଶାୟୀ ବି ଅତି ଉତ୍ସାହିତ ହେବାରେ ଲାଗିଛନ୍ତି। ସତରେ ଯଦି ଏମିତି ହୁଏ ତେବେ ରାଜ୍ୟରେ ମୋହନଙ୍କ ସଂଖ୍ୟା ବଢିଯିବ। ଆଉ ଜଣେ କର୍ମୀ କିଛୁ ଟିକେ ନକରାତ୍ମକ ସୂଚନାଦେଲେ। ତାଙ୍କର କହିବାକଥା ଯେ ସବୁବେଳେ ତିନି ସଂଖ୍ୟା ଅଶୁଭ। ପୂର୍ବରୁ ଦୁଇ ମୋହନ ଥିଲେ। ଏବେ ମୋହନ ସଂଖ୍ୟା ତିନି ହେଲା। ଏତକ ଶୁଣିବାପରେ ପ୍ରଥମରୁ ମତ ରଖୁଥିବା କର୍ମୀ ଜଣଙ୍କ କହିଲେ, ହଉ ତାହେଲେ ଅପେକ୍ଷା କରାଯାଉ।

କୁଳପତିଙ୍କର ପୁଲିସିଆ ଷ୍ଟାଇଲ



ରାଜଧାନୀରେ ଥିବା ଗୋଟିଏ ବିଶ୍ୱବିଦ୍ୟାଳୟର କୁଳପତିଙ୍କର ପୁଲିସିଆ ଷ୍ଟାଇଲ ଏବେ ବିଶ୍ୱବିଦ୍ୟାଳୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସଂକ୍ରାନ୍ତରେ ଜଣେ କର୍ମଚାରୀଙ୍କର କହିବାକଥା ଯେ ବଡ ଖାକି ବାବୁଙ୍କ ଘରେ ଯେମିତି ମାଳ ମାଳ ତଳିଆ ଖାକି କାମ କରନ୍ତି ଠିକ୍ ସେମିତି ଏହି କୁଳପତି ତାଙ୍କ ଘରେ ମାଳ ମାଳ କର୍ମଚାରୀ ଆବଶ୍ୟକ। ଦାୟିତ୍ୱ ନେବାପରେ ତାଙ୍କ ଘରକୁ ଚାରି ପାଞ୍ଚ ଜଣ କର୍ମଚାରୀଙ୍କୁ ପଠାଇବାକୁ କହିଥିଲେ। ଯେହେତୁ କୁଳପତି କହିଛନ୍ତି ତେଣୁ କର୍ତ୍ତୃପକ୍ଷ କର୍ମଚାରୀ ଖୋଜିଲେ। ସହଜେ ତ ବିଶ୍ୱବିଦ୍ୟାଳୟ କାମ ଅସ୍ଥାୟୀ କର୍ମଚାରୀରେ ଚାଲୁଛି। ତେଣୁ ଅସ୍ଥାୟୀଙ୍କ ମଧ୍ୟରୁ ଚାରି ଜଣଙ୍କୁ କୁଳପତିଙ୍କ ଘରକୁ ପଠାଇଲେ। କର୍ମଚାରୀ ପହଞ୍ଚିବା ପରେ କାହାକୁ ରୋଷେଇ କରିବାକୁ ତ ଆଉ କାହାକୁ ଗଛରେ ପାଣିଦେବାକୁ କହିଲେ। ଘର ଝାଡିବା ଠାରୁ ଆରମ୍ଭକରି ଲୁଗାସଫା କାମରେ ଲଗାଇଲେ। ଦିନେ ଦୁଇ ଦିନ କର୍ମଚାରୀମାନେ ଖଟିବାପରେ ଆଉ ଗଲେ ନାହିଁ। କୁଳପତିଙ୍କୁ ନକହି ରହିଗଲେ। କୁଳପତି ରାଗ ତମ ତମ ହୋଇ ଖବର ପଠାଇଲେ। ମୋ ଘରେ ଖଟୁଥିବା କର୍ମଚାରୀ କୁଆଡେ ଗଲେ ? ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି କର୍ମଚାରୀଙ୍କୁ ଖୋଜିଲେ। ପଚାରିଲେ କାହିଁକି କାମକୁ ଯାଉନ। କର୍ମଚାରୀମାନେ କହିଲେ ଆମେ ଶିକ୍ଷାନୁଷ୍ଠାନ କର୍ମଚାରୀ। ଆମେ କୁଳପତିଙ୍କ ଘରେ ଗୋଟି ଖଟିପାରିବୁ ନାହିଁ। ଆମର ଚାକିରି ବି ସ୍ଥାୟୀ ନାହିଁ। ଆମକୁ ରଖିଲେ ରଖ, ବିଦାକଲେ ବିଦା କର। ଏତକ ଶୁଣିବାପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କିଛି ବୁଦ୍ଧିବାଟ ଦିଶିଲାନି। କର୍ମଚାରୀ ଆଉ ଗଲେନି। କୁଳପତି ଯାହା ରାଗରେ ରକ୍ତଚାଉଳ ଚୋବାଉଛନ୍ତି। ହେଲେ କିଛି କରିପାରୁ ନାହାନ୍ତି। କୁଳପତିଙ୍କ ଘରକୁ କାମକରିବାକୁ ଯାଇଥିବା ଆଉ ଜଣେ କର୍ମଚାରୀ କହିଲେ, ପୂର୍ବରୁ ଏହି କୁଳପତି ନିଜ ଘରେ ସାନ ଖାକିମାନଙ୍କୁ ଖଟାଇବାରେ ଅଭ୍ୟସ୍ତ ଥିଲେ। ସେହି ଷ୍ଟାଇଲ ଠାରେ ଦେଖାଉଛନ୍ତି। ହେଲେ ଏଠାରେ କିନ୍ତୁ ସେମିତି ଚଳିବନି।

ନବୀନଙ୍କ ଗୀତରେ ସମୀରଙ୍କ ନାଚ

ଏ ନବୀନ୍ ବାବୁ ଗୀତରେ ନାଚିଛନ୍ତି ବିଜେପି ନେତା ସମୀର ଦାସ। କଥାଟା ବିଶ୍ୱାସ ନହେଉଥିଲେ ବି ଖାଣ୍ଟି ସତ। ତେବେ ଏ ନାଚ ଏମିତି ସେମିତି ନୁହେଁ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମର୍ଥିତ ଛାତ୍ରସଂସଦ ପ୍ରାର୍ଥୀଙ୍କ ହରାଇବା ଖୁସିରେ ଏହି ନାଚ ହୋଇଛି। ସାରା ରାଜ୍ୟରେ ଏବେ ଏହାକୁ ନେଇ ଚର୍ଚ୍ଚା। ସମୀର ବିଜେପିରେ ଥିଲେ ବି ପ୍ରଭାତୀଙ୍କ ସହିତ ତାଙ୍କର ଅହି ନକୁଳ ସମ୍ପର୍କ। କିଛି ଦିନ ହେଲା ପ୍ରଭାତୀଙ୍କୁ କିଭଳି ପାନେଦେବେ ବୋଲି ଯୋଜନା କରୁଥିଲେ। ପଞ୍ଚାୟତ ନିର୍ବାଚନକୁ ଅପେକ୍ଷା କରିଥିଲେ। ହେଲେ ସରକାର ଛାତ୍ର ସଂସଦ ନିର୍ବାଚନ ଘୋଷଣା କରିବାପରେ ସମୀର ହଠାତ୍ ସକ୍ରିୟ ହେଲେ। ଖାଲି ସକ୍ରିୟହେଲେ ନାହିଁ, ପ୍ରଭାତୀଙ୍କୁ ପାନେ ଦେବାପାଇଁ ସିଏ ସର୍ବଦଳୀୟ ହୋଇଗଲେ। ନିମାପଡାର ବିଜେଡି, କଂଗ୍ରେସ ସମସ୍ତଙ୍କୁ ଏକ କରିଦେଲେ। ଶେଷରେ ସମୀରଙ୍କ ଗୋଟି ଚାଳନା ଆଗରେ ପ୍ରଭାତୀଙ୍କ ରଣନୀତି ଫିକା ପଡିଗଲା। ଫଳାଫଳ ସମୀରଙ୍କ ସପକ୍ଷରେ ଗଲା। ହେଲେ ବିଜୟ ଶୋଭାଯାତ୍ରାରେ ଯେତେବେଳେ ଏ ନବୀନ ବାବୁ ଗୀତ ବାଜିଲା,ସେତେବେଳେ ସମୀର ଆଉ ନିଜକୁ ରୋକିପାରିଲେ ନାହିଁ। ଗୀତର ତାଳେ ତାଳେ ନାଚିଲେ। ଏହା ଦେଖିଲା ପରେ ସମୀରଙ୍କ ଲେଉଟାଣି ଖୁବ୍‌ଶୀଘ୍ର ବୋଲି ଚର୍ଚ୍ଚା ଜୋରଦାର ହେଉଛି। ତେବେ ସମୀର କେବେ ଗେରୁଆ ଗାମୁଛାକୁ କାଢି ପୁଣିଥରେ ସବୁଜ ଗାମୁଛା ବେକରେ ପକାଉଛନ୍ତି ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି।





ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୪୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୧୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୪୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୧୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୪୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୫୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୫,୨୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୪୩୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୧୪୦ ଟଙ୍କା ରହିଛି । ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୨୯,୯୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ଡିଜିଟାଲ୍ ବିପ୍ଳବରେ ଜିଓର ନୂଆ ଅଧ୍ୟାୟ

୫ଜି, ବ୍ରଡ୍‌ବ୍ୟାଣ୍ଡ ଓ କୃତ୍ରିମ ବୁଦ୍ଧିମତ୍ତାରୁ ଅଭିବୃଦ୍ଧି ଆଶା

ଭୁବନେଶ୍ୱର,୧୮।୧୦: ଜିଓ ପ୍ଲାଟଫର୍ମସ ଲିମିଟେଡ୍ ଭାରତର ସର୍ବବୃହତ ଡିଜିଟାଲ୍ ଯୋଗାଯୋଗ କମ୍ପାନି ଭାବେ ବିବେଚିତ ହେଉଛି। ଅନେକ ବ୍ରୋକରେଜ୍ ଫାର୍ମର ଗବେଷଣା ଅନୁଯାୟୀ, ଏହି କମ୍ପାନିର ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ଆହୁରି ଅଧିକ ହେବ। ଜିଓ ପ୍ଲାଟଫର୍ମସ ଲିମିଟେଡ୍‌ର ଆଇପିଓ (ପ୍ରାରମ୍ଭିକ ପବ୍ଲିକ ଅଫର୍) ଅକ୍ଟୋବର ୨୧ ତାରିଖରେ ଆସିବ। ୩୦,୨୧୩ କୋଟି ଟଙ୍କା ମୂଲ୍ୟର ଉକ୍ତ ଆଇପିଓ ଆରମ୍ଭ ପୂର୍ବରୁ ଜିଇପିଏଲ୍ କ୍ୟାପିଟାଲ, ଭେଞ୍ଚୁରା ସିକ୍ୟୁରିଟିଜ୍ ଏବଂ ଏସ୍‌ଏମ୍‌ସି ଗ୍ଲୋବାଲ ଭଳି ବ୍ରୋକରେଜ୍ ସଂସ୍ଥା କମ୍ପାନିର ଏକାଧିକ ଅଭିବୃଦ୍ଧି ଇଞ୍ଜିନକୁ ସାମନାକୁ ଆଣିଛନ୍ତି। ସେଗୁଡ଼ିକ ହେଲା ୨ଜିରୁ ବହୁସଂଖ୍ୟକ ଗ୍ରାହକ ୪ଜି/୫ଜିକୁ ଗ୍ରାହକ ଯିବା, ଘରୋଇ ବ୍ରଡବ୍ୟାଣ୍ଡ, ଏଣ୍ଟରପ୍ରାଇଜ୍ କ୍ଲାଉଡ୍ ଏବଂ ଏଆଇର ସମ୍ପ୍ରସାରଣ। ଏଥିସହିତ ବିଦେଶୀ ଟେଲିକମ୍ କମ୍ପାନିଙ୍କୁ ଜିଓର ନିଜସ୍ୱ ପ୍ରଯୁକ୍ତି ବିକ୍ରି କମ୍ପାନି ପାଇଁ ବିକାଶ ଇଞ୍ଜିନର ଅନ୍ୟତମ ଆଧାର ହେବ।

୨୦୨୬ ଜୁନ୍ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୫୩.୩୩ କୋଟିରେ ପହଞ୍ଚିଛି। ଅନ୍ୟପଟେ ଦେଶରେ ଏବେ ବି ପ୍ରାୟ ୨୬.୧ କୋଟି ଗ୍ରାହକ ୨ଜି ନେଟ୍‌ୱର୍କ ବ୍ୟବହାର କରୁଛନ୍ତି। ତେଣୁ ଏ କ୍ଷେତ୍ରରେ ଅନେକ ସୁଯୋଗ ରହିଛି। ୭୯୯ ଟଙ୍କାରେ ଜିଓ ଭାରତ ଫୋନ୍ ସହ ଡିଜିଟାଲ୍ ସେବାକୁ ଯୋଡ଼ିପାରିଛି ଏବଂ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ସେବା ଯୋଗାଇ ନୂଆ ଗ୍ରାହକ ସୃଷ୍ଟି ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଛି। ଗ୍ରାହକମାନେ ଏବେ ଫୋନ୍‌ରେ ଅଧିକ ଖର୍ଚ୍ଚ କରୁଛନ୍ତି। ଗ୍ରାହକ ପିଛା ହାରାହାରି ରାଜସ୍ୱ (ଏଆର୍‌ପିୟୁ) ୨୦୨୩-୨୪ରେ ୧୮୧ ଟଙ୍କା ୭୦ ପଇସା ଥିବାବେଳେ ୨୦୨୬-୨୭ର ପ୍ରଥମ ତ୍ରୈମାସରେ ଏହା ୨୧୫ ଟଙ୍କା ୬୦ ପଇସାରେ ପହଞ୍ଚିଛି। ଏଥିସହିତ ଗ୍ରାହକମାନଙ୍କ ମାସିକ ହାରାହାରି ଡାଟା ବ୍ୟବହାର ବଢ଼ିଛି। ମାସକୁ ସେମାନେ ହାରାହାରି ୪୩.୭ ଜିବି ଡାଟା ବ୍ୟବହାର କରୁଛନ୍ତି। ଜିଇପିଏଲ୍‌ର କହିବାନୁଯାୟୀ, କମ୍ପାନି ଏହାର ଏଆର୍‌ପିୟୁ ବଢ଼ାଇବା ଯୋଜନା ରଖିଛି। ସମୟକୁ ସମୟ ଶୁଳ୍କ ବୃଦ୍ଧି, ପ୍ରିମିୟମ ପ୍ଲାନ୍‌କୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଯୋଜନାରେ ଓଟିଟି ଏଣ୍ଟରଟେନମେଣ୍ଟ, କ୍ଲାଉଡ୍ ଷ୍ଟୋରେଜ୍, ଗେମିଂ ଓ ଏଆଇଭିତ୍ତିକ ସେବାସହ ଯୋଡ଼ି ଆଗକୁ ବଢ଼ିବ। ୨୦୨୬ ଜୁନ୍ ସୁଦ୍ଧା ଜିଓଫାଇବର୍ ଓ ଜିଓ ଏୟାରଫାଇବର୍ ମିଶାଇ କମ୍ପାନିର ଘରୋଇ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ସଂଖ୍ୟା ୨.୮୬ କୋଟିରେ ପହଞ୍ଚିଛି। ତେଣୁ ଏ କ୍ଷେତ୍ରରେ କମ୍ପାନି ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଦେଶରେ ଫିକ୍ସଡ ବ୍ରଡବ୍ୟାଣ୍ଡ ସାନ୍ଦ୍ରତା ଗତ ଆର୍ଥିକବର୍ଷରେ ପ୍ରାୟ ୨୧ ପ୍ରତିଶତ ଥିବାବେଳେ ୨୦୩୦-୩୧ ବେଳକୁ ଏହା ୪୬ ପ୍ରତିଶତରେ ପହଞ୍ଚିବ ବୋଲି ଆକଳନ କରାଯାଉଛି।

ଜିଓ କେବଳ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନି ଭାବେ ସୀମିତ ରହିବାକୁ ଚାହୁଁନାହିଁ। ଏହା ଏକ ପ୍ରଯୁକ୍ତି ପ୍ଲାଟଫର୍ମରେ ପରିଣତ ହୋଇଛି। କମ୍ପାନି ଏଆଇ, କ୍ଲାଉଡ୍ କମ୍ପ୍ୟୁଟିଂ ଓ ଡିଜିଟାଲ୍ ବ୍ୟାବସାୟିକ ସମାଧାନ କ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରୁଛି। ଭେଞ୍ଚୁରା ସିକ୍ୟୁରିଟିଜ୍‌ର ରିପୋର୍ଟ ଅନୁଯାୟୀ ଜିଓ ନିଜସ୍ୱ ୫ଜି ଷ୍ଟାଣ୍ଡଏଲୋନ୍ ପ୍ରଯୁକ୍ତି ବିକଶିତ କରିଛି। ଏଥିସହ ୪ଜି, ୫ଜି, ୬ଜି, ଏଆଇ ଓ ଡିଜିଟାଲ୍ ପ୍ରଯୁକ୍ତି କ୍ଷେତ୍ରରେ ୭,୨୨୦ଟି ପେଟେଣ୍ଟ ଆବେଦନ କରିଛି ଏବଂ ସେଥିରୁ ୧୦୪୩ଟିକୁ ମଞ୍ଜୁରି ମିଳିଛି। ଜିଓର ନିଜସ୍ୱ ଏଆଇ ପ୍ଲାଟଫର୍ମ 'ଜିଓବ୍ରେନ୍'କୁ ନେଟ୍‌ୱର୍କ ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଏହି ପ୍ରଯୁକ୍ତି ଭବିଷ୍ୟତରେ କମ୍ପାନିକୁ ପାରମ୍ପରିକ ଟେଲିକମ୍ ସେବା ବାହାରେ ନୂଆ ଆୟର ସୁଯୋଗ ଦେବାର ଅନେକ ସମ୍ଭାବନା ରହିଛି। ଜିଓ ନିଜସ୍ୱ ପ୍ରଯୁକ୍ତିକୁ ଅନ୍ୟ ଦେଶର ଟେଲିକମ୍ କମ୍ପାନିଗୁଡ଼ିକୁ ଯୋଗାଇବା ଉପରେ ମଧ୍ୟ ଗୁରୁତ୍ୱ ଦେଉଛି। ୫ଜି କୋର୍ ନେଟ୍‌ୱର୍କ, କ୍ଲାଉଡ୍ ଆଧାରିତ ରେଡିଓ ଆକ୍ସେସ୍ ନେଟ୍‌ୱର୍କ, ନେଟ୍‌ୱର୍କ ପରିଚାଳନା ସଫ୍ଟୱେର୍ ଏବଂ ଫିକ୍ସଡ୍ ଓୟାରଲେସ୍ ପ୍ରଯୁକ୍ତି ମାଧ୍ୟମରେ ଅନ୍ତର୍ଜାତୀୟ ବଜାରରେ ବ୍ୟବସାୟ ବଢ଼ାଇବାର ଯୋଜନା ରହିଛି। ଏହାଦ୍ୱାରା ଭାରତ ବାହାରେ ପ୍ରତ୍ୟେକ ବଜାରରେ ନୂଆ ଭିତ୍ତିଭୂମି ନିର୍ମାଣ ନକରି ମଧ୍ୟ କମ୍ପାନି ନିଜର ପ୍ରଯୁକ୍ତି ଓ ସେବାକୁ ବିସ୍ତାର କରିପାରିବ। ଏସ୍‌ଏମ୍‌ସି ଗ୍ଲୋବାଲ ମତରେ ଭାରତର ଟେଲିକମ୍ ଓ ଡିଜିଟାଲ୍ ଡାଟା ସେବା ଶିଳ୍ପ ବିଶ୍ୱର ଅନ୍ୟତମ ଦ୍ରୁତ ଅଭିବୃଦ୍ଧି ହାସଲ କରୁଛି। ଭାରତରେ ଡାଟା ବ୍ୟବହାର ଅଧିକ ମାତ୍ରାରେ ହେଉଛି। ୫ଜି ସେବାର ଦ୍ରୁତ ସମ୍ପ୍ରସାରଣ ହେଉଛି। ଏଥସହିତ ଫାଇବର ବ୍ରଡବ୍ୟାଣ୍ଡ ସଂଖ୍ୟା ମଧ୍ୟ ବଢୁଛି। ଜିଇପିଏଲ୍‌ର କହିବାନୁଯାୟୀ ଭାରତରେ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ଏଆର୍‌ପିୟୁ ୨୦୩୦-୩୧ ବେଳକୁ ୩୨୬ ଟଙ୍କା ୪୦ ପଇସା ସ୍ତରକୁ ବଢ଼ିବ। ୨୦୨୫-୨୬ରେ ଏହା ୧୯୯ ଟଙ୍କା ୫୦ ପଇସା ସ୍ତରରେ ରହିଥିଲା। ମୋଟାମୋଟି ଦେଖିଲେ ଜିଓ ଏହାର ଗ୍ରାହକ ସଂଖ୍ୟା ବୃଦ୍ଧି, ଏଆରପିୟୁରେ ଉନ୍ନତି, ଡିଜିଟାଲ୍ ସେବା ସାନ୍ଦ୍ରତାକୁ ବଢ଼ାଇବା ସହ ଉଦ୍ୟୋଗ ଏବଂ ଅନ୍ତର୍ଜାତୀୟ ପ୍ରଯୁକ୍ତି ଜରିଆରେ ରାଜସ୍ୱ ଆୟକୁ ବ୍ୟାପକ କରିବାକୁ ଯାଉଛି। ଏହା କମ୍ପାନିର ରାଜସ୍ୱ ଓ ଦୀର୍ଘମିଆଦୀ ଲାଭକୁ ଆଗକୁ ନେବ ବୋଲି ଜିଇପିଏଲ୍ ମତ ଦେଇଛି। ଜିଓ ପ୍ଲାଟଫର୍ମସ୍‌ର ଆଇପିଓ ଆବେଦନ ନିବେଶକମାନେ ଅକ୍ଟୋବର ୨୧ରୁ ୨୩ ତାରିଖ ମଧ୍ୟରେ କରିପାରିବେ। ପ୍ରତି ସେୟାରର ମୂଲ୍ୟ ସୀମା ୧,୦୬୫ରୁ ୧,୧୧୯ ଟଙ୍କା ଧାର୍ଯ୍ୟ କରାଯାଇଛି।

ମାଲାବାରର ଆକର୍ଷଣୀୟ ଦୀପାବଳି ଓ ଧନତେରସ୍ ଅଫର୍

ଭୁବନେଶ୍ୱର,୧୮।୧୦: ଦୀପାବଳି ଓ ଧନତେରସ୍ ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର୍ ଘୋଷଣା କରିଛି ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍। ରାଜ୍ୟରେ ମାଲାବାରର ସମସ୍ତ ସୋରୁମ୍‌ରେ ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ନଭେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ। ଚନ୍ଦ୍ରଶେଖରପୁରସ୍ଥିତ ସୋରୁମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଅଭିଯାନକୁ ଅଭିନେତ୍ରୀ ତଥା ପ୍ରଚ୍ଛଦପଟ ଗାୟିକା ଇପ୍ସିତା ସାହୁ ଉଦ୍‌ଘାଟନ କରିଛନ୍ତି। ପାର୍ବଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମ୍ପାନି ପକ୍ଷରୁ ବିଭିନ୍ନ ପ୍ରକାର ଗହଣା ଉପରେ ରିହାତି ଘୋଷଣା କରାଯାଇଛି। ସୁନା ଗହଣାର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ମିଳିବ। ସେହିପରି ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ସହ ଏରା, ପ୍ରେସିଆ ଗହଣା ଓ ରୁପା ଗହଣାର ଗଢ଼ା ମଜୁରିରେ ମଧ୍ୟ ୩୦% ପର୍ଯ୍ୟନ୍ତ ଛାଡ଼ ମିଳିବ। ଏଥିସହିତ ଗ୍ରାହକମାନେ ଧନତେରସ୍ ପାଇଁ ୧୦ ପ୍ରତିଶତ ଅର୍ଥ ଆଗୁଆ ପ୍ରଦାନ କରି ଗହଣା ବୁକ୍ କରିପାରିବେ। ଏହାଦ୍ୱାରା ସେମାନେ ବୁକ୍ ହୋଇଥିବା ଦରରେ କିମ୍ବା ପ୍ରଚଳିତ ମୂଲ୍ୟ, ଯେଉଁଟି କମ୍, ସେଥିରେ ଗହଣା କିଣିପାରିବେ। ଏଥିସହିତ ପ୍ରତ୍ୟେକ ଅଗ୍ରିମ ପାଇଁ ଗ୍ରାହକ ରୁପା ମୁଦ୍ରା ମାଗଣା ପାଇବେ। ଏହି ପାର୍ବଣ ଅଭିଯାନରେ କମ୍ପାନି ମନହାରୀ, ଚିତ୍ରାଙ୍ଗୀ ଓ ଜୁଲ୍ ସମେତ ଏରା, ପ୍ରେସିଆ ଓ ମାଇନ୍ ହୀରା କଲେକ୍ସନକୁ ପ୍ରଦର୍ଶିତ କରିଛି।

ବଜାରକୁ ଆସିଲା ଟୟୋଟା ଗ୍ଲାଞ୍ଜା

ମୁମ୍ବାଇ, ୧୮।୧୦: କାର୍ କିଣିବାକୁ ଯୋଜନା କରୁଥିବା ଗ୍ରାହକଙ୍କ ପାଇଁ ବଡ଼ ଖବର । ଭାରତୀୟ ବଜାରରେ ନୂଆ ଅବତାରରେ ଲଞ୍ଚ୍ ହୋଇଛି ଟୟୋଟା ଗ୍ଲାଞ୍ଜା । ଏହି ପ୍ରିମିୟମ୍ ହ୍ୟାଚବ୍ୟାକର ପ୍ରାରମ୍ଭିକ ଏକ୍ସ-ଶୋ'ରୁମ୍ ମୂଲ୍ୟ ରହିଛି ୬ ଲକ୍ଷ ୯୯ ହଜାର ଟଙ୍କା । ସେହିପରି ଟପ୍ ଭାରିଆଣ୍ଟର ମୂଲ୍ୟ ୧୦ ଲକ୍ଷ ୪୯ ହଜାର ଟ ଙ୍କା। ନୂଆ ଡିଜାଇନ୍ ସହ ଏଥିରେ ମିଳୁଛି ଅନେକ ଆକର୍ଷଣୀୟ ଫିଚର୍ସ । ତେବେ କ'ଣ ରହିଛି ଏହି କାରର ଖାସ୍ ବିଶେଷତ୍ୱ? ଆସନ୍ତୁ ଜାଣିବା । ଟୟୋଟା ନିଜର ପ୍ରିମିୟମ୍ ହ୍ୟାଚବ୍ୟାକ୍ ଗ୍ଲାଞ୍ଜାର ୨୦୨୬ ଫେସଲିଫ୍ଟ ମଡେଲକୁ ପାଞ୍ଚଟି ଭାରିଆଣ୍ଟରେ ଆଣିଛି । ଏଥିରେ E, S, G, V ଏବଂ V (O) ଭାରିଆଣ୍ଟ ସାମିଲ ରହିଛି ।

ନୂଆ ଗ୍ଲାଞ୍ଜାର ଫ୍ରଣ୍ଟ ଡିଜାଇନରେ ପରିବର୍ତ୍ତନ କରାଯାଇଛି । ଏଥିରେ ବଡ଼ ଗ୍ରିଲ୍, ନୂଆ LED ଫଗ୍ ଲ୍ୟାମ୍ପ୍ ଏବଂ ଶାର୍କ-ଫିନ୍ ଆଣ୍ଟେନା ଦିଆଯାଇଛି । ଏହା ସହ Digital Teal Green ଏବଂ Bluish Black ଭଳି ଦୁଇଟି ନୂଆ କଲର ଅପ୍ସନ ମଧ୍ୟ ଯୋଡ଼ାଯାଇଛି । କାରର ଇଣ୍ଟେରିୟରରେ ରହିଛି ନୂଆ ଲେଦରେଟ୍ ସିଟ୍ ଅପହୋଲଷ୍ଟ୍ରି, ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍ ଏବଂ କୁଲିଂ ଭେଣ୍ଟ୍ ସହ ୱାୟାରଲେସ୍ ଫୋନ୍ ଚାର୍ଜର୍ । ଏହା ସହ ୯-ଇଞ୍ଚ୍ ଟଚସ୍କ୍ରିନ୍, ହେଡ୍-ଅପ୍ ଡିସପ୍ଲେ, ଛଅଟି ଏୟାରବ୍ୟାଗ୍, ୩୬୦-ଡିଗ୍ରୀ କ୍ୟାମେରା ଏବଂ ଟାୟାର୍ ପ୍ରେସର୍ ମନିଟରିଂ ସିଷ୍ଟମ୍ ଭଳି ଫିଚର୍ସ ମଧ୍ୟ ରହିଛି ।

ଇଞ୍ଜିନ୍ କଥା କହିବାକୁ ଗଲେ, ନୂଆ ଗ୍ଲାଞ୍ଜାରେ ୧.୨-ଲିଟର୍ Z12E ତିନି ସିଲିଣ୍ଡର ପେଟ୍ରୋଲ୍ ଇଞ୍ଜିନ୍ ଦିଆଯାଇଛି । ଏହା ୮୩hp ପାୱାର୍ ଏବଂ ୧୧୨Nm ଟର୍କ ଜେନେରେଟ୍ କରେ । ଏଥିରେ ୫-ସ୍ପିଡ୍ ମାନୁଆଲ୍ ଏବଂ ୫-ସ୍ପିଡ୍ AMT ଗିୟର୍‌ବକ୍ସ ଅପ୍ସନ ମିଳୁଛି । କମ୍ପାନୀର ଦାବି ଅନୁସାରେ, ପେଟ୍ରୋଲ୍ ମାନୁଆଲ୍ ମଡେଲର ମାଇଲେଜ୍ ୨୩.୮୦ କିଲୋମିଟର୍ ପ୍ରତି ଲିଟର୍ ଏବଂ AMT ମଡେଲର ମାଇଲେଜ୍ ୨୪.୬୭ କିଲୋମିଟର୍ ପ୍ରତି ଲିଟର୍ ରହିଛି । ସେହିପରି CNG ମଡେଲରେ ୭୦hp ପାୱାର୍ ଏବଂ ୧୦୨Nm ଟର୍କ ମିଳୁଛି । CNG ମାନୁଆଲ୍ ଭର୍ସନର ଦାବିକୃତ ମାଇଲେଜ୍ ୩୩.୬୧ କିଲୋମିଟର୍ ପ୍ରତି କିଲୋଗ୍ରାମ୍ ଥିବା ବେଳେ AMT ଭର୍ସନର ମାଇଲେଜ୍ ୩୪.୪୭ କିଲୋମିଟର୍ ପ୍ରତି କିଲୋଗ୍ରାମ୍ ରହିଛି । ବଜାରରେ ନୂଆ ଟୟୋଟା ଗ୍ଲାଞ୍ଜାର ମୁକାବିଲା Maruti Suzuki Baleno, Hyundai i20 ଏବଂ Tata Altroz ଭଳି କାର୍ ସହ ହେବ ।

ତେବେ ଏଠାରେ ଜାଣି ରଖନ୍ତୁ, Maruti Suzuki Balenoର ପ୍ରାରମ୍ଭିକ ଏକ୍ସ-ଶୋ'ରୁମ୍ ମୂଲ୍ୟ ୫ ଲକ୍ଷ ୯୯ ହଜାର ଟଙ୍କା ଥିବା ବେଳେ ଟୟୋଟା ଗ୍ଲାଞ୍ଜାର ପ୍ରାରମ୍ଭିକ ମୂଲ୍ୟ ୬ ଲକ୍ଷ ୯୯ ହଜାର ଟଙ୍କା । ଉଭୟ କାର୍ ସମାନ ପ୍ଲାଟଫର୍ମ ଉପରେ ନିର୍ମିତ ହୋଇଥିଲେ ମଧ୍ୟ ଗ୍ଲାଞ୍ଜାରେ ଟୟୋଟାର ଭିନ୍ନ ଫ୍ରଣ୍ଟ ଡିଜାଇନ୍ ଏବଂ ଅଲଗା ଭାରିଆଣ୍ଟ ପ୍ରାଇସିଂ ମିଳୁଛି । ମୋଟାମୋଟି ଭାବେ, ନୂଆ ଡିଜାଇନ୍, ଆଧୁନିକ ଫିଚର୍ସ ଏବଂ ପେଟ୍ରୋଲ୍ ସହ CNG ଅପ୍ସନ ଯୋଗୁଁ ଟୟୋଟା ଗ୍ଲାଞ୍ଜା 2026 ଗ୍ରାହକଙ୍କ ପାଇଁ ଏକ ଆକର୍ଷଣୀୟ ଅପ୍ସନ ହୋଇପାରେ । ତେବେ ଆପଣ ଯଦି ଏହି କାର୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ନିଜ ବଜେଟ୍, ଆବଶ୍ୟକତା ଏବଂ ଭାରିଆଣ୍ଟ ଅନୁସାରେ ଫିଚର୍ସ ଯାଞ୍ଚ କରିବା ପରେ ନିଷ୍ପତ୍ତି ନିଅନ୍ତୁ ।

ଲଞ୍ଚ ହେଲା ମିନି କୁପର ଅକ୍ସଫୋର୍ଡ ଏଡିସନ

ନୂଆଦିଲ୍ଲୀ,୧୮।୧୦: ବ୍ରିଟେନ କମ୍ପାନୀ ମିନି ଭାରତରେ ମିନି କୁପର ଅକ୍ସଫୋର୍ଡ ଏଡିସନ(ମିନି କୋଅପର ଅକ୍ସଫୋର୍ଡ ଏଡିସନ)ଲଞ୍ଚ କରିଛି। ୟୁକେ ପ୍ଲାଣ୍ଟ ଅକ୍ସଫୋର୍ଡରେ ମଡର୍ଣ୍ଣ ମିନି ଉତ୍ପାଦନର ୨୫ ବର୍ଷ ପୂର୍ତ୍ତି ଅବସରରେ ଏହି ସ୍ପେଶାଲ ଏଡିସନ ଲଞ୍ଚ କରାଯାଇଛି। ଆସନ୍ତୁ ଏହାର ମୂଲ୍ୟ, ଫିଚର୍ସ ଓ ବୁକିଂ ତାରିଖ ବିଷୟରେ ଜାଣିବା। ଏହି ଲିମିଟେଡ୍ ଏଡିସନ କାର୍ ଏକ୍ସ ଶୋରୁମ ମୂଲ୍ୟ ୫୫.୫୦ ଲକ୍ଷ ଟଙ୍କା ରଖାଯାଇଛି। କାର୍ ଫେବର୍ଡ ପ୍ୟାକ୍ ଉପରେ ଆଧାରିତ। ଏହାକୁ ସିବିୟୁ ଭାବରେ ଭାରତ ଅଣାଯାଇଛି। ଏହାକୁ ଲକ୍ଷ୍ନୌର ନୂଆ ଡିଲରସିପ୍ ମିନି ସ୍ପିଡ୍ ମୋଟରୱାଗେନ୍ରେ ଲଞ୍ଚ କରାଯାଇଛି। ଦେଶବ୍ୟାପୀ କମ୍ପାନୀର ଅଧିକୃତ ମିନି ଇଣ୍ଡିଆ ଡିଲରସିପ୍ଗୁଡ଼ିକରେ ସୀମିତ ସଂଖ୍ୟକ ୟୁନିଟ୍ ପାଇଁ ବୁକିଂ ଆରମ୍ଭ ହୋଇସାରିଛି। ଏହାର ଡୁରନ୍ତ ଡେଲିଭରି ମଧ୍ୟ ଆରମ୍ଭ ହେବ। ପାୱାର ଓ ପରଫର୍ମାନ୍ସ-ଏହି କାରରେ ୨.୦ ଲିଟରର ୪ ସିଲିଣ୍ଡର ମିନି ଟ୍ୱିନପାୱାର ଟର୍ବୋ ପେଟ୍ରୋଲ ଇଞ୍ଜିନ ଦିଆଯାଇଛି। ଯାହା ୨୦୪ ଏଚ୍ପି ଏବଂ ୩୦୦ ଏନଏମ ଟର୍କ ଜେନେରେଟ୍ କରେ। ଏହାର ଇଞ୍ଜିନକୁ ୭-ସ୍ପିଡ୍ ଷ୍ଟେପ୍ଟ୍ରୋନିକ୍ ସ୍ପୋର୍ଟ ଡୁଆଲ୍-କ୍ଲଚ୍ ଅଟୋମେଟିକ୍ ଟ୍ରାନ୍ସମିସନ୍ ସହ ଯୋଡା ଯାଇଛି। ଯାହା ମାତ୍ର ୬.୬ ସେକେଣ୍ଡରେ ୦ ରୁ ୧୦୦ କିମି ଘଣ୍ଟା ପ୍ରତି ବେଗରେ ସ୍ପିଡ୍ ଧରିପାରିବ। ଏହାର ଟପ୍ ସ୍ପିଡ୍ ଘଣ୍ଟା ପ୍ରତି ୨୪୨ କିମି ରହିଛି। ଏଥିରେ ଆଡାପ୍ଟିଭ୍ ସସପେନସନ୍, ଜେସିଡବ୍ଲ୍ୟୁ ସ୍ପୋର୍ଟ ବ୍ରେକ୍, କ୍ରୁଜ୍ କଣ୍ଟ୍ରୋଲ, ପାର୍କିଂ ଆସିଷ୍ଟାଣ୍ଟ, ୬ଟି ଏୟାରବ୍ୟାଗ୍, ଡାଇନାମିକ୍ ଷ୍ଟେବଲିଟି କଣ୍ଟ୍ରୋଲ (DSC) ଏବଂ କର୍ଣ୍ଣରିଂ ବ୍ରେକ୍ କଣ୍ଟ୍ରୋଲ ଭଳି ସୁରକ୍ଷା ଫିଚରଗୁଡ଼ିକ ରହିଛି। ଏହି ଖାସ୍ ଏଡିସନ ଦୁଇଟି ଖାସ୍ ରଙ୍ଗରେ ଉପଲବ୍ଧ ହେବ। ତାହା ହେଲା ଇଣ୍ଡିଗୋ ସନସେଟ୍ ବ୍ଲୁ ଏବଂ ଚିଲି ରେଡ୍। ହ୍ୱାଇଟ କଣ୍ଟ୍ରାଷ୍ଟ ରୁଫରେ ବ୍ରିଟେନ ପତାକାର ୟୁନିୟନ ଜ୍ୟାକ୍ ଡିଜାଇନ କରାଯାଇଛି। ହ୍ୱାଇଟ ମିରର କ୍ୟାପ୍ସ, ଓ ଲାଲ ଧଳା ରଙ୍ଗର ଷ୍ଟ୍ରିପ୍ସ ଦେଖିବାକୁ ମିଳିବ। ବୁଟ ଉପରେ ୟୁନିୟ

ତିନି ଦେବୀଙ୍କ ମହାଗୌରୀ ବେଶ

ସୁବର୍ଣ୍ଣପୁର,୧୮।୧୦ (ସଂଚାର ବ୍ୟୁରୋ)ଃ ପବିତ୍ର ଦେବଭୂମି ତଥା ଦ୍ୱିତୀୟ ବାରାଣସୀ ଭାବେ ପରିଚିତ ମନ୍ଦିରମାଳିନୀ ନଗରୀ ସୁବର୍ଣ୍ଣପୁରରେ ଶାରଦୀୟ ନବରାତ୍ରୀର ଅଷ୍ଟମ ଦିବସରେ ମାଁ ସୁରେଶ୍ୱରୀ, ମାଁ ଭଗବତୀ ଓ ମାଁ ଦୁର୍ଗାଦେବୀ ମହାଗୌରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଦେବୀଙ୍କ ଧବଳକାନ୍ତିମୟୀ ରୂପ ଓ କରୁଣାମୟୀ ମୁଖମଣ୍ଡଳ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି, ଶାନ୍ତି ଓ ଆଧ୍ୟାତ୍ମିକ ଆନନ୍ଦ ଭରିଦେଇଛି।

ନବଦୁର୍ଗାଙ୍କ ଅଷ୍ଟମ ସ୍ୱରୂପ ମାଁ ମହାଗୌରୀ ପବିତ୍ରତା, ନିର୍ମଳତା ଓ ଶାନ୍ତିର ପ୍ରତୀକ। ପୌରାଣିକ ବିଶ୍ୱାସ ଅନୁସାରେ, ଦେବୀଙ୍କ ଆରାଧନା ମନର ମଳିନତା ଦୂର କରି ସତ୍ୟ, ଧର୍ମ ଓ ସଦାଚାରର ପଥରେ ଅଗ୍ରସର ହେବାକୁ ପ୍ରେରଣା ଦିଏ।

ମନ୍ଦିର ପରିସରରେ ଧୂପଦୀପ, ଶଙ୍ଖଘଣ୍ଟା ଧ୍ୱନି ଓ ମନ୍ତ୍ରପାଠ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରି ପରିବାରର ସୁଖଶାନ୍ତି, ସମାଜର ମଙ୍ଗଳ ଓ ବିଶ୍ୱକଲ୍ୟାଣ କାମନା କରିଥିଲେ। ପ୍ରେମ, ଦୟା, କ୍ଷମା ଓ ମାନବିକତାକୁ ଜୀବନରେ ଆପଣାଇବା ହିଁ ମହାଗୌରୀଙ୍କ ଆରାଧନାର ମୁଖ୍ୟ ବାର୍ତ୍ତା।

ନରୁଆ ଛକରେ ୫୦ତମ ଦୁର୍ଗାପୂଜା ପାଳନ



ତିର୍ତ୍ତୋଲ,୧୮।୧୦ (ସଂଚାର ବ୍ୟୁରୋ)ଃ ଚଳିତବର୍ଷ ନରୁଆ ଛକରେ ୫୦ ତମ ଦୁର୍ଗାପୂଜା ପାଳିତ ହେଉଅଛି । ମା'ଙ୍କ ସମେତ ସବୁ ଦେବା ଦେବୀଙ୍କର ଚାନ୍ଦିର ମୁକୁଟ ମଥାରେ ଶୋଭା ପାଉଛି । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦୈନିକ ଏହି ମଣ୍ଡପ ରେ ଭକ୍ତ ମାନଙ୍କ ପାଇଁ ସପ୍ତମୀରୁ ଦଶହରା ପର୍ଯ୍ୟନ୍ତ ଦିନ ଏବଂ ରାତ୍ରିରେ ପ୍ରାସାଦ ସେବନ ବ୍ୟବସ୍ଥା କରାଯାଇଛି ।

ଚଳିତବର୍ଷ ମା'ଙ୍କ ମୂର୍ତ୍ତୀ ପ୍ରାୟ ୬୦ଖଣ୍ଡ ଶାଢ଼ୀ ପରିଧାନ କରିଛନ୍ତି। ସେହିଭଳି ନବମୀ ଚଣ୍ଡୀ ପାଠ ଓ ପୂର୍ଣ୍ଣ ଆହୁତିରେ ଚଳିତ ବର୍ଷ ପ୍ରାୟ ୧ କ୍ୱିଣ୍ଟାଲ ଅଧିକ ଘୃତ ହୋମ ପାଇଁ ବ୍ୟବସ୍ଥା କରାଯାଇଛି। ବଜାର ସୁସଜିତ ଆଲୋକ ମାଳାରେ ଝଲସୁଛି,ଏହି ପୂଜା ରେ ଦୈନିକ ହୋମ, ଯଜ୍ଞ, ଆରତୀ ପୂଜା କରାଯାଉଛି ।

ଏହି ପୂଜାରେ କର୍ତ୍ତା ଭାବେ ଅଶୋକ କୁମାର ଦାସ ଯୋଗ ଦେଇଥିବା ବେଳେ ପଣ୍ଡିତ ଅଶୋକ କୁମାର ଦାଶ ଓ ତାଙ୍କ ଟିମ୍ ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ, ଅଷ୍ଟମୀ, ନବମୀ ଓ ଦଶହରାରେ ଅଧିକ ଭିଡ଼କୁ ଲକ୍ଷ୍ୟ କରି ତିର୍ତ୍ତୋଲ ପୁଲିସର ସହାୟତା ଲୋଡ଼ା ଯାଇଥିବା ମା'ଙ୍କ ନିତିଦିନ ମନ୍ଦିର ପୂଜକ ରାଜା ପଣ୍ଡା ସୂଚନା ଦେଇଛନ୍ତି।

ଝାଡ଼େଶ୍ୱରପୁର ପଞ୍ଚାୟତ ଦୁର୍ଗାପୂଜା କମିଟି ପକ୍ଷରୁ
୪ର୍ଥ ବାର୍ଷିକ ଶାରଦୀୟ ଦୁର୍ଗା ପୂଜା

ନିଶ୍ଚିନ୍ତକୋଇଲି,୧୮।୧୦ (ସଂଚାର ବ୍ୟୁରୋ)ଃ ଝାଡ଼େଶ୍ୱରପୁର ପଞ୍ଚାୟତ ଅଧିନ ପଞ୍ଚାୟତ ଦୁର୍ଗା ପୂଜା କମିଟି ପକ୍ଷରୁ ବଜ୍ରସେନା ଦେବୀଙ୍କ ପୀଠସ୍ଥଳୀ ମଙ୍ଗଳପୁର ନୂଆହାଟ ଦୁର୍ଗା ପଡ଼ିଆ ଠାରେ ଚତୁର୍ଥ ବାର୍ଷିକ ଶାରଦୀୟ ଦୁର୍ଗା ପୂଜା ଅନୁଷ୍ଠିତ ହେଉଛି। ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପୁଷ୍କରିଣୀରୁ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସୀରେ ଜଳ ଉତ୍ତୋଳନ କରାଯାଇ ଏକ ଶୋଭାଯାତ୍ରାରେ ପୂଜା ସ୍ଥଳୀକୁ ନିଆଯାଇଥିଲା। ସୁବିଜ୍ଞ ପଣ୍ଡିତ ଜନ୍ମେଜୟ ପଣ୍ଡା ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରୁଥିବା ବେଳେ ସହଯୋଗୀ ପୂଜକ ଭାବେ ଆଦିତ୍ୟ ଶତପଥୀ, ଶଶିକାନ୍ତ ଦାଶ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି। କର୍ତ୍ତା ଭାବେ ପ୍ରଦିପ ଦାସ ଓ କର୍ତ୍ତୀ ଭାବେ ତାଙ୍କ ଧର୍ମପତ୍ନୀ ସରସ୍ୱତୀ ଦାସ କାର୍ଯ୍ୟ ନିର୍ବାହ କରୁଛନ୍ତି। ପଞ୍ଚାୟତ ଦୁର୍ଗା ପୂଜା କମିଟିର ସଭାପତି ତଥା ସରପଞ୍ଚ ଅନିଲ କୁମାର ଦଳାଇ, ସମ୍ପାଦକ ଆନନ୍ଦ ଦାସ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରୁଛନ୍ତି।

ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ମାଙ୍କୁ ପୂଜାର୍ଚ୍ଚନା କରିବା ସହ ମାତୃକୃପା ଲାଭ କରିଛନ୍ତି।

ନିଶ୍ଚିନ୍ତକୋଇଲିରେ ଅଷ୍ଟଭୁଜା ମା' ଦୁର୍ଗା ଓ ମା' ଶାରଦାଙ୍କ ଶାରଦୀୟ ନବରାତ୍ର ପୂଜା

ନିଶ୍ଚିନ୍ତକୋଇଲି,୧୮।୧୦ (ସଂଚାର ବ୍ୟୁରୋ)ଃ ନିଶ୍ଚିନ୍ତକୋଇଲି ବଜାର ସ୍ଥିତ ଅଷ୍ଟଭୁଜା ଦୁର୍ଗା ମଣ୍ଡପରେ ମା' ଅଷ୍ଟଭୁଜା ଜୟଦୁର୍ଗା ଓ ଶାରଦାଙ୍କ ଶାରଦୀୟ ନବରାତ୍ର ପୂଜା ଅନୁଷ୍ଠିତ ହେଉଛି। ସୁବିଜ୍ଞ ପଣ୍ଡିତ ନିଗମାନନ୍ଦ ମହାପାତ୍ର, ମନୋଜ ଦାଶ, ଶାରଦାପ୍ରସାଦ ଷଡଙ୍ଗୀ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରୁଥିବା ବେଳେ କର୍ତ୍ତା ଭାବେ ଉତ୍ସବଚରଣ ସାହୁ ଓ ତାଙ୍କ ଧର୍ମପତ୍ନୀ ମମତା ସାହୁ, ଅନ୍ୟତମ କର୍ତ୍ତା ଭାବେ ସ୍ମୃତିରଞ୍ଜନ ରାଉତରାୟ ଓ ତାଙ୍କ ଧର୍ମପତ୍ନୀ ପ୍ରମିଳା ନାୟକ କାର୍ଯ୍ୟ ନିର୍ବାହ କରୁଛନ୍ତି।

ଅନୁଷ୍ଠାନର ସମ୍ପାଦକ ଜାନକୀକାନ୍ତ ଦାସ, ସଭ୍ୟ ରାଜକିଶୋର ହୋତା, ପ୍ରଦୀପ୍ତ କୁମାର ପଣ୍ଡା, ପୁରସ୍ତମ ସେଠୀ, ବିଜୟ କୁମାର ସ୍ୱାଇଁଙ୍କ ସମେତ ନିଶ୍ଚିନ୍ତକୋଇଲି ବଜାର ସାବର୍ଜନୀନ ଶାରଦୀୟ ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟ, ବଜାର ବ୍ୟବସାୟୀ ଓ ସ୍ଥାନୀୟ ଅଞ୍ଚଳର ସମଗ୍ର ଭକ୍ତମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରୁଛନ୍ତି।

ପୂଜାରେ ବି କାର୍ଯ୍ୟକ୍ଷମ ହେଲାନି ଉଜ୍ଜ୍ୱଳ ଆଲୋକୀକରଣ



ନିଶ୍ଚିନ୍ତକୋଇଲି,୧୮।୧୦ (ସଂଚାର ବ୍ୟୁରୋ)ଃ ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର କୁଳିଆ ଠାରୁ କଟିକଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଗତ ବିଜୁଜନତା ଦଳ ସରକାର ସମୟରେ ଉଜ୍ଜ୍ୱଳ ଆଲୋକିକରଣ ବ୍ୟବସ୍ଥା କରାଯାଇଥିଲା। ଏବେ ଅନେକ ସ୍ଥାନରେ କେଉଁଠି ବିଦ୍ୟୁତ୍ ଖୁଣ୍ଟରେ ବିଦ୍ୟୁତ୍ ବଲବ୍ ନାହିଁ ତ, ଅନ୍ୟ କେଉଁଠି ବିଦ୍ୟୁତ୍ ଖୁଣ୍ଟରେ ଅନାବନା ଗଛଲତା ମାଡ଼ି ଜଙ୍ଗଲ ସୃଷ୍ଟି ହୋଇଛି। ଦଶହରା ପୂଜା ପୂର୍ବରୁ ଅଚଳ ଆଲୋକୀକରଣ ବ୍ୟବସ୍ଥାକୁ ସଚଳ କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ଏଥିରେ କୌଣସି ସୁଧାର ଆସିଲା ନାହିଁ। ତୁରନ୍ତ ଅଚଳ ଥିବା ଆଲୋକୀକରଣ ବ୍ୟବସ୍ଥାକୁ ସଚଳ କରାଯିବାକୁ ସାଧାରଣରେ ଦାବି ହୋଇଛି।

ମା' ମଙ୍ଗଳାଙ୍କ ଅଲୌକିକ ବିଜେ

ରତ୍ନଗିରିରୁ ମହିଷାମର୍ଦ୍ଦିନୀ

କାକଟପୁର/ଅସ୍ତରଙ୍ଗ,୧୮।୧୦ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ବାସିନୀ ମା' ମଙ୍ଗଳା ପୀଠରେ ଏବେ ଶକ୍ତିର ଅଦ୍ଭୁତ ଲହରୀ। ଅନ୍ଧାର ଯେତେ ଗାଢ଼ ହୁଏ, ଆଲୋକ ସେତେ ନିକଟ ହୁଏ। ଅଧର୍ମ ଯେତେ ବଢ଼େ, ଧର୍ମ ରକ୍ଷା ପାଇଁ ମା' ସେତେ ଶୀଘ୍ର ଧରାକୁ ଆସନ୍ତି। ଏହାହିଁ ଶାରଦୀୟ ପୂଜାର ମର୍ମ। ସେହି ଶାସ୍ତ୍ର ବାଣୀକୁ ସତ୍ୟ କରି ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ପୀଠରେ ଚାଲିଛି ନବଦିନାତ୍ମକ ପୂଜା। ନଅ ଦିନ, ନଅ ରୂପ, ନଅ ବେଶ, ନଅ ବାର୍ତ୍ତା। ପ୍ରତିଦିନ ଷୋଡଶ ଉପଚାର - ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ଆଚମନ, ସ୍ନାନ, ବସ୍ତ୍ର, ଅଳଙ୍କାର, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟରେ ମା' ମଙ୍ଗଳା ପୂଜିତା ହେଉଛନ୍ତି।

ମୂଳାଷ୍ଟମୀରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ରବିବାର ରାତ୍ରି ମହାଷ୍ଟମୀ ସନ୍ଧିପୂଜା, ମହା ହୋମ ଓ କୁଷ୍ମାଣ୍ଡ ବଳିଦାନରେ ପୂର୍ଣ୍ଣାହୁତି ପାଇଛି। ଏହି ପୂଜାର ସବୁଠୁ ରହସ୍ୟମୟ, ରୋମାଞ୍ଚକାରୀ ନୀତି ହେଉଛି ରାତ୍ରି ବିଜେ। ପ୍ରତି ରାତ୍ରିରେ ମା' ମଙ୍ଗଳା ମନ୍ଦିର ବାହାରେ ଥିବା ପ୍ରସିଦ୍ଧ ରତ୍ନଗିରି କୁ ସ୍ୱତନ୍ତ୍ର ବିମାନରେ ବିଜେ କରନ୍ତି। ଲୋକ ବିଶ୍ୱାସ ଓ ଶାସ୍ତ୍ର କୁହେ, ମହିଷାସୁର ରତ୍ନଗିରିରେ ଲୁଚି ରହିଛି। ମା' ତାକୁ ସନ୍ଧାନ କରିବାକୁ ଯାଆନ୍ତି। ଆଗରେ ମଶାଲ ଆଲୋକ, ପଛରେ ଘଣ୍ଟ, କାହାଳୀ, ମୃଦଙ୍ଗ, ଶଙ୍ଖର ଧ୍ୱନି। ଅନ୍ଧାର ରାତିରେ ବିମାନ ଯାତ୍ରା ଦେଖିଲେ ଲାଗେ ସ୍ୱୟଂ ଆଦ୍ୟାଶକ୍ତି ଯୁଦ୍ଧକୁ ଯାଉଛନ୍ତି। ଫେରିବା ବାଟରେ ମନ୍ଦିର ପରିସରରେ ଥିବା ଜଗମୋହନରେ ହୁଏ ଅପୂର୍ବ ଦୃଶ୍ୟ - ମା' ଦୁର୍ଗା ଓ ମା' ମଙ୍ଗଳାଙ୍କ ଭେଟ। ସେଠାରେ ଅନୁଷ୍ଠିତ ହୁଏ ପ୍ରସିଦ୍ଧ ଜଗତି ପୂଜା। ଦୁଇ ମା'ଙ୍କ ମିଳନ ମାନେ ଦୁଇ ଶକ୍ତିର ଏକତ୍ରୀକରଣ। ଏହି ଅଲୌକିକ ଦୃଶ୍ୟ ଦେଖିବାକୁ ହଜାର ହଜାର ଭକ୍ତ ରାତି ଅନିଦ୍ରା ରହି ପୀଠରେ ଭିଡ଼ ଜମାନ୍ତି। ନବଦିନରେ ନବ ବେଶର ପରମ୍ପରା ଅତି ପ୍ରାଚୀନ ଓ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରଥମ ଦିନ ନାଲିକଲି - ରକ୍ତ ବର୍ଣ୍ଣା ଉଗ୍ର ରୂପିଣୀ, ଦ୍ୱିତୀୟ ଦିନ କଳାକଲି - ଘୋର ଅନ୍ଧାର ନାଶିନୀ। ପଞ୍ଚମୀରେ ତୀରକମାଣ ବେଶ - ହସ୍ତରେ ତୀର ଧନୁ, ଆଖି ମହିଷା ଉପରେ। ଷଷ୍ଠୀରେ କାର୍ତ୍ତିଖର୍ପର ବେଶ - ଖର୍ପର ହସ୍ତରେ ପାପ ଛେଦନ। ସପ୍ତମୀରେ ସିଂହବାହିନୀ - ସିଂହ ଉପରେ ବିରାଜିତା ମା'। ପ୍ରତି ବେଶ ମଣିଷ ଭିତରେ ଥିବା କାମ, କ୍ରୋଧ, ଲୋଭକୁ ମାରେ।

ଆଉ ଶେଷ ଦିନ ମହାଷ୍ଟମୀରେ ମା'ଙ୍କ ମହିଷାମର୍ଦ୍ଦିନୀ ବେଶ - ଚରମ ରୂପ। ମା' ମଙ୍ଗଳା ମସ୍ତକରେ ମୁକୁଟ ଓ ଚନ୍ଦ୍ରିକା, ହସ୍ତରେ ଖଡ୍ଗ, ପଦ ତଳେ ମହିଷାସୁର। ସନ୍ଧିପୂଜାରେ ଦୀପ, ହୋମ, କୁଷ୍ମାଣ୍ଡ ବଳିରେ ପୂର୍ଣ୍ଣାହୁତି। ମହିଷା ହେଉଛି ଅହଂକାର, ମା' ଜ୍ଞାନ - ଅସତ୍ୟ ଉପରେ ସତ୍ୟର ବିଜୟ। ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ପବିତ୍ର ମହାଷ୍ଟମୀ ରବିବାର ମା "ମଙ୍ଗଳା ମନ୍ଦିର ରେ ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମିଥିଲା।

ମଣିଜଙ୍ଗା ଏରସମା ରାସ୍ତା ପାଲଟିଛି ମରଣଯନ୍ତ୍ରା

ରାସ୍ତା ଖାଲରେ ପଡ଼ି ଦୁଇ ବାଇକ୍ ଚାଳକ ଗୁରୁତର

ତିର୍ତ୍ତୋଲ,୧୮।୧୦ (ସଂଚାର ବ୍ୟୁରୋ)ଃ ମଣିଜଙ୍ଗା ଏରସମା ରାସ୍ତା ଏବେ ପାଲଟିଛି ମରଣଯନ୍ତ୍ରା। ଦୈନିକ ସେହି ରାସ୍ତା ରେ ପ୍ରାୟ ହଜାର ହଜାର ଗାଡ଼ି ଯାତାୟାତ କରୁଥିବା ବେଳେ । ମାସ ମାସ ଧରି ଏହି ରାସ୍ତାରେ ପୁରିଯେନା ବଜାର ଠାରୁ ଆରମ୍ଭ କରି ବଡିଲ ପର୍ଯ୍ୟନ୍ତ ରାସ୍ତାରେ ପ୍ରାୟ ଏକ ଶହରୁ ଅଧିକ ଖାଲ ହୋଇଥିବା ବେଳେ ପ୍ରାୟ ୪୦ଟି ଖାଲ ପ୍ରାୟ ୩ରୁ ୪ ଫୁଟ ଗଭୀର ହୋଇଥିବା ଦେଖିବାକୁ ମିଳିଛି। ଦୈନିକ ଶହ ଶହ ଗାଡ଼ି ଖାଲରେ ପଡି ଲୋକ କ୍ଷତ ବ୍ୟକ୍ଷତ ହେଇଥିବା ନଜର ଆସିଛି ।

ସେହିପରି ଗତକାଲି ସନ୍ଧ୍ୟାରେ ମଣିଜଙ୍ଗା ପଟୁ ଆସୁଥିବା ଏକ ବାଇକ୍ ଆରୋହୀ ପୂରିଯେନା ବାଙ୍କ ପାଖରେ ଏକ ଗାତରେ ପଡି ଗୁରୁତର ହୋଇ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପରେ କଟକ ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ସେହିପରି ନରୁଆ ଛକ ସାଗବାରିଆ ଦଳିତ ସାହି ପାଖରେ ଏକ ଖାଲରେ ପଡି ଦକ୍ଷତି ଗୁରୁତର ହେବାପରେ ତାଙ୍କୁ ଏରସମା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ହୋଇଥିବା ଖବର ମିଳିଛି।

ପ୍ରକାଶ ଥାଉକି ଏହି ରାସ୍ତାର ଟେଣ୍ଡର ପ୍ରକ୍ରିୟା ଆଜକୁ ଆଠ ଦିନ ହେବା ସରିବା ପରେ ମଧ୍ୟ କଣ ପାଇଁ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଉନି ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେଇଛି। ପୂଜାରେ ଏହି ରାସ୍ତାରେ ବହୁତ ଭିଡ ରହୁଥିବାରୁ କାହାର କେତେବେଳେ ଯେ ଜୀବନ ଯିବ ତାହା କହିବା ଅସମ୍ଭବ। ଶୁଣିବାକୁ ମିଳିଛି ସ୍ଥାନିୟ ଲୋକେ ଏହାକୁ ନେଇ ରାସ୍ତା ରୋକ୍ କରିବାକୁ ସଜବାଜ ହେଉଛନ୍ତି। ଗତକାଲି ଏହି ଦୁର୍ଘଟଣା ପରେ କିଛି ବୁଦ୍ଧିଜୀବୀମାନେ ମୁଖ୍ୟମନ୍ତ୍ରୀଙ୍କୁ ରାସ୍ତା ଓ କୋଠା ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ନେଇ ଏକ ଦରଖାସ୍ତ ଇମେଲ ମାଧ୍ୟମରେ ପଠାଇଥିବା ଶୁଣିବାକୁ ମିଳିଛି। ଦେଖାଯାଉ କେତେ ଜୀବନ ଗଲାପରେ ବିଭାଗର ନିଦ୍ରା ଭାଙ୍ଗୁଛି।

କଇଁଛକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର

ସୁବର୍ଣ୍ଣପୁର,୧୮।୧୦ (ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ୍ ଅନ୍ତର୍ଗତ ପ୍ରତାପପୁର-ସରଧାପାଲି ରାସ୍ତାକଡରୁ ଆଜି ଏକ କଇଁଛ ଛୁଆକୁ ଅସହାୟ ଅବସ୍ଥାରେ ଉଦ୍ଧାର କରିଛନ୍ତି ପ୍ରକୃତିପ୍ରେମୀ ଶିକ୍ଷକ ବିକ୍ରମ କୁମାର ନନ୍ଦ। ଏହାପରେ ଶ୍ରୀ ନନ୍ଦ କଇଁଛଟିକୁ ପ୍ରାକୃତିକ ଆବାସରେ ଛାଡିବା ପାଇଁ ସୋନପୁର ବନାଞ୍ଚଳ ଅଧିକାରୀଙ୍କ ସହ ଯୋଗାଯୋଗ କରି କଇଁଛ ଶାବକକୁ ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଛନ୍ତି।ଏହି ଅବସରରେ ଶ୍ରୀ ନନ୍ଦଙ୍କ ସହ କୁଲିପାଲି ବନ ସୁରକ୍ଷା ସମିତିର ଆନିମିଟର୍ ଜୟନ୍ତ ପ୍ରଧାନ,ବ୍ୟାସ ଦେବ ନନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ନନ୍ଦ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ଏବଂ ଜୈବ ବିବିଧତାର ଉନ୍ନତି ପାଇଁ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏଭଳି ମହତ କାର୍ଯ୍ୟ ପାଇଁବନ ବିଭାଗ ପକ୍ଷରୁ ମାନବିକତାକୁ ପ୍ରଶଂସା କରାଯାଇଛି।

ମା' ଦୁର୍ଗାଙ୍କ ଆଗମନରେ ଝଲସୁଛି ଫୁଲବାଣୀ ସହର

ଫୁଲବାଣୀ,୧୮।୧୦ (ସଂଚାର ବ୍ୟୁରୋ)ଃ ଆଗମନରେ ଉତ୍ସବ ମୁଖର ଗାଁ ଠୁ ସହର ଦେବୀ ପୀଠରେ ସରିଲା ସପ୍ତମୀ ପୂଜା ଆଜି ଅଷ୍ଟମୀ ପୂଜା ଚାଲିଛି । ସଞ୍ଜ ହେଲେ ପୂଜା ମଣ୍ଡପରେ ଶ୍ରଦ୍ଧାଳୁ ଙ୍କ ଭିଡ଼ ଲାଗୁଛି । ଶାନ୍ତି ଶୃଙ୍ଖଳା ପାଇଁ ଟାଉନ ଥାନା ପୋଲିସର ଘନ ଘନ ପେଟ୍ରୋଲିଙ୍ଗ । ଫୁଲବାଣୀ ସହରର ମାଦିକୁନ୍ଦା ଛକ, ଟାକ୍ସି ସଙ୍ଘ, ମିନି ଟ୍ରକ ସଙ୍ଘ, ବିଦ୍ୟୁତ ବିଭାଗ, ଘରୋଇ ବସ ମାଲିକ ସଙ୍ଘ ବସଷ୍ଟାଣ୍ଡ, ଆରଟିଓ, ପଂଚାୟତ ଭବନ ଟ୍ରାକ୍ଟର ମାଲିକ ସଙ୍ଘ ଆଦି ସ୍ଥାନ ରେ ମେଢ଼ ହୋଇଥିବା ଦେଖିବାକୁ ମିଳିଛି । ଏହିସବୁ ସ୍ଥାନ ଗୁଡିକରେ ଅସାମାଜିକ ବ୍ୟକ୍ତି ଙ୍କୁ ଆକଟ କରିବା ପାଇଁ ସିସି କ୍ୟାମେରା ଦ୍ୱାରା ପରିସରକୁ ଆବଦ୍ଧ କରି ରଖିଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ହୋଇଥିବା ବୈଠକ ନିଷ୍ପତ୍ତି ପ୍ରକାରେ ଦଶହରା ଉତ୍ସବକୁ ଦାୟୀତ୍ୱର ସହ କରାଯାଉଥିବା ଦେଖିବାକୁ ମିଳୁଛି ।

ନିଜ ପଦମର୍ଯ୍ୟାଦାର ଗରିମା ରଖନ୍ତୁ ନବ ନିଯୁକ୍ତ ରାଜ୍ୟପାଳ, ନଚେତ ଇସ୍ତାଫା ଦିଅନ୍ତୁ

ବଲାଙ୍ଗିର,୧୮।୧୦ (ସଂଚାର ବ୍ୟୁରୋ)ଃ ରାଜ୍ୟପାଳ ପଦବୀ ଏକ ସାମ୍ବିଧାନିକ ପଦବୀ। ଏହି ପଦବୀର ମର୍ଯ୍ୟାଦା, ଗାରିମା କ୍ଷୁର୍ଣ୍ଣ କଡା ହେବା ନୁହେଁ କିନ୍ତୁ ନବ ନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ତାଙ୍କ ନାମ ଘୋଷଣା ହେବା ପରେ ଗଣମାଧ୍ୟମ କୁ ଦେଇଥିବା ପ୍ରତିକ୍ରିୟା ଅତି ନିନ୍ଦନୀୟ ଓ ଅସମ୍ବିଧାନିକ । ଗଣମାଧ୍ୟମରେ ଯାହା ଜଣା ପଡୁଛି ଯେ ସେ ଓଡିଶାକୁ ଆସି ଭାରତୀୟ ଜନତା ପାର୍ଟି ପାଇଁ ଭୋଟ ଯୋଗାଡ କରି ଦଳକୁ ଆହୁରି ବଳସାଳି କରିବେ ବୋଲି କହିଛନ୍ତି । ଏହା ରାଜ୍ୟପାଳ ଭଳିଆ ଏକ ସାମ୍ବିଧାନିକ ଗାରିମାମୟ ପଦବୀର ବ୍ୟକ୍ତିଙ୍କ ମୁହଁରୁ ଏପରି ବକ୍ତବ୍ୟ ବାହାରିବା ସମ୍ବିଧାନ ବିରୋଧି ଅଟେ । ଏଣୁ ସେ ଏହି ପଦବୀ ପାଇଁ ଉପଯୁକ୍ତ ନୁହେଁ । ସେ ସମ୍ବିଧାନକୁ ସମ୍ମାନ ଜଣାଇ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଦାବି କରିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟପାଳ ଙ୍କ ନିରପେକ୍ଷତାକୁ ନେଇ ଓଡିଶା ରାଜ୍ୟବାସୀଙ୍କ ମନରେ ଆଶଂକା ଦେଖା ଦେଲାଣି। ତାଙ୍କର ବକ୍ତବ୍ୟ ଲୋକଙ୍କ ସ୍ୱାର୍ଥ ବିରୋଧରେ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଶ୍ରୀ ମିଶ୍ର ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଓଡିଶାର ପୂର୍ବତନ ରାଜ୍ୟପାଳ ଶ୍ରୀଗଣେଷିଲାଲ ଜଣେ ବାଗ୍ମି ପୁରୁଷ ଥିଲେ । ତାଙ୍କର ଅନେକ ବିଷୟରେ ପାଣ୍ଡିତ୍ୟ ଥିଲା। ତାଙ୍କର ନିରପେକ୍ଷତା ଓ ଶାସନ ପରିଚାଳନା ଦକ

ବର୍ଷା ଦିନରେ ନିଶ୍ଚୟ ଖାଆନ୍ତୁ ଫଳ

ବର୍ଷା ଦିନରେ ପରିବେଶ ଥଣ୍ଡା ଓ ଆର୍ଦ୍ର ରହିଥାଏ। ଏହି ସମୟରେ ସଂକ୍ରମଣ ଓ ପେଟ ସମସ୍ୟାର ଆଶଙ୍କା ମଧ୍ୟ ବଢ଼ିଯାଏ। ସେଥିପାଇଁ ଏହି ଋତୁରେ ସଠିକ୍ ଖାଦ୍ୟ ଖାଇବା ବହୁତ ଜରୁରୀ। ବିଶେଷ କରି ତାଜା ଓ ସଫା ଫଳ ଖାଇଲେ ଶରୀରକୁ ଆବଶ୍ୟକ ଭିଟାମିନ୍ ଓ ଖଣିଜ ପଦାର୍ଥ ମିଳିଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ବଢ଼ାଇଥାଏ। ତେବେ ଆସନ୍ତୁ ଜାଣିବା କେଉଁ ଫଳ ବର୍ଷା ଦିନେ ଖାଇବା ଭଲ।

ଡାଳିମ୍ବ: ଡାଳିମ୍ବରେ ଆଇରନ୍ ଓ ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଥାଏ। ଏହା ରକ୍ତ ବଢ଼ାଇବା ସହ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

ସେଓ: ପ୍ରତିଦିନ ଗୋଟିଏ ସେଓ ଖାଇଲେ ଶରୀରକୁ ଫାଇବର୍ ଓ ଭିଟାମିନ୍ ମିଳିଥାଏ। ଏହା ପାଚନ ଶକ୍ତିକୁ ଭଲ ରଖିବାରେ ସାହାଯ୍ୟ କରେ।

କଦଳୀ: କଦଳୀରେ ପୋଟାସିୟମ୍ ଓ ଶକ୍ତି ଭରପୂର ରହିଥାଏ। ଏହା ଶରୀରକୁ ଶକ୍ତି ଦେବା ସହ ଦୁର୍ବଳତା ଦୂର କରିଥାଏ।

ପିଜୁଳି: ପିଜୁଳିରେ ଭିଟାମିନ୍–ସି ଅଧିକ ପରିମାଣରେ ରହିଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ସର୍ଦ୍ଦି–କାଶରୁ ସୁରକ୍ଷା ଦେଇଥାଏ।

ଅମୃତଭଣ୍ଡା: ଅମୃତଭଣ୍ଡା ପାଚନ ପାଇଁ ବହୁତ ଉପକାରୀ। ଏହା ପେଟକୁ ସୁସ୍ଥ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା କମାଇଥାଏ।

ବର୍ଷା ଦିନରେ ଫଳ ଖାଇବା ପୂର୍ବରୁ ସେଗୁଡ଼ିକୁ ଭଲ ଭାବେ ଧୋଇ ଖାଆନ୍ତୁ। କଟା ଫଳକୁ ଦୀର୍ଘ ସମୟ ବାହାରେ ରଖନ୍ତୁ ନାହିଁ। ସବୁବେଳେ ତାଜା ଓ ସଫା ଫଳ ଖାଇବାକୁ ଚେଷ୍ଟା କରନ୍ତୁ। ସଠିକ୍ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀ ଆପଣାଇଲେ ବର୍ଷା ଦିନରେ ମଧ୍ୟ ଆପଣ ସୁସ୍ଥ ଓ ସତେଜ ରହିପାରିବେ।

ସ୍କିନ୍ ଆଲର୍ଜିଙ୍କ ପାଇଁ କ୍ଷତିକାରକ ବାଇଗଣ

କିଛି ଲୋକ ବାଇଗଣ ଖାଇବାକୁ ପସନ୍ଦ କରୁଥିବାବେଳେ ଆଉ କିଛି ଲୋକ ଏହାକୁ ଖାଇବାକୁ ଆଦୌ ପସନ୍ଦ କରି ନଥାଆନ୍ତି। ବାଇଗଣରେ ଅନେକ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରାଯାଏ। ବାଇଗଣ ଖାଇବାର ଅନେକ ଫାଇଦା ରହିଛି। ବାଇଗଣର କେତେକ କ୍ଷତିକାରଣ ଗୁଣ ମଧ୍ୟ ରହିଛି। କିଛି ଲୋକଙ୍କ ଠାରେ ବାଇଗଣ ଖାଇବା ପରେ କୁଣ୍ଡାଇ ହେବା, ନାଲି ନାଲି ଫଳିଯିବା, କିଡ଼ାଁ ପଥରୀ ଓ ଲୋ ବ୍ଲଡ ସୁଗାର ଆଦି ସମସ୍ୟା ଦେଖାଦେଇଥାଏ। ଏହା କିଛି ଲୋକଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେବେ ଆସନ୍ତୁ ବାଇଗଣ କେଉଁମାନେ ଖାଇବା ଉଚିତ୍ ନୁହେଁ ସେ ସମ୍ପର୍କରେ ଜାଣିବା।

କିଡନୀ ପାଇଁ କ୍ଷତିକାରକ: ଯେଉଁ ଲୋକମାନଙ୍କ କିଡ଼ନୀରେ ଷ୍ଟୋନ୍ ସମସ୍ୟା ରହିଛି ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ ବାଇଗଣ। ବାଇଗଣ ମଞ୍ଜି କିଡ଼ନୀ ଷ୍ଟୋନ୍ ସମସ୍ୟାକୁ ବଢ଼ାଇ ଦେଇଥାଏ। ବାଇଗଣ ଖାଇବା ଦ୍ୱାରା ଏହି ସମସ୍ୟା ବିପଦ ସୃଷ୍ଟି କରିଥାଏ। ତେଣୁ କିଡ଼ନୀ ରୋଗରେ ପୀଡିତ ଥିବା ବ୍ୟକ୍ତି ବାଇଗଣ ଖାଇବା ଅନୁଚିତ୍।

ହାଡ଼ ପାଇଁ କ୍ଷତିକାରକ: ବାଇଗଣରେ ଅକ୍ସାଲେଟ ନାମକ ଏକ ତତ୍ତ୍ୱ ଥାଏ। ଯାହା କ୍ୟାଲସିୟମକୁ ଅବଶୋଷଣ କମ୍ କରିଥାଏ। ଏହା ହାଡ଼ ପାଇଁ କ୍ଷତିକାରକ ବୋଲି ବିବେଚନା କରାଯାଏ। ଯେଉଁମାନଙ୍କ ହାଡ଼ ଦୁର୍ବଳ ସେମାନେ ବାଇଗଣ ଖାଇବାଠାରୁ ଦୂରେଇ ରୁହନ୍ତୁ।

ପାଇଲ୍ସ ରୋଗୀଙ୍କ ପାଇଁ କ୍ଷତିକାରକ: ଯଦି ଆପଣ ରକ୍ତହୀନତା କିମ୍ବା ପାଇଲ୍ସ ରୋଗରେ ପୀଡ଼ିତ ତେବେ ଆପଣମାନେ ବାଇଗଣ ଆଦୌ ଖାଆନ୍ତୁ ନାହିଁ। ନଚେତ୍ ଏହା ସମସ୍ୟାକୁ ବଢ଼ାଇଦେଇଥାଏ।

ଆର୍ଥ୍ରାଇଟିସ୍ ରୋଗୀ ପାଇଁ କ୍ଷତିକାରକ : ଆର୍ଥ୍ରାଇଟିସ୍ ରୋଗୀମାନେ ମଧ୍ୟ ବାଇଗଣ ଖାଇବାଠାରୁ ଦୂରେଇ ରୁହନ୍ତୁ। ନଚେତ୍ ଏହା ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ବିଗାଡ଼ି ଦେଇପାରେ। ଏଥିସହିତ ଅତ୍ୟଧିକ ବାଇଗଣ ଖାଇବା କ୍ଷତିକାରକ ହୋଇପାରେ। ଏହା ପେଟ ଖରାପ, ପେଟ ଯନ୍ତ୍ରଣା, ବାନ୍ତି, ମୁଣ୍ଡବିନ୍ଧା ଏବଂ କୁଣ୍ଡେଇ ହେବାର କାରଣ ହୋଇପାରେ।

ସ୍କିନ୍ ଆଲର୍ଜି: ବାଇଗଣ ଖାଇବା ଦ୍ୱାରା ଅଧିକାଂଶ ଲୋକଙ୍କ ଠାରେ ତ୍ୱଚା ସମ୍ବନ୍ଧୀୟ ଆଲର୍ଜି ଯଥା- ନାଲି ନାଲି ଫଳିଯିବା, କୁଣ୍ଡାଇ ହେବା, ଜିଭରେ ଦାନା ଦାନା ହୋଇ ଫଳିଯିବା, ବାନ୍ତି ହେବା ଆଦି ସମସ୍ୟା ଦେଖାଦିଏ। ଯେଉଁ ଲୋକଙ୍କ ଠାରେ ଏସବୁ ସମସ୍ୟା ଦେଖାଦେଉଛି, ଡାକ୍ତର ତାଙ୍କୁ ବାଇଗଣ ଖାଇବାରୁ ବିରତ ରହିବାକୁ ପରାମର୍ଶ ଦେଇଥାନ୍ତି।

ହାଡ଼କୁ ମଜବୁତ କରେ କାଜୁ

ସୁସ୍ଥ ଶରୀର ପାଇଁ ପୋଷକତତ୍ତ୍ୱର ଆବଶ୍ୟକତା ରହିଛି। ସେଥିମଧ୍ୟରୁ କ୍ୟାଲସିୟମ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କ୍ୟାଲସିୟମ ଅଭାବ ଯୋଗୁଁ ଅନେକ ସମସ୍ୟା ଦେଖାଦେଇଥାଏ। କ୍ୟାଲସିୟମ୍ ଅଭାବ ହେବା ଦ୍ୱାରା ହାଡ଼କୁ ଦୁର୍ବଳ କରିଦେଇଥାଏ। ଏବେ ପିଲାଠୁ ଆରମ୍ଭ କରି ବଡ଼ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ହାଡ଼ ଜନିତ ସମସ୍ୟା ଦେଖିବାକୁ ମିଳୁଛି। କ୍ୟାଲସିୟମ ଅଭାବ ଯୋଗୁଁ ବୟସ ପୂର୍ବରୁ ହାଡ଼ ଦୁର୍ବଳ ହୋଇଯାଇଥାଏ। ତେଣୁ କ୍ୟାଲସିୟମ୍ ଯୁକ୍ତ ଖାଦ୍ୟ ଜରୁରୀ। ଏପରି ପରିସ୍ଥିତିରେ, ଆପଣ ଆପଣଙ୍କ ଖାଦ୍ୟରେ କିଛି ପରିବର୍ତ୍ତନ ଆଣିବା ଉଚିତ୍। ଯାହା ଦ୍ୱାରା କ୍ୟାଲସିୟମ ଅଭାବକୁ ଦୂର କରାଯାଇପାରିବେ। ଏହି ଅଭାବ ଦୂର କରିବା ପାଇଁ, ଆପଣ ଆପଣଙ୍କ ଖାଦ୍ୟରେ କ୍ଷୀର, ସବୁଜ ପନିପରିବା କିମ୍ବା କିଛି ଶସ୍ୟ ଜାତୀୟ ଖାଦ୍ୟ ସାମିଲ କରିପାରିବେ। ଏହା ବ୍ୟତୀତ, ଆପଣ ଆପଣଙ୍କ ଖାଦ୍ୟରେ ଶୁଖିଲା ଫଳ ମଧ୍ୟ ସାମିଲ କରିପାରିବେ। ଫଳରେ ଏହା ଆପଣଙ୍କ ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରିବ। ଏଠାରେ ଆମେ ଆପଣଙ୍କୁ କିଛି ଏପରି ଶୁଖିଲା ଖାଦ୍ୟ ବିଷୟରେ କହିବାକୁ ଯାଉଛୁ ଯାହା ଆପଣଙ୍କ ହାଡ଼କୁ ମଜବୁତ କରିବା ପାଇଁ ପ୍ରଭାବଶାଳୀ ହେବ। ଯାହାକୁ ଆପଣଙ୍କ ଦୈନନ୍ଦିନ ଖାଇବା ଲିଷ୍ଟରେ ଆଡ଼ କରିବା ଉଚିତ୍। ତେବେ ଆସନ୍ତୁ ସେହି ସବୁ ଖାଦ୍ୟ ସମ୍ପର୍କରେ ଜାଣିବା, ଯାହା ହାଡ଼କୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗଠନ କରିବ।

ବାଦାମ: ବାଦାମକୁ ହାଡ଼ ପାଇଁ ଏକ ବରଦାନ ଭାବରେ ବିବେଚନା କରାଯାଏ। ଏଥିରେ କ୍ୟାଲସିୟମ ଏବଂ ଭିଟାମିନ-ଇ ଭରପୂର ପରିମାଣରେ ଥାଏ। କ୍ୟାଲସିୟମ ହାଡ଼ର ଘନତା ବୃଦ୍ଧି କରେ, ମ୍ୟାଗ୍ନେସିୟମ ଶରୀରକୁ କ୍ୟାଲସିୟମ ଶୋଷଣ କରିବାରେ ସାହାଯ୍ୟ କରେ। ପ୍ରତିଦିନ ସକାଳେ ୫-୬ଟି ଭିଜା ବାଦାମ ଖାଇବା ଦ୍ୱାରା ହାଡ଼ ମଜବୁତ ହୁଏ। ତେଣୁ, ଏହାକୁ ନିଶ୍ଚିତ ଭାବରେ ସେବନ କରନ୍ତୁ।

ଅଞ୍ଜିର: ଯଦି ଆପଣ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଆପଣଙ୍କ ହାଡ଼କୁ ମଜବୁତ ରଖିବାକୁ ଚାହାଁନ୍ତି, ତେବେ ଅଞ୍ଜିର ଖାଇବା ଆରମ୍ଭ କରନ୍ତୁ। ଅଞ୍ଜିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ। ଅଧା କପ୍ ଅଞ୍ଜିରରେ ପ୍ରାୟ ଏକ କପ୍ କ୍ଷୀର ପରି କ୍ୟାଲସିୟମ ଥାଏ। ଅଞ୍ଜିରରେ ପୋଟାସିୟମ ମଧ୍ୟ ଥାଏ। ଯାହା ଶରୀରରୁ କ୍ୟାଲସିୟମ ହ୍ରାସକୁ ରୋକିବାରେ ସାହାଯ୍ୟ କରେ।

କାଜୁ: କାଜୁ ମ୍ୟାଗ୍ନେସିୟମ୍ ଏବଂ ତମ୍ବାରେ ଭରପୂର। ମ୍ୟାଗ୍ନେସିୟମ୍ ହାଡ଼ର ନମନୀୟତା ଏବଂ ଗଠନକୁ ଉନ୍ନତ କରେ, ଯେତେବେଳେ ତମ୍ବା କୋଲାଜେନ ନିର୍ମାଣ କରିବାରେ ସାହାଯ୍ୟ କରେ, ଯାହା ସନ୍ଧିଗୁଡ଼ିକୁ ମଜବୁତ କରେ। ତଥାପି, ଏହାକୁ ସୀମିତ ପରିମାଣରେ ଖାଆନ୍ତୁ।

କିସମିସ୍: କିସମିସ୍‌ରେ ବୋରନ୍ ନାମକ ଏକ ଖଣିଜ ପଦାର୍ଥ ଥାଏ, ଯାହା ହାଡ଼ ଏବଂ ସନ୍ଧି ସ୍ୱାସ୍ଥ୍ୟ ପାଇଁ ଜରୁରୀ। ବୋରନ୍ ଶରୀରକୁ କ୍ୟାଲସିୟମ ଏବଂ ଭିଟାମିନ୍ ଡି ପ୍ରଭାବଶାଳୀ ଭାବରେ ବ୍ୟବହାର କରିବାରେ ସାହାଯ୍ୟ କରେ।

ଅଖରୋଟ: ଅଖରୋଟରେ ଓମେଗା-୩ ଫ୍ୟାଟି ଏସିଡ୍ ଭରପୂର ମାତ୍ରାରେ ଥାଏ। ଏହି ଫ୍ୟାଟି ଏସିଡ୍ ପ୍ରଦାହ କମ କରିଥାଏ ଏବଂ ହାଡ଼କୁ ମଜବୁତ କରିଥାଏ। ଅଖରୋଟ ଖାଇବା ଦ୍ୱାରା ହାଡ଼ ମଜବୁତ ହୋଇପାରିବ।

ସୁସ୍ଥ ଶରୀର ପାଇଁ ମହୌଷଧି ଡାଳିମ୍ବ

ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ। କାହାଁକି ନା ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ରହିବାକୁ ହେଲେ ଭଲ ଖାଦ୍ୟର ଆବଶ୍ୟକତା ରହିଛି। ପନିପରିବା ହେଉ ଅବା ଫଳମୂଳ। ଆମେ ଅନେକ ସମୟରେ ଅନେକ ପ୍ରକାରର ଫଳ ଖାଇଥାଉ। ଯାହାଫଳରେ ଆମ ଶରୀର ଉପରେ ଭଲ ପ୍ରଭାବ ପକାଇଥାଏ। ସେହି ସବୁ ଲାଭକାରୀ ଫଳ ମଧ୍ୟରୁ ଡାଳିମ୍ବ ହେଉଛି ଅନ୍ୟତମ। ଡାଳିମ୍ବ ଯେତିକି ସ୍ୱାଦିଷ୍ଟ ସୁସ୍ଥ ଶରୀର ପାଇଁ ସେତିକି ଫଳପ୍ରଦ ହୋଇଥାଏ। ସାଧାରଣତଃ ଆମେ ଡାଳିମ୍ବର ଉପକାରିତା ସମ୍ପର୍କରେ ଅଳ୍ପ ବହୁତେ ଜାଣିଥାଉ। ଡାଳିମ୍ବରେ ଅନେକ ଲାଭକାରୀ ଗୁଣ ରହିଛି। ଏହାର ମିଠା ସ୍ୱାଦ ସହ ଏହା ଆମ ଶରୀରକୁ ପୋଷକତା ଯୋଗାଇଥାଏ। ଡାଳିମ୍ବ ପ୍ରାୟତଃ ରକ୍ତ ବଢ଼ାଇବା ପାଇଁ ଜଣାଶୁଣା। ଡାଳିମ୍ବରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ, ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ଡାଳିମ୍ବକୁ ସୁପରଫୁଡ ଭାବେ ବିବେଚନା କରାଯାଏ। ଡାଳିମ୍ବ ହେଉଛି ଏକ ଏପରି ଫଳ ଯେଉଁଥିରେ ଅଧିକ କ୍ୟାଲୋରୀ, ଫାଇବର, ଭିଟାମିନ୍ ଏବଂ ଖଣିଜ ପଦାର୍ଥରେ ଭରପୂର ରହିଥାଏ। ଏହା ବ୍ୟତୀତ ଏଥିରେ ଓମେଗା-୬ ଫ୍ୟାଟି ଏସିଡ୍ ଏବଂ ଜିଙ୍କ୍ ଭରପୁର ମାତ୍ରାରେ ରହିଥାଏ। ତେବେ ଏହାକୁ ଖାଲି ପେଟରେ ଖାଇବା ଦ୍ୱାରା କେଉଁ ସବୁ ଫାଇଦା ମିଳିଥାଏ ଆସନ୍ତୁ ଜାଣିବା। ଖାଲି ପେଟରେ ଡାଳିମ୍ବ ଖାଇବା ଦ୍ୱାରା ଶରୀରକୁ ହାଇଡ୍ରେଟ୍ ରଖିଥାଏ। ଏହା ଛଡା ଡାଳିମ୍ବରେ ଭିଟାମିନ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ମିନେରାଲ୍ସ ଥିବାରୁ ଶରୀରକୁ ଶକ୍ତି ପ୍ରଦାନ କରିଥାଏ। ଥକାପଣକୁ ଦୂର କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ଏଥି ସହିତ ଏହା ଖାଇବା ଦ୍ୱାରା ଆକ୍ଟିଭ୍ ଅନୁଭବ ହୋଇଥାଏ। ଡାଳିମ୍ବ ନିୟମିତ ଭାବେ ଖାଇବା ଦ୍ୱାରା ଷ୍ଟେମିନା ବଢ଼ିବାରେ ସହାୟକ ହୋଇଥାଏ। ଏହା ଫ୍ଲାଭୋନୋଲରେ ଭରପୂର ଏବଂ ଶରୀରରେ ଫୁଲା ମଧ୍ୟ କମ୍ କରିଥାଏ। ଏହା ବ୍ୟତୀତ ହାଡ ସମ୍ବନ୍ଧୀୟ ସମସ୍ୟା କମ୍ କରିବାରେ ମଧ୍ୟ ଏହା ସହାୟକ ହୋଇଥାଏ। ଏତିକି ନୁହେଁ ଚମକଦାର ତ୍ୱଚା ପାଇଁ ମଧ୍ୟ ଲାଭକାରୀ ହୋଇଥାଏ ଡାଳିମ୍ବ। ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ସି ଥିବାରୁ ଚମକଦାର ତ୍ୱଚା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଯାହା ଫ୍ରି ରାଡିକିଲ୍ସ ସହ ଲଢ଼ି ଚର୍ମ ବାର୍ଦ୍ଧକ୍ୟତାଠାରୁ ମୁକ୍ତି ଦେଇଥାଏ। ତେଣୁ ଚର୍ମରୋଗ ବିଶେଷଜ୍ଞମାନେ ଉଜ୍ଜ୍ୱଳ ତ୍ୱଚା ପାଇଁ ଡାଳିମ୍ବ ଖାଇବାକୁ ପରାମର୍ଶ ଦେଇଥାନ୍ତି। ଯେଉଁମାନଙ୍କ ପେଟ ଜନିତ ସମସ୍ୟା ଥାଏ ସେମାନେ ଏହାକୁ ଖାଇପାରିବେ। ଏମାନେ ପ୍ରତିଦିନ ଗୋଟିଏ ଲେଖାଏଁ ଡାଳିମ୍ବ ଖାଇପାରିବେ। ଏହାଦ୍ୱାରା କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦୂର ହୋଇଥାଏ। ଶରୀରରେ ମାଂସପେଶୀକୁ ମଜବୁତ କରାଇବା ପାଇଁ ଆପଣ ଡାଳିମ୍ବ ଖାଇପାରିବେ। ଡାଳିମ୍ବ ଏକ କମ୍ କ୍ୟାଲୋରୀଯୁକ୍ତ ଫଳ ହୋଇଥିବାରୁ ଓଜନ ନିୟନ୍ତ୍ରଣ ପାଇଁ ବେଷ୍ଟ ହୋଇଥାଏ। ଯାହାକୁ ସକାଳେ ଖାଲି ପେଟରେ ଖାଇବା ଦ୍ୱାରା ପ୍ରଭାବଶାଳୀ ହୋଇଥାଏ। ଏହାକୁ ଖାଇବା ଦ୍ୱାରା କୋଲେଷ୍ଟ୍ରୋଲର ସ୍ତରକୁ ନିୟନ୍ତ୍ରଣ କରିଥାଏ। ଯାହା ସୁସ୍ଥ ହାର୍ଟ ପାଇଁ ଭଲ ବୋଲି ପ୍ରମାଣିତ ହୋଇଛି।

ପୋଷକ ତତ୍ତ୍ୱର ଭଣ୍ଡାର କୋଳଥ ଡାଲି

ଭାରତୀୟଙ୍କ ପ୍ରଥମ ପସନ୍ଦ ଭାତ ଓ ଡାଲି ହୋଇଥାଏ। ଆପଣ ବିଭିନ୍ନ ପ୍ରକାର ଡାଲି ଖାଇଥିବେ। ହରଡ, ମୁଗ, ମସୁର, ବୁଟ ଇତ୍ୟାଦି ଡାଲି ନିଶ୍ଚିତ ଖାଇଥିବେ। ଯାହା ଆମକୁ ଅନେକ ପ୍ରୋଟିନ ଯୋଗାଇଥାଏ। କିନ୍ତୁ ଏହିସବୁ ଡାଲି ବ୍ୟତୀତ କୋଳଥ ଡାଲି ମଧ୍ୟ ରହିଛି। ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ହୋଇଥାଏ।

କୋଳଥ ଡାଲିକୁ ପୋଷକ ତତ୍ତ୍ୱର ଭଣ୍ଡାର ବୋଲି ବିବେଚନା କରାଯାଏ। ଆୟୁର୍ବେଦ ଅନୁସାରେ ଏହି ଡାଲି ଶରୀରର କଫ, ବାତ ଏବଂ ସହଜରେ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ। ଯେଉଁମାନଙ୍କର ପ୍ରୋଟିନ୍ ଅଭାବଅଧିକ ମାତ୍ରାରେ ଦେଖିବାକୁ ମିଳେ ସେହିମାନଙ୍କ ପାଇଁ ଏହି ଡାଲି ବେଷ୍ଟ ହୋଇଥାଏ। ଯଦି ଆପଣ ନିରାମିଷରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଇବାକୁ ଚାହାଁନ୍ତି ତେବେ ଆପଣଙ୍କ ଡାଏଟ୍ ପ୍ଲାନରେ ନିଶ୍ଚୟ କୋଳଥ ଡାଲି ସାମିଲ କରନ୍ତୁ। ଯାହା ଆପଣଙ୍କୁ ଅନେକ ଲାଭ ପ୍ରଦାନ କରିବ। କୋଳଥ ଡାଲିରେ ପ୍ରୋଟିନ୍ ସହିତ ଫାଇବର, ଆଇରନ୍, କ୍ୟାଲସିୟମ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟର ଗୁଣ ଭରପୂର ମାତ୍ରାରେ ରହିଛି। ଯାହା ଶରୀରକୁ ସୁସ୍ଥ ଓ ସକ୍ରିୟ ରଖିବାରେ ସହାୟକ ହୁଏ। କୋଳଥ ଡାଲି ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଭଲ ରହିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ହୋଇ ରହିଥାଏ। ତେବେ ଏହି ଡାଲି ଖାଇବା ଦ୍ୱାରା କ'ଣ ସବୁ ଲାଭ ହୋଇଥାଏ ଆସନ୍ତୁ ସେ ସମ୍ପର୍କରେ ଜାଣିବା।

କିଡ଼ନୀ ପାଇଁ ଲାଭଦାୟକ: ଯଦି ଆପଣଙ୍କର କିଡ଼ନୀ ଜନିତ ସମସ୍ୟା ରହିଛି ତେବେ କୋଳଥ ଡାଲି ଡାଏଟରେ ସାମିଲ କରନ୍ତୁ। କୋଳଥ ଡାଲି ଖାଇବା ଦ୍ୱାରା କିଡ଼ନୀ ଷ୍ଟୋନକୁ ସହଜରେ ନଷ୍ଟ କରାଯାଇପାରିବ। କୋଳଥ ଡାଲି ଖାଇବା ଦ୍ୱାରା ଏହା ପରିସ୍ରା ମାଧ୍ୟମରେ ଶରୀରରୁ ଷ୍ଟୋନ୍ ବାହାର କରିବାରେ ସାହାଯ୍ୟ କରେ।

ଓଜନ ନିୟନ୍ତ୍ରଣ କରେ: କୋଳଥ ଡାଲି ଖାଇବା ଦ୍ୱାରା ସହଜରେ ଓଜନକୁ କମ୍ କରାଯାଇପାରିବ। ଏଥିରେ ହାଇ ପ୍ରୋଟିନ୍ ଏବଂ ଫାଇବରର ମାତ୍ରା ଭରପୂର ମାତ୍ରାରେ ଥାଏ। ଯାହା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକକୁ ନିୟନ୍ତ୍ରଣରେ ରଖିଥାଏ। ଫଳରେ ଓଜନ ନିୟନ୍ତ୍ରଣରେ ରହିଥାଏ। କୋଳଥ ଡାଲିରେ ପ୍ରୋଟିନ୍ ଥିବାରୁ ଏହା ମାଂସପେଶୀକୁ ମଜବୁତ କରି ରଖିବାରେ ସହାୟକ କରେ। ଏଥିରେ କମ୍ କ୍ୟାଲୋରୀ ଥିବାରୁ ଏହା ଶରୀର ପାଇଁ ଉପକାରୀ ହୋଇଥାଏ।

ସର୍ଦ୍ଦି ଏବଂ କଫ ପାଇଁ ଲାଭକାରୀ: ଯଦି ଆପଣଙ୍କୁ ବାରମ୍ବାର ଥଣ୍ଡା, ଅତ୍ୟଧିକ ନାକ ବନ୍ଦ ଏବଂ ନିଶ୍ୱାସ ନେବାରେ କଷ୍ଟ ହେଉଛି କିମ୍ବା ଯଦି ଆପଣ ସାଇନସ୍ ସମସ୍ୟା ରେ ପୀଡିତ ତେବେ ଆପଣଙ୍କ ଡାଏଟ୍ ଲିଷ୍ଟରେ ନିଶ୍ଚିତ ଭାବେ କୋଳଥ ଡାଲି ଆଡ଼ କରନ୍ତୁ। ଆପଣ କୋଳଥ ଡାଲିକୁ କାଢ଼ା ଭାବରେ ମଧ୍ୟ ସେବନ କରିପାରିବେ।

ପାଚନ ପ୍ରକ୍ରିୟାରେ ସାହାଯ୍ୟ କରେ: ଯେଉଁମାନଙ୍କର ଗ୍ୟାସ୍ ଏବଂ ପାଚନ ସମସ୍ୟା ରହିଛି ସେମାନେ କୋଳଥ ଡାଲି ଖାଇବା ଉଚିତ୍। ଏଥିରେ ଫାଇବରର ଗୁଣ ଭରପୁର ମାତ୍ରାରେ ଥିବାରୁ ପାଚନ ପ୍ରକ୍ରିୟାକୁ ଉନ୍ନତ କରେ।

ହାଡ଼କୁ ମଜବୁତ କରେ: କୋଳଥ ଡାଲିରେ କ୍ୟାଲସିୟମ ଏବଂ ଫସଫରସର ଗୁଣ ରହିଛି। ଯାହା ହାଡ଼କୁ ମଜବୁତ କରି ରଖିଥାଏ। ଏହା ସହିତ ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନଫ୍ଲୋମେଣ୍ଟାଣୀ ଗୁଣ ଥିବାରୁ ପ୍ରଦାହ ହ୍ରାସ କରିବାରେ ସାହାଯ୍ୟ କରେ। ଯଦି ଏହି ସବୁ ସମସ୍ୟା ରହିଛି ତେବେ ନିଶ୍ଚିତ ଭାବେ ଆପଣଙ୍କ ଡାଏଟ୍ ପ୍ଲାନରେ କୋଳତ ଡାଲି ସାମିଲ କରନ୍ତୁ। ଯାହା ଆପଣଙ୍କ ସମସ୍ୟା ଦୂର କରିବାରେ ସାହାଯ୍ୟ କରିବ।

ପୂଜା ମଣ୍ଡପ ବୁଲିଲେ ପାଟକୁରା ବିଧାୟକ

ଛାତ୍ର ସଂସଦର ନବ ନିର୍ବାଚିତ ସଦସ୍ୟଙ୍କ ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା

ଗରଦପୁର, ୧୮।୧୦ (ସଂଚାର ବ୍ୟୁରୋ): ପବିତ୍ର ଶାରଦୀୟ ଦୁର୍ଗା ପୂଜା ଅବସରରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଧାୟକଙ୍କ ସହ ଛାତ୍ର ସଂସଦରେ ନବ ନିର୍ବାଚିତ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ରହି ପୂଜା ମଣ୍ଡପ ବୁଲିଥିଲେ।

ସୂଚନା ଅନୁସାରେ, ବିଧାୟକ ମହାପାତ୍ର ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପକୁ ଯାଇ ମା' ଦୁର୍ଗାଙ୍କ ଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ କରୁଣା ଭିକ୍ଷା କରିଛନ୍ତି।

ଏହି ଗସ୍ତ ସମୟରେ ବିଧାୟକ ଅରବିନ୍ଦ ମହାପାତ୍ର ଛାତ୍ର ସଂସଦର ନବ ନିର୍ବାଚିତ ଛାତ୍ରଛାତ୍ରୀମାନଙ୍କୁ ନିଜ ସହ ନେଇ ପୂଜା ମଣ୍ଡପ ପରିକ୍ରମା କରାଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିବା ଓ ସାମାଜିକ-ସାଂସ୍କୃତିକ ପରମ୍ପରା ସହ ସେମାନଙ୍କୁ ଯୋଡିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ବିଧାୟକ ଅରବିନ୍ଦ ମହାପାତ୍ର କହିଛନ୍ତି, "ମା' ଦୁର୍ଗା ହେଉଛନ୍ତି ଶକ୍ତିର ପ୍ରତୀକ। ମା'ଙ୍କ ନିକଟରେ ପାଟକୁରା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ମଙ୍ଗଳ କାମନା କରିଛି। ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମ ଭବିଷ୍ୟତ, ସେମାନଙ୍କୁ ସହ ନେଇ ପୂଜା ମଣ୍ଡପ ବୁଲିବା ଏକ ଭିନ୍ନ ଅନୁଭୂତି।"

ଏହି ଅବସରରେ ବିଧାୟକଙ୍କ ସମର୍ଥକ, ସ୍ଥାନୀୟ ଜନପ୍ରତିନିଧି, ଆଗଧାଡିର କର୍ମୀ ଓ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

ଉମରକୋଟ ଦଶହରା ବଜାର

ଲୋଭନୀୟ ଅଫର ଓ ଲଟେରୀ ଜାଲରେ ଠକାମିର ଶିକାର ହେଉଛନ୍ତି କି ଗ୍ରାହକ ?

ସ୍ମାର୍ଟଫୋନ୍ ଓ ସ୍କୁଟି ପ୍ରଲୋଭନରେ ଟଙ୍କା ଉଡ଼ାଉଛନ୍ତି କି ?

ହାତଲେଖା ବିଲ୍ ଓ ବିନା ଅନୁମତିରେ ଚାଲିଥିବା ଲକି ଡ୍ର'କୁ ନେଇ ବଡ଼ ପ୍ରଶ୍ନ

ନବରଙ୍ଗପୁର/ଉମରକୋଟ,୧୮।୧୦ (ସଂଚାର ବ୍ୟୁରୋ): ପାର୍ବଣ ଋତୁ ଆସିଲେ ବଜାରରେ ଚଳଚଞ୍ଚଳତା ବଢ଼ିବା ସ୍ୱାଭାବିକ, କିନ୍ତୁ ଏହି ସୁଯୋଗରେ ସାଧାରଣ ଗ୍ରାହକମାନେ କିପରି ଭାବେ ଲୋଭନୀୟ ଅଫର ଏବଂ ନକଲି ପ୍ରତିଶ୍ରୁତିର ଜାଲରେ ପଡୁଛନ୍ତି, ତାହା ବର୍ତ୍ତମାନ ଉମରକୋଟ ବଜାରରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି। ଦଶହରା ବଜାରରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ସୁନା, ରୁପା, ପୋଷାକ ଓ ଇଲେକ୍ଟ୍ରୋନିକ୍ସ ଦୋକାନୀମାନେ ବିଭିନ୍ନ ଆକର୍ଷଣୀୟ ଅଫର ଏବଂ ଲକି ଡ୍ର' କୁପନ୍‌ର ପ୍ରଲୋଭନ ଦେଖାଉଛନ୍ତି। ମାତ୍ର କଠିନ ପରିଶ୍ରମରେ ରୋଜଗାର କରିଥିବା କଷ୍ଟାର୍ଜିତ ଟଙ୍କା ଖର୍ଚ୍ଚ କରିବା ପୂର୍ବରୁ ଏହାର ପ୍ରକୃତ ମୂଲ୍ୟ ଓ ଆଇନଗତ ଦିଗ ପ୍ରତି ସଚେତନ ହେବା ଅତି ଜରୁରୀ ହୋଇପଡ଼ିଛି।

ଟଙ୍କା ଦେଇ ଠକାମିର ଶିକାର ? (ହୀରା-ମୋତି ଝଲକରେ ଲୁଚିଛି ଠକେଇ): ସୂଚନାନୁସାରେ, କେତେକ ବ୍ୟବସାୟୀ ୧୦ ହଜାର କିମ୍ବା ତା'ଠାରୁ ଅଧିକ ଟଙ୍କାର କିଣାକାଟା ଉପରେ ସ୍କୁଟି, ବାଇକ୍, ବୁଲେଟ୍, ସ୍ମାର୍ଟଫୋନ୍, ଫ୍ରିଜ୍, ଟିଭି ଭଳି ମହଙ୍ଗା ପୁରସ୍କାର ମିଳିବାର ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି— ଏତେ ବଡ଼ ମୂଲ୍ୟର ଉପହାର କୌଣସି ବ୍ୟବସାୟୀ ନିଜ ପକେଟରୁ ଦିଅନ୍ତି କି ? ଏହାର ଅର୍ଥ ହେଲା, ସାମଗ୍ରୀର ପ୍ରକୃତ ମୂଲ୍ୟଠାରୁ ଅଧିକ ଦାମ୍ ନେଇ କିମ୍ବା ନିମ୍ନମାନର ସାମଗ୍ରୀକୁ ଅଧିକ ଦାମ୍ରେ ବିକ୍ରି କରି ଏହି ଅଫରଗୁଡ଼ିକର ଖର୍ଚ୍ଚ ଗ୍ରାହକଙ୍କଠାରୁ ଅସୁଲ କରାଯାଉଛି। ତେଣୁ, ଗ୍ରାହକମାନେ ବୁଝିବା ଆବଶ୍ୟକ ଯେ କୌଣସି ଜିନିଷ ମାଗଣାରେ ମିଳେ ନାହିଁ; ଆପଣଙ୍କୁ ବଳକା ଟଙ୍କା ଦେଇ ହିଁ ଏହି 'ଲୋଭନୀୟ ଅଫର' କିଣିବାକୁ ପଡୁଛି।

ପକ୍କା ବିଲ୍ ବଦଳରେ ହାତଲେଖା ବିଲ୍: ସରକାରୀ ରାଜସ୍ୱ ଚୁନ ଓ ଗ୍ରାହକଙ୍କ ଅଧିକାର କ୍ଷୁର୍ଣ୍ଣ

ପାର୍ବଣ ବଜାରର ଭିଡ଼କୁ ଆଟ୍‌ଓ୍ୱାଣ୍ଟେଜ୍ ନେଇ ଅନେକ ଦୋକାନରେ ଗ୍ରାହକଙ୍କୁ ସମ୍ପୂର୍ଣ୍ଣ 'ପକ୍କା ଜିଏସ୍‌ଟି ବିଲ୍' ବଦଳରେ କେବଳ କାଗଜ ଖଣ୍ଡେ ବା ହାତଲେଖା ବିଲ୍ ଦିଆଯାଉଥିବା ଅଭିଯୋଗ ହେଉଛି। ଏପରି ହେଲେ: କାଲି ଯଦି ଆପଣ କିଣିଥିବା ସାମଗ୍ରୀରେ କୌଣସି ତ୍ରୁଟି ଦେଖାଦିଏ, ତେବେ ଆପଣ କୌଣସି ଗ୍ୟାରେଣ୍ଟି କିମ୍ବା ଆଇନଗତ ସୁରକ୍ଷା ପାଇପାରିବେ ନାହିଁ।

ବ୍ୟବସାୟୀମାନେ ସରକାରଙ୍କୁ ଠକି ଜିଏସ୍‌ଟି ଫାଙ୍କୁଛନ୍ତି, ଯାହା ସିଧାସଳଖ ଦେଶ ଓ ରାଜ୍ୟର ବିକାଶ ପ୍ରତି ଏକ ପ୍ରତିବନ୍ଧକ।

ବିନା ଅନୁମତିରେ ଚାଲିଛି ଲକି ଡ୍ର'ର ଖେଳ

ଏଭଳି ଲଟେରୀ କୁପନ୍ ବା ଲକି ଡ୍ର' ଆୟୋଜନ କରିବା ପାଇଁ ପ୍ରଶାସନିକ ଏବଂ ପୋଲିସ ପ୍ରଶାସନର ଆନୁଷ୍ଠାନିକ ଅନୁମତି ନେବା ଅନିବର୍ଷା ଅଟେ। ମାତ୍ର ଉମରକୋଟ ଥାନା ଆଇଆଇସି ଯୁଗଳ ଶବର ସ୍ପଷ୍ଟ କରିଛନ୍ତି ଯେ, ଏସବୁ ଲଟେରୀ ବା ଲକି ଡ୍ର' ସମ୍ବନ୍ଧୀୟ କୌଣସି ବିଜ୍ଞପ୍ତି କିମ୍ବା ଅନୁମତିପତ୍ର ଥାନାରୁ ନିଆଯାଇ ନାହିଁ। ଅର୍ଥାତ୍, ଏହି ସବୁ ଲଟେରୀ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବେଆଇନ ଭାବେ ଚାଲିଛି, ଯେଉଁଥିରେ ସାଧାରଣ ଲୋକଙ୍କୁ ଠକିବାର ପୂର୍ଣ୍ଣ ସମ୍ଭାବନା ରହିଛି।

ଉମରକୋଟର ବୁଦ୍ଧିଜୀବୀ ଓ ସଚେତନ ଗ୍ରାହକଙ୍କ ପାଇଁ ପରାମର୍ଶ: ଅଫରର ମୋହରୁ ଦୂରେଇ ରୁହନ୍ତୁ: କୌଣସି ଜିନିଷ କିଣିବାବେଳେ ତାର କୁପନ୍ ବା ଉପହାରକୁ ନ ଦେଖି, ସାମଗ୍ରୀର ଗୁଣବତ୍ତା ଏବଂ ପ୍ରକୃତ ମୂଲ୍ୟକୁ ପ୍ରାଥମିକତା ଦିଅନ୍ତୁ।

ସବୁବେଳେ ପକ୍କା ବିଲ୍ ମାଗନ୍ତୁ: ହାତଲେଖା ବିଲ୍ ଗ୍ରହଣ କରନ୍ତୁ ନାହିଁ। ପକ୍କା ବିଲ୍ ଆପଣଙ୍କ ଆଇନଗତ ଅଧିକାର।

ପ୍ରଶାସନିକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି: ବଜାରରେ ଚାଲିଥିବା ଏହି ବେଆଇନ ଲଟେରୀ ଏବଂ ଠକାମି କାର୍ଯ୍ୟକଳାପ ଉପରେ ଜିଲ୍ଲା ପ୍ରଶାସନ ଓ ଟିକସ ବିଭାଗ ତୁରନ୍ତ ତଦନ୍ତ କରି କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

'ମୋ ଗାଁ ମୋ ଗର୍ବ'ର ସେବା ଅଭିଯାନ

କାଳିଆକଣରେ ମାଗଣା ସ୍ୱାସ୍ଥ୍ୟ ଶିବିର

୧୧୩ ରୋଗୀ ଉପକୃତ

କାକଟପୁର/ଅସ୍ତରଙ୍ଗ, ୧୮।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଳିଆକଣ ଗ୍ରାମର ଓଶଡମା ବାତ୍ୟା ଆଶ୍ରୟସ୍ଥଳୀରେ "ମୋ ଗାଁ ମୋ ଗର୍ବ" ସଂଗଠନ ତରଫରୁ ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗାଁ ଲୋକଙ୍କ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ଏହି ଶିବିର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଏହି ଶିବିରକୁ ନେଇ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଶିବିର ନଗର ବେହେରା ସାହି ଓ କାଳିଆକଣ ଦୁଇ ଗ୍ରାମର ମିଶନ ଶକ୍ତି ମହିଳା ସଦସ୍ୟା, ସିଆରପି ଏବଂ କାଳିଆକଣ କ୍ରିକେଟ କ୍ଲବର ସଦସ୍ୟମାନଙ୍କ ସହାୟତାରେ ଅନୁଷ୍ଠିତ ହୋଇଥିଲା। "ମୋ ଗାଁ ମୋ ଗର୍ବ" ର ଆବାହକ ଶ୍ରୀଯୁକ୍ତ ଅରୁଣ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉପସ୍ଥିତ ଥିଲେ ମୋ ଗାଁ ମୋ ଗର୍ବ "ସଦସ୍ୟ ମାନେ।

ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ବୃଦ୍ଧ, ବୃଦ୍ଧା, ଶାରୀରିକ ଭିନ୍ନକ୍ଷମ, ଶିଶୁ ଓ ସାଧାରଣ ବର୍ଗର ମୋଟ ୧୧୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ରକ୍ତଚାପ, ମଧୁମେହ, ଥଣ୍ଡା ଜ୍ୱର, ପେଟ ଜନ୍ତ୍ରଣା ଆଦି ସାଧାରଣ ରୋଗର ପରୀକ୍ଷା କରାଯାଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଦୀର୍ଘ ଦିନ ହେବ ଚର୍ମ ରୋଗରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ନ ପାଇ ହଇରାଣ ହେଉଥିବା ୧୦ ଜଣ ରୋଗୀଙ୍କୁ ଚର୍ମ ରୋଗ ବିଶେଷଜ୍ଞ ଡା. ଅନିଶା ଟେଲି କନଫରେନ୍ସ ଜରିଆରେ ସିଧାସଳଖ ପରାମର୍ଶ ଦେଇଥିଲେ। ଔଷଧ କିପରି ଖାଇବେ, କଣ ପରହେଜ କରିବେ ସେ ବିଷୟରେ ବୁଝାଇଥିଲେ। ଏହି ନୂଆ ବ୍ୟବସ୍ଥା ଆବାହକ ଅରୁଣ କୁମାର ବିଶ୍ୱାଳ ନିଜେ ଆୟୋଜନ କରିଥିଲେ।

ଏହି ଅବସରରେ "ମୋ ଗାଁ ମୋ ଗର୍ବ" ର ଆବାହକ ଅରୁଣ କୁମାର ବିଶ୍ୱାଳ କହିଛନ୍ତି, "ମୋ ଗାଁ ମୋ ଗର୍ବ କେବଳ ଏକ ସଂଗଠନ ନୁହେଁ, ଏହା ଗୋଟେ ଭାବନା। ଆମ ଗାଁ ଲୋକ ସୁସ୍ଥ ରହିଲେ ଗାଁ ସୁନ୍ଦର ହେବ। ବହୁତ ବୃଦ୍ଧ, ଭିନ୍ନକ୍ଷମ ଲୋକ ଡାକ୍ତରଖାନା ଯାଇପାରୁ ନାହାନ୍ତି। ତେଣୁ ଆମେ ଡାକ୍ତରଙ୍କୁ ଗାଁକୁ ଆଣିଛୁ। ଆଗକୁ ମଧ୍ୟ ପ୍ରତି ମାସରେ ଏମିତି ଶିବିର କରିବୁ। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ସଂସ୍କୃତି ଏହି ଚାରିଟି ସ୍ତମ୍ଭ ଉପରେ ଆମ କାମ ଜାରି ରହିବ।"

ସୂଚନା ଅନୁସାରେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ଅଞ୍ଚଳରେ ଗଢ଼ି ଉଠିଥିବା "ମୋ ଗାଁ ମୋ ଗର୍ବ" ସଂଗଠନ ଆବାହକ ଅରୁଣ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଓ ପରିବେଶକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ପାଖାପାଖି ଗ୍ରାମାଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ସାୟଂକାଳୀନ ମାଗଣା ଶିକ୍ଷା କେନ୍ଦ୍ର ଖୋଲି ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ପାଠ ପଢାଯାଉଛି।

ଏହି ଶିବିରରେ ପଲି କ୍ଲିନିକ ଡାକ୍ତର, ଅନ୍ୟ କର୍ମଚାରୀ, "ମୋ ଗାଁ ମୋ ଗର୍ବ" ସଦସ୍ୟ ଓ ଡା. ଅନିଶା ସଂଗଠନର ୧୪ ଜଣ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ। କାଳିଆକଣ କ୍ରିକେଟ କ୍ଲବର ଜ୍ଞାନ ବେହେରା, ସମାଜସେବୀ ହିମାଂଶୁ ବେହେରା, ମିଶନ ଶକ୍ତି, ସିଆରପି ଓ ଗ୍ରାମ୍ୟ କମିଟି ସଦସ୍ୟଙ୍କ ସମେତ ସ୍ଥାନୀୟ ବାସିନ୍ଦା ଅରୁଣ କୁମାର ବିଶ୍ୱାଳଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ।

ପୀଠରେ ଅଷ୍ଟମୀ, ମଣ୍ଡପରେ ସପ୍ତମୀ

ଶକ୍ତିପୀଠଠାରୁ ପୂଜାମଣ୍ଡପ ଯାଏଁ ମା' ଦୁର୍ଗାଙ୍କ ଆରାଧନା

ଭକ୍ତିମୟ ପରିବେଶରେ କଞ୍ଚୁଛି କେନ୍ଦ୍ରାପଡ଼ା

କେନ୍ଦ୍ରାପଡ଼ା,୧୮।୧୦ (ସଂଚାର ବ୍ୟୁରୋ): ପାର୍ବଣର ଆନନ୍ଦରେ ଉତ୍ସବମୁଖର ହୋଇଉଠିଛି ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲା। ଶାରଦୀୟ ଦୁର୍ଗାପୂଜା ଅବସରରେ ଜିଲ୍ଲାର ବିଭିନ୍ନ ଶକ୍ତିପୀଠ ଓ ପୂଜାମଣ୍ଡପରେ ଚାଲିଛି ମା' ଦୁର୍ଗାଙ୍କ ଆରାଧନା। ତିଥିର ଭିନ୍ନତା ଯୋଗୁଁ ଆଜି ପୀଠରେ ଅଷ୍ଟମୀ ପୂଜା ପାଳନ କରାଯାଇଥିବା ବେଳେ ମଣ୍ଡପଗୁଡ଼ିକରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ଘଣ୍ଟଘଣ୍ଟା, ଶଙ୍ଖଧ୍ୱନି, ମନ୍ତ୍ରପାଠ ଓ ଚଣ୍ଡୀପାଠରେ ମୁଖରିତ ହୋଇଉଠିଛି ବିଭିନ୍ନ ପୂଜାସ୍ଥଳୀ।

ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମା'ଙ୍କ ଆଗମନକୁ ନେଇ ଭକ୍ତଙ୍କ ମଧ୍ୟରେ ଦେଖାଦେଇଛି ଅପୂର୍ବ ଉତ୍ସାହ। ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିବାକୁ ସକାଳୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ଭକ୍ତମାନେ ମା'ଙ୍କ ଆଶୀର୍ବାଦ କାମନା କରିଥିଲେ। ଶକ୍ତିପୀଠଗୁଡ଼ିକରେ ଅଷ୍ଟମୀ ପୂଜାର ବିଶେଷ ମହତ୍ତ୍ୱ ରହିଥିବାରୁ ଅନେକ ଭକ୍ତ ମା'ଙ୍କ ଦର୍ଶନ ପାଇଁ ପହଞ୍ଚିଥିଲେ।

ଅନ୍ୟପକ୍ଷରେ ପୂଜାମଣ୍ଡପଗୁଡ଼ିକରେ ସପ୍ତମୀ ପୂଜା ସହ ଆରମ୍ଭ ହୋଇଛି ପାର୍ବଣର ଆଧ୍ୟାତ୍ମିକ ଉତ୍ସବ। ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ତୋରଣ, ସୁସଜ୍ଜିତ ମଣ୍ଡପ ଓ ରଙ୍ଗିନ ଆଲୋକମାଳା ପୂଜାର ଆକର୍ଷଣ ବଢ଼ାଇଛି। ପୂଜା କମିଟିଗୁଡ଼ିକ ପକ୍ଷରୁ ମା'ଙ୍କ ପୂଜା ପାଇଁ ବିଭିନ୍ନ ଆୟୋଜନ କରାଯାଇଛି। ସନ୍ଧ୍ୟା ହେବା ସହ ପୂଜାମଣ୍ଡପଗୁଡ଼ିକରେ ଭକ୍ତଙ୍କ ଭିଡ଼ ବଢ଼ିବା ସହ ପାର୍ବଣର ମାହୋଲ ଅଧିକ ଜମିଥିଲା।

କେନ୍ଦ୍ରାପଡ଼ା ସହର ସମେତ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ମଧ୍ୟ ଦୁର୍ଗାପୂଜାକୁ ନେଇ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ପୂଜା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ହୋଇ ରହିନାହିଁ, ବରଂ ଏହା ସାମାଜିକ ଏକତା, ଭାଇଚାରା ଓ ସାଂସ୍କୃତିକ ପରମ୍ପରାର ଏକ ମହାନ ଉତ୍ସବ ଭାବେ ଉଭା ହୋଇଛି। ଗାଁଠୁ ସହର ଯାଏଁ ସବୁଠି ପାର୍ବଣର ଉତ୍ସାହ ଅନୁଭୂତ ହେଉଥିବା ବେଳେ ମା'ଙ୍କ ଆଗମନରେ ଭକ୍ତିମୟ ହୋଇଉଠିଛି ପରିବେଶ।

ଆସନ୍ତା ଦିନଗୁଡ଼ିକରେ ମହାଷ୍ଟମୀ, ମହାନବମୀ ଓ ବିଜୟାଦଶମୀର ବିଭିନ୍ନ ପର୍ବପର୍ବାଣିକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆହୁରି ଉତ୍ସାହ ବଢ଼ିବାର ଆଶା ରହିଛି। ଶାନ୍ତିଶୃଙ୍ଖଳାର ସହ ପୂଜା ସମ୍ପନ୍ନ କରିବାକୁ ପୂଜା କମିଟିଗୁଡ଼ିକ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ମା' ଦୁର୍ଗାଙ୍କ ଆରାଧନାରେ ମଗ୍ନ ହୋଇ ଭକ୍ତମାନେ ସୁଖ, ସମୃଦ୍ଧି ଓ ଶାନ୍ତି ପାଇଁ ପ୍ରାର୍ଥନା କରୁଛନ୍ତି।

ଝରିଗାଁ ନିର୍ବାଚନମଣ୍ଡଳୀରେ ବିଜେପିର ଶକ୍ତି ପ୍ରଦର୍ଶନ

ବିଜେଡି ଓ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହେଲେ ଶତାଧିକ କର୍ମୀ

ଉମରକୋଟ/ଝରିଗାଁ, ୧୮।୧୦ (ସଂଚାର ବ୍ୟୁରୋ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଝରିଗାଁ ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟି (ବିଜେପି) ନିଜର ସାଂଗଠନିକ ସ୍ଥିତିକୁ ଆହୁରି ମଜବୁତ୍ କରିବାରେ ଲାଗିଛି। ଏହି କ୍ରମରେ ଉମରକୋଟ ବ୍ଲକ୍‌ର ହୀରାପୁର ପଞ୍ଚାୟତ ଏବଂ ଝରିଗାଁ ବ୍ଲକ୍‌ର ଗୁରୁସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ବାଇଙ୍କାଧୋଡ଼ି ଗ୍ରାମଠାରେ ଏକ ଭବ୍ୟ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ଓ କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମୀ ଦଳ ଛାଡ଼ି ବିଜେପିର ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଛନ୍ତି।

ହୀରାପୁର ପଞ୍ଚାୟତର ଖାଣ୍ଡା ମଣ୍ଡଳଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ନରସିଂହ ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ମଣ୍ଡଳ ସଭାପତି ଉତ୍ତମ ହରିଜନ, ଏସ୍‌ସି ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରତିନିଧି ସମୀରଞ୍ଜନ ରାୟ ଏବଂ ବିଧାୟକଙ୍କ ମିଡିଆ ପ୍ରତିନିଧି ଗିରିଧାରୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟଧାରାରେ ଆସ୍ଥା ପ୍ରକଟ କରି ସେମାନେ ବିଜେପିରେ ଯୋଗ ଦେଇଥିବା ନବାଗତ କର୍ମୀମାନେ ପ୍ରକାଶ କରିଛନ୍ତି। ଏହି ନୂତନ ମିଶ୍ରଣ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ସାଂଗଠନିକ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ ଓ ଗତିଶୀଳ କରିବ ବୋଲି ଦଳୀୟ ନେତୃବୃନ୍ଦ ଆଶାବ୍ୟକ୍ତ କରିଛନ୍ତି।

ମାଲକାନଗିରିରେ ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ପୂର୍ତ୍ତି ସମାରୋହ

ମାଲକାନଗିରି,୧୮।୧୦ (ସଂଚାର ବ୍ୟୁରୋ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଶତାବ୍ଦୀ ପୂର୍ତ୍ତି ଅବସରରେ ମାଲକାନଗିରିଠାରେ ଏକ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂସେବକ ଯୋଗଦେଇ ପଥ ସଞ୍ଚଳନ କରିଥିବା ବେଳେ ଏହା ସହିତ ଶକ୍ତି ପୂଜନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏହି ସମାରୋହରେ ଅବସରପ୍ରାପ୍ତ ସୈନିକ ଗଙ୍ଗାଧର ଧାରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ସେହିପରି ସହପ୍ରାନ୍ତ ଶାରୀରିକ ପ୍ରମୁଖ ସମାରୁ ପଢ଼ିଆମି, ବିଭାଗ କାର୍ଯ୍ୟବାହ କାର୍ତ୍ତିକ ଚନ୍ଦ୍ର ନାୟକ, ଜିଲ୍ଲା କାର୍ଯ୍ୟବାହ ପରିତୋଷ ସରକାର ଏବଂ ସହପ୍ରାନ୍ତ ସେବା ପ୍ରମୁଖ ରବୀନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଶତାବ୍ଦୀ ପୂର୍ତ୍ତି ସମାରୋହ ଅବସରରେ ଆୟୋଜିତ ପଥ ସଞ୍ଚଳନ ଓ ଶକ୍ତି ପୂଜନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ୱୟଂସେବକଙ୍କ ଉପସ୍ଥିତି ଥିଲା।

୬୫ ବର୍ଷରେ କୁଜଙ୍ଗ